ପୃଷ୍ଠା ୬

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସଭାପତି ହେଲେ କ୍ରିଷ୍ଟି କୋଭେଣ୍ଟ୍ରି

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ସଞ୍ଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 355 | ଭାଗ ୩୨ | ସଂଖ୍ୟା ୩୫୫ | Bhubaneswar | Saturday 22 March 2025 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୨୨ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟକୁ କ୍ୟାବିନେଟ ମଞ୍ଜୁରୀ

ଓଡ଼ିଶା ସ୍ୱାସ୍ଥ୍ୟସେବାରେ ନମୋ ଯୁଗ

- ୫ ବର୍ଷ ପାଇଁ ୨୭ ହଜାର ୧୯ କୋଟିର ବ୍ୟୟବରାଦ
- ଯୋଡି ହେବେ ଅଧିକ ୬ ଲକ୍ଷ ହିତାଧିକାରୀ
- ଡିଏମ୍ଏଫ୍ ପାଣ୍ଠି ନିୟମରେ ସଂଶୋଧନକୁ ଅନୁମୋଦନ
- ଖଣି ପ୍ରଭାବିତ ଅଞ୍ଚଳ ପରିସୀମା ୧୫ କିମିକୁ ବୃଦ୍ଧି
- ଦୂର ହେଲା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ଥଇଥାନ ଦ୍ୱନ୍ଦ୍ୱ
- ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫କୁ କ୍ୟାବିନେଟ ମଂଜୁରୀ
- ଗଠନ ହେବ ସ୍ୱୟଂଶାସିତ ରାଜ୍ୟ ରାଜପଥ ପ୍ରାଧିକରଣ
- ବଦଳିଲା ଘରବାରି ହୀନ ବ୍ୟକ୍ତିଙ୍କ ସଂଜ୍ଞା

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି। ଏ ସମ୍ପର୍କରେ ଆଜି ବିଧାନସଭାରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସଂପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୦ଟି ପ୍ରସ୍ତାବ ଅନୁମୋଦନ ମିଳିଛି। ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧ କୋଟି ୦୩ ଲକ୍ଷ ପରିବାରର ୩କୋଟି ୪୬ ଲକ୍ଷ ହିତାଧିକାରୀ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ସୁବିଧା ପାଇବେ। ଏହାସହ, ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ, ଆର୍ଥିକ ବର୍ଗ ନିର୍ବିଶେଷରେ, ସମସ୍ତ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା ଲାଗୁ କରାଯିବ। ଏହାଦ୍ୱାରା ସେମାନେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ପାଇ ପାରିବେ।

ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ ହିତାଧିକାରୀମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ପୃଷ୍ଠା-୬

ଟାଣୁଆ ନେତାଙ୍କୁ ହରାଇଲା କଂଗ୍ରେସ

୬୬ ବର୍ଷ ବୟସରେ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ

କେନ୍ଦ୍ରାପଡା, ୨୧।୩ (ସଂଚାର ବ୍ୟୁରୋ): ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି। ଦୀର୍ଘ ଦିନ ହେଲା ସେ କ୍ୟାନସରରେ ପୀଡିତ ଥିଲେ। ୬୬ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ଦେବେନ୍ଦ୍ର।

କେନ୍ଦ୍ରାପଡ଼ା କଂଗ୍ରେସର ଟାଣୁଆ ନେତା ଭାବେ ଜଣାଶୁଣା ଥିଲେ ଦେବେନ୍ଦ୍ର ଶର୍ମା। ୨୦୧୪ ନିର୍ବାଚନରେ ଦେବେନ୍ଦ୍ର ଶର୍ମା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କଂଗ୍ରେସର ଦୃଢ଼ ସଙ୍ଗଠକ ଥିବା ଦେବେନ୍ଦ୍ର ଅସୁସ୍ଥତା କାରଣରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇନଥିଲେ। ଦେବେନ୍ଦ୍ରଙ୍କ ବଦଳରେ ତାଙ୍କ ଝିଅଙ୍କୁ ପ୍ରାର୍ଥୀ କରିଥିଲା ଦଳ। ଅନ୍ୟପଟେ ଦେବେନ୍ଦ୍ରଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି କଂଗ୍ରେସର ଅନେକ ନେତା। ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କ ବିୟୋଗ ଖବର ପାଇବା ପରେ ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ, ଦେବେନ୍ଦ୍ର ବାବୁ ଆମ କଂଗ୍ରେସ ପରିବାରର ଜଣେ ବରିଷ୍ଠ ସଦସ୍ୟ ଥିଲେ।ତାଙ୍କ ବିୟୋଗ କେବଳ କେନ୍ଦ୍ରାପଡ଼ା ନୁହେଁ ସାରା ଓଡ଼ିଶାରେ ବିଶେଷ କରି କଂଗ୍ରେସ ପରିବାର ରେ ଶୋକର ଛାୟା ଖେଳିଯାଇଛି। କଂଗ୍ରେସ ଦଳରେ ଦୀର୍ଘବର୍ଷ ଧରି ବିଭିନ୍ନ ପଦପଦବୀ ରେ ରହି କଂଗ୍ରେସ ଦଳକୁ ସୁସଂଗଠିତ କରିବା ସହ ମଜବୁତ୍ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଥିଲେ।ତାଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି।

ସ୍ୱର୍ଗତ ଶର୍ମାଙ୍କ ବିୟୋଗ ଖବର ପାଇ ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ପାଟକୁରା ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନଗୋ ପ୍ରମୁଖ ବହୁ କଂଗ୍ରେସ ନେତା ତାଙ୍କ ଶେଷ ଦର୍ଶନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ପରିବାରଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି।

ଜଷ୍ଟିସ ହରିଶ ଟଣ୍ଡନ ମୁଖ୍ୟ ବିଚାରପତି

କଟକ, ୨୧।୩ (ସଂଚାର ବ୍ୟୁରୋ: ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଲେ ଜଷ୍ଟିସ ହରିଶ ଟଣ୍ଡନ। କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ଜାରି ହେଲା ବିଜ୍ଞପ୍ତି। ବର୍ତ୍ତମାନ କଲିକତା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି ଜଷ୍ଟିସ ଟଣ୍ଡନ। କିଛି ଦିନ ପୂର୍ବରୁ ଜଷ୍ଟିସ ଟଣ୍ଡନଙ୍କ ନାଁ ସୁପାରିଶ କରିଥିଲେ ସୁପ୍ରିମକୋର୍ଟ କଲେଜିୟମ। ଚଳିତ ବର୍ଷ ଜାନୁଆରୀ ୧୯ ତାରିଖରେ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ପୃଷ୍ଠା-୬

ବ୍ୟାଙ୍କ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ବନ୍ଦ ହେବ ନାହିଁ ବ୍ୟାଙ୍କ। ସ୍ଥଗିତ ରହିଲା ଦୁଇ ଦିନିଆ ବ୍ୟାଙ୍କ ଧର୍ମଘଟ। ୨୪ ଓ ୨୫ରେ ହେବାକୁ ଥିବା ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଲା। ବ୍ୟାଙ୍କ ସଙ୍ଗର ଦାବିକୁ ଶୁଣିବାକୁ ସରକାର ରାଜି ହୋଇଛନ୍ତି ବୋଲି ବ୍ୟାଙ୍କ ଧର୍ମଘଟ ବନ୍ଦ ରହିଲା। ଦୁଇ ମାସ ଭିତରେ ଦାବି ବିଚାର ନେଇ ପ୍ରତିଶ୍ରୁତି ମିଳିଛି ବୋଲି ସଙ୍ଘ କହିଛି। ଦାବି ଶୁଣିବାକୁ ପ୍ରତିଶ୍ରୁତି ପରେ ବ୍ୟାଙ୍କ ଧର୍ମଘଟ ସ୍ଥଗିତ କରାଯାଇଛି। ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିଅନ୍ସ ଏହି ବନ୍ଦ ଡାକରା ଦେଇଥିଲା। ମୋଟ ୯ଟି ଦାବି ନେଇ ଏହି ଧର୍ମଘଟ କରିବାକୁ ପ୍ରସ୍ତୁତ ଥିଲା ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ। ବ୍ୟାଙ୍କିଂ କ୍ଷେତ୍ରରେ ୫ ଦିନର କାର୍ଯ୍ୟ ସପ୍ତାହ ପାଇଁ ଦାବି କରାଯାଇଥିଲା। ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ଦାବି କରାଯାଇଥିଲା।

ଧର୍ମଶାଳାରେ ଲଘୁ ଖଣିଜ ଚୋରି ଅଣାୟତ

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ ଅଣାୟତ ଅବସ୍ଥାରେ ପହଞ୍ଚିଛି ବୋଲି ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ଧର୍ମଶାଳା ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ। ଶ୍ରୀ ବଳବନ୍ତରାୟ କହିଥିଲେ ଯେ, ବର୍ତ୍ତମାନର ବିଧାୟକ ଶ୍ରୀ ହିମାଂଶୁ ସାହୁ ତାଙ୍କ ବୟାନରେ ଅଧିକାଂଶ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ କାର୍ଯ୍ୟରେ ବିଜେଡି କର୍ମୀମାନେ ନିୟୋଜିତ ହୋଇଛନ୍ତି ବୋଲି ଅଭିଯୋଗ କରିବା ସହିତ ବିଜେଡି ସରକାର ସମୟରେ ଧର୍ମଶାଳା ଅଞ୍ଚଳରୁ ବେଆଇନ ଖଣି ଖନନ ପାଇଁ ଜୋରିମାନା ଆକାରରେ ୩୦୦ ଶହ କୋଟିରୁ ଉର୍ଦ୍ଧ୍ୱ ଫାଇନ୍ ଆଦାୟ କରାଯାଇଥିଲା ବୋଲି ସ୍ୱୀକାର କରିଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେବା ପରେ ଶ୍ରୀ ସାହୁ କେହି ଖଣି ଚୋର ପୃଷ୍ଠା-୬

- ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ
- ବିଧାୟକ ଖଣି ଚୋରଙ୍କୁ ବନ୍ଧା ହେବାର ଧମକ ଦେଇ ତାଙ୍କ ସହ ବନ୍ଧୁ ବାନ୍ଧିଲେ
- ସ୍ଥାନୀୟ ଲୋକେ ଚୋରା ଗାଡିକୁ ରୋକୁଥିବା ବେଳେ ପୋଲିସ ମୁକୁଳାଉଛି
- ଖଣି ଚୋରିକୁ ଜେନାପୁର ଓ ଧର୍ମଶାଳା ପୋଲିସ୍ ସହଯୋଗ କରୁଛନ୍ତି

ଖଣି ଓ କଳ୍ପାନୀ ଗୁଲାମ ହେବନି ମହାନଦୀ

- ଆପୋଷ ଆଲୋଚନାରେ ବିବାଦର ହେବ ସମାଧାନ
- ଦୁର୍ନୀତିର ଗନ୍ତାଘର ଥିଲା ଜଳସମ୍ପଦ ବିଭାଗ

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ମହାନଦୀ ପାଇଁ ଆମ ସମସ୍ତେ ଚିନ୍ତା କରିବା ଉଚିତ । କାରଣ ଆମ ଭାବାବେଗ ସହିତ ମହାନଦୀ ଜଡ଼ିତ । ମହାନଦୀ ଆମ ଜୀବନ ରେଖା । ୨୩ ଟି ଜିଲ୍ଲା ମହାନଦୀ ଉପରେ ଭରସା କରନ୍ତି । ସେ କହିଛନ୍ତି ଯେ, ଗୃହରେ ପ୍ରତିଶ୍ରୁତି ଦେବାକୁ ଚାହେଁ ନିଶ୍ଚିତ ଭାବେ ମହାନଦୀକୁ ଖଣି ଓ କଳ୍ପାନୀଙ୍କ ଗୋଲାମୀ କିମ୍ବା ଅଣ ଓଡିଆଙ୍କ ତୁଷ୍ଟିକରଣ କରିବାକୁ ଦିଆଯିବନି। ଏଥିସହିତ ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଆମ ସରକାର ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି । ରାଜସ୍ଥାନରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ, ସଚିବ ଓ ଛତିଶଗଡ଼ର ଜଳସମ୍ପଦ ମନ୍ତ୍ରୀଙ୍କ ସହ ଦୁଇ ତିନିଟି ପର୍ଯ୍ୟାୟରେ ଆଲୋଚନା ହୋଇଛି । ମହାନଦୀ ପାଇଁ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

ଜଳ ସମ୍ପଦ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ସେ ଏହା କହିବା ସହ ପୂର୍ବ ସରକାରରେ ଜଳସମ୍ପଦ ବିଭାଗକୁ କିଭଳି ଅଣଦେଖା କରାଯାଇଥିଲା ତାର ଲମ୍ବା ଚିଠା ଖୋଲିଛନ୍ତି। ପୂର୍ବ ସରକାର ସମୟରେ ଜଳସମ୍ପଦ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଥିଲା। ଜଳସେଚନ ଲକ୍ଷ୍ୟରୁ ଆମେ ବିଚ୍ୟୁତ ହୋଇଛୁ। ପୃଷ୍ଠା-୬

ଇନ୍ସପେକ୍ଟର ୪୨୦

କମିଶନରେଟ୍ ପୁଲିସ୍ରେ ଜଣେ ୪୨୦ ଇନ୍ସପେକ୍ଟରକୁ ନେଇ ଚର୍ଚ୍ଚା ଲାଗି ଲାଗି ରହିଛି। ସେ ୪୨୦ ନୁହନ୍ତି, ସେ ଯାହା କରିଛନ୍ତି ଯଦି ପୁଲିସ୍ ତାଙ୍କ ବିରୋଧରେ ଯଦି ମାମଲା ରୁଜୁ କରିବା ତା'ହେଲେ ବିଏନ୍ଡ୍ ଦଫା ୩୧୮ ଲାଗିବ। ଯାହା ଆଇପିସି ଦଫା ୪୨୦ ଥିଲା। ବାବୁଙ୍କ କାରମାନା ଆମେ ଆପଣଙ୍କୁ ଅତି ସହଜରେ ବୁଝାଇ ଦେଉଛି। ବାବୁ ଜଣଙ୍କ ମାଲ୍ ଖର୍ଚ୍ଚ କରି ୨୦୨୦ ଜୁଲାଇରେ ଭୁବନେଶ୍ୱର ଆସିଥିଲେ। ପ୍ରଥମେ ତାଙ୍କୁ ଚନ୍ଦ୍ରଶେଖରପୁର ଥାନା ମିଳିଥିଲା। ଖାଦ୍ୟା ଅପେକ୍ଷା ଟଙ୍କା ଅଧିକ ଖାଇଲେ। ଯୁବତୀଙ୍କୁ ଖରାପ ବ୍ୟବହାର କରି ଥାନାରୁ ବିଦା ହେଲେ। ଦୀର୍ଘ ମାସ ଡିସିପି ଅଫିସ୍ରେ ବସିବା ପରେ ଜମିବାଡି ଥାନା ପାଇ ନାଲା ପଡିଗଲେ। ନିର୍ବାଚନ ପୂର୍ବରୁ ସେ କଟକ ଗଲେ।

ନୂଆ ସରକାର ଆସିବା ପରେ ସେ ନିଜକୁ ଉପମୁଖ୍ୟମନ୍ତ୍ରୀଙ୍କ ପୁଡୁର କହି ବୁଲିଲେ। କିଛି ପୁଲିସ୍ ଅଧିକାରୀ ତାଙ୍କୁ ବିଶ୍ୱାସ ମଧ କଲେ। ସବୁ ଠାରୁ ଆଶ୍ଚାର୍ଯ୍ୟ କଥା ହେଲା ବାବୁ ଜଣଙ୍କ ୧୮ ଜଣ ଅଫିସରଙ୍କୁ ଭଲ ଥାନା ଓ ଏସ୍ପିପିଓ କରାଇ ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ନେଇ ଗଲେ। କ୍ରୀକେଟର ଯୁବରାଜ ସିଂହଙ୍କ ୬ଟି ବଲ୍ରେ ୬ଟି ଛକା ଭଳି ଶତ ପ୍ରତିଶତ ପଦବୀ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟଙ୍କା ଦେଇଥିବା ବାବୁମାନେ ଭଲ ଥାନା ପାଇ ଭଲ ରୋଜଗାର କରିବେ ବୋଲି 'ଝେନା ଝିଲି' ଖାଇ ଆରାମରେ ବସିଥିଲେ। ହେଲେ ଟଙ୍କା ନେଇଥିବା ଇନ୍ସପେକ୍ଟର ଜଣଙ୍କର ଗତ କିଛି ଦିନ ତଳେ ବଦଳି ହୋଇ ଯାଇଛି। ଥାନା ବାହାର କରି ଅଫିସ୍ରେ ଫିଙ୍ଗି ଦେଇଛନ୍ତି। ଟଙ୍କା ଦେଇଥିବା ପୁଲିସ୍ ବାବୁମାନେ ପୃଷ୍ଠା-୬

ନୂଆ ମେଣ୍ଟର ମୂଳଦୂଆ

- ବାହାନା ସୀମା ପୁନଃ ନିର୍ଦ୍ଧାରଣ
- ବିଜେପି ଭୟରେ ଏକାଠି

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ଆଳକରି ଉଭୟ ବିଜେଡି ଓ କଂଗ୍ରେସର ଦାକ୍ଷିଣାତ୍ୟ ଅଭିଯାନ ରାଜ୍ୟରେ ବିଜେଡି-କଂଗ୍ରେସ ମେଣ୍ଟର ନୂଆ ସମୀରକରଣର ଆଭାସ ଦେଇଛି। ଗତ କିଛିଦିନ ହେଲା ବିଜେପିର ମୁକାବିଲା ପାଇଁ ବିଧାନସଭା ଭିତରେ କଂଗ୍ରେସକୁ ବିଜେଡିର ସମର୍ଥନ ଓ ବିଜେଡି ନେତାମାନେ ଖୋଲାଖୋଲି ଭାବେ କଂଗ୍ରେସ ସପକ୍ଷରେ ବାହାରିବା ଏହି ମେଣ୍ଟ ମୂଳଦୂଆ ଆଲୋଚନାକୁ ବଳ ଦେବାରେ ଲାଗିଛି। ବିଜେପି ବିରୁଦ୍ଧରେ ପୃଷ୍ଠା-୬

ସେଟିଂ ନେଉଛନ୍ତି ଆଉଟସୋର୍ସିଂ ବାବୁ

ବିଜେଡି ସରକାରରେ ଥିଲେ ସର୍ବେସର୍ବା
ଗଡଫାଦରମାନେ ଦେଉଛନ୍ତି ସୁରକ୍ଷା

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ରାଜ୍ୟର ନୂଆ ସରକାରଙ୍କୁ ନଅ ମାସ ହୋଇଥିବାବେଳେ ପୁରୁଣା ବାବୁମାନେ ଧିରେ ଧିରେ ସେଟିଂ ନେବାରେ ଲାଗିଛନ୍ତି। ବିଶେଷକରି ବିଜେଡି ସରକାର ସମୟରେ ବିଭିନ୍ନ ଆଉଟସୋର୍ସିଂ ସଂସ୍ଥାରୁ ଆସି ରାଜକୋଷରୁ ମୋଟା ଅଙ୍କର ଦରମା ନେଉଥିବା ବାବୁମାନେ ସେଟିଂ ହେବାରେ ଲାଗିଛନ୍ତି। କେତେକ ବିଭାଗ ପୁରୁଣା ସରକାର ସମୟରେ ମାମଲତକାର ସାଜିଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ବିଦା କରି ସେମାନଙ୍କ ସ୍ଥାନରେ ନୂଆ କର୍ମଚାରୀ ନିଯୁକ୍ତି ଉପରେ ଜୋର ଦେଉଥିବାବେଳେ ଆଉ କିଛି ବିଭାଗରେ କିନ୍ତୁ ଗଡଫାଦରଙ୍କ ଛତ୍ରଛାୟାତଳେ ପୁରୁଣା ବାବୁମାନେ ଏବେ ବି ସୁରକ୍ଷିତ ଅଛନ୍ତି।

ବିଜେଡି ସରକାର ସମୟରେ ପ୍ରାୟତଃ ସମସ୍ତ ବିଭାଗରେ ଆଉଟସୋର୍ସିଂ କର୍ମଚାରୀମାନେ ହାଉଯାଉ ହେଉଥିଲେ। ବଡ ହାକିମମାନେ ନିଜ ନିଜର ସମ୍ପର୍କୀୟ ଓ ଅନୁଗତମାନଙ୍କୁ ବିଭିନ୍ନ ସଂସ୍ଥା ଜରିଆରେ ପ୍ରବେଶ କରାଇ ଦେଉଥିଲେ। ଆଉ ଏହି କର୍ମଚାରୀମାନେ ମାସିକୁ ୭ଠହଜାରରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଉଣା ନେଇ ବିଭାଗରେ ହାକିମାତି ଦେଖାଉଥିଲେ। ବଡ ହାକିମମାନେ ଯୁଆଡେ ବଦଳିହୋଇ ଯାଉଥିଲେ ନିଜର ଏହି ଅନୁଗତ କର୍ମଚାରୀମାନଙ୍କୁ ସେହିସବୁ ସ୍ଥାନକୁ ନେଉଥିଲେ। ଏ କ୍ଷେତ୍ରରେ ପରିବହନ ବିଭାଗ, ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ପୂର୍ତ୍ତ ବିଭାଗ ଆଦି ସବୁଠାରୁ ଆଗରେ ରହିଥିଲେ। ତେବେ ସରକାର ବଦଳିବାପରେ ପରାମର୍ଶଦାତା ସାଜି ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ପାଉଣା ନେଉଥିବା ଏହି ବାବୁମାନେ ବିଦା ହେବେ ବୋଲି ସମସ୍ତେ ଭାବିଥିଲେ। କେତେକ ବିଭାଗକୁ ବିଦା ହେଲେ ମଧ। ପ୍ରକଳ୍ପ କାମ ପଛେ ଧିମେଇ ଯାଉ କେତେକ ବିଭାଗ ଏହି ଆଉଟସୋର୍ସିଂ କର୍ମଚାରୀଙ୍କୁ ବିଦା କରିବାରେ ସଫଳ ହୋଇଛନ୍ତି। ତେବେ ପରାମର୍ଶଦାତା ନାଁରେ ପୃଷ୍ଠା-୬

SIKSHA 'O' ANUSANDHAN
DEEMED TO BE UNIVERSITY

SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

ମନରେଗା କାମରେ ମହାଦୁର୍ନୀତି ଅଭିଯୋଗ

ଡେରାବିଶ,୨୧।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଳ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମରେ ଚାଲିଥିବା ମନରେଗା କାମରେ ଅନିୟମିତତା ସହିତ ବ୍ୟାପକ ଦୁର୍ନୀତି

ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ଦୁର୍ନୀତିର ତଦନ୍ତ କରିବା ନିମନ୍ତେ ଗ୍ରାମବାସୀ ଡେରାବିଶ ବିଡ଼ିଓ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଅଡ଼ଙ୍ଗା ଗ୍ରାମର ଅଡ଼ଙ୍ଗା ମେଲଣ ପଡ଼ିଆଠାରୁ ଆରଡି ରୋଡ଼ ପର୍ଯ୍ୟନ୍ତ ରାସ୍ତାଟି(ବଙ୍ଗାଳପୁର ସବ୍‌ମାଇନର) ଜଳସେଚନ ବିଭାଗ ଦ୍ୱାରା ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ହୋଇସାରିଛି। ପଞ୍ଚାୟତରେ ଅନେକ ରାସ୍ତା କାମ ହେବାର ଆବଶ୍ୟକତା ରହିଥିଲେ ବି ଉପରୋକ୍ତ ଟେଣ୍ଡର ହୋଇଥିବା ରାସ୍ତାରେ ପଞ୍ଚାୟତ ତରଫରୁ ସରପଞ୍ଚ ମନରେଗା ରେ ସେଠାରେ ଲୋକଦେଖାଣିଆ କାମ କରି ଟଙ୍କା ଆତ୍ମସାତ କରିବାରୁ ମସୁଧା କରୁଥିବା ନେଇ ଅଭିଯୋଗ କରିଛନ୍ତି। ଏଭଳି ଦୁର୍ନୀତିର ତଦନ୍ତ କରାଯାଇ ପଞ୍ଚାୟତର ମନରେଗା ଅର୍ଥକୁ ପଞ୍ଚାୟତରେ ଆବଶ୍ୟକ ଥିବା ରାସ୍ତାରେ ଖର୍ଚ୍ଚ କରିବା ପାଇଁ ଗ୍ରାମର ପ୍ରଶାନ୍ତ ସାମନ୍ତରାୟ, ଚିତ୍ତରଞ୍ଜନ ରାଉତ, କରୁଣାକର ଲେଙ୍କା, ମନୋଜ ଗୋଛାୟତ ପ୍ରମୁଖ ଅଭିଯୋଗ କରିଛନ୍ତି ।

ବିନା ଫଳକରେ ଚାଲିଛି କେନାଲ କାର୍ଯ୍ୟ

● ଅଟକଳ ମୂଲ୍ୟ ଲୁଚାଉଛି ବିଭାଗ ● ରହୁନାହାନ୍ତି କି ତଦାରଖ କରୁନାହାନ୍ତି ଯନ୍ତ୍ରୀ

କେନ୍ଦ୍ରାପଡ଼ା,୨୧।୩ (ସଂଚାର ବ୍ୟୁରୋ): ବିନା ଫଳକରେ ଚାଲିଛି ଜଳ ସମ୍ପଦ ବିଭାଗର କେନାଲ କାର୍ଯ୍ୟ । ଅଟକଳ ମୂଲ୍ୟ ଲେଖାଯାଇନି କି ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟର ତଦାରଖ ମଧ୍ୟ କରୁନାହାନ୍ତି । ଏଭଳି ମନମୁଖୀ କାର୍ଯ୍ୟ ଚାଲିଛି କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ଶ୍ୟାମସୁନ୍ଦରପୁର ଠାରୁ ଛଗରିଆ ପର୍ଯ୍ୟନ୍ତ ଚାଲିଥିବା ଜଳ ସମ୍ପଦ ବିଭାଗର ବ୍ରାଞ୍ଚ କେନାଲ ଢଳାଇ କାର୍ଯ୍ୟରେ। ଯେଉଁ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ସରକାରଙ୍କ ନିୟମକୁ ଉଲଂଘନ କରି ବିନା ଫଳକରେ ନିମ୍ନମାନର କାର୍ଯ୍ୟ ଚାଲିଥିବାର ଦେଖିବାକୁ ମିଳିଛି ।

ମିଳିଥିବା ସୂଚନା ମୁତାବକ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ

ଚାଲୁଥିବା ବେଳେ କେନାଲ ଖୋଳା ପାଖରୁ ଆରମ୍ଭ କରି ହେଉଥିବା ରଡ କାମ ଏବଂ ଢଳାଇ ଅତି ନିମ୍ନମାନର ହେଉଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା । ତଦାରଖ ପାଇଁ ନା ଆସୁଛନ୍ତି ବିଭାଗୀୟ ଯନ୍ତ୍ରୀ ନା ଆସୁଛନ୍ତି କୌଣସି ବିଭାଗୀୟ ଉପରିସ୍ଥ ଅଧିକାରୀ । ସାଧାରଣତଃ ଢଳାଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା ରଡ୍ ଅତି ନିମ୍ନମାନର ହେବା ସହ ଯେଉଁ ଜାଲି ତିଆରି କରାଯାଉଛି ତାହା କେବଳ ଧର୍ମକୁ ଆଖିଠାର ମାରିଲା ପରି କରାଯାଉଛି ବୋଲି କହିଛନ୍ତି ଲୋକେ ।

ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଜଣା ପଡ଼ିଛି କି ବିନା ଫଳକରେ କାର୍ଯ୍ୟ ହେଉଥିବା ଜାଣିଛି। ଏମିତିକି ଢଳାଇ କାର୍ଯ୍ୟ ଏବଂ ରଡ୍ କାର୍ଯ୍ୟ ହେଉଥିବା ବେଳେ କାହିଁକି କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନାହାନ୍ତି ବୋଲି ପଚାରିବାରୁ , ଆଜି ଢଳାଇ କାର୍ଯ୍ୟ ହେଉନାହିଁ ବୋଲି କହି ଘଟଣାକୁ ଏଡାଇ ଯାଇଛନ୍ତି ଜଳ ସମ୍ପଦ ବିଭାଗର କେନ୍ଦ୍ରାପଡ଼ା ଯନ୍ତ୍ରୀ । ଅଧିକ୍ଷଣ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରିନାହିଁ । ଏ ନେଇ ବିଭାଗୀୟ ତଦନ୍ତ ସହ କାର୍ଯ୍ୟରେ ଅନିୟମିତତା ଥିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

ଗାଁକୁ ଫେରିଲା ରାଜେଶଙ୍କ ମୃତଦେହ

ଆତ୍ମହତ୍ୟା ପୂର୍ବରୁ ଘରକୁ ପଠାଇଥିଲେ ଅଡିଓ ମେସେଜ

(ଫାଇଲ ଫଟୋ)

ରାଜନଗର,୨୧।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଗୁପ୍ତି ପଚାୟତ କାନଫୁଲିଆ ଗ୍ରାମର ଦିବାକର ପରିଡାଙ୍କ ସାନପୁଅ ରାଜେଶ କୁମାର ପରିଡା (୩୩ ବର୍ଷ) ଦୁବାଇରେ ଦାଦନ କରୁଥିବା ବେଳେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର ୧୩ ଦିନ ପରେ ଆଜି ସନ୍ଧ୍ୟାରେ ରାଜେଶଙ୍କ ମରଶରୀର ଗାଁରେ ପହଞ୍ଚିଛି। ପରିବାର ଲୋକେ ସୁଦୂର ଦୁବାଇରୁ ଶବ ଫେରାଇ ଆଣିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଓ ମାନ୍ୟବର ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଆକୁଳ ନିବେଦନ କରିଥିଲେ। ସାଂସଦଙ୍କ ସଫଳ ଉଦ୍ୟମ ଫଳରେ ଦୁବାଇ ରୁ ଦିଲ୍ଲୀ, ଦିଲ୍ଲୀରୁ ଭୁବନେଶ୍ୱର ଫ୍ଲାଇଟ ଯୋଗେ ମରଶରୀର ଆସି ପହଞ୍ଚିବା ପରେ ଭୁବନେଶ୍ୱର ବିମାନ ବନ୍ଦରରୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ମରଶରୀର ଫେରିଛି। ଗାଁରେ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗାଁ ଶ୍ମଶାନ ରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଗାଁରେ ଶୋକାକୁଳ ପରିବେଶରେ ଶେଷକୃତୀ ସମ୍ପନ୍ନ ହୋଇଥିଲେ ମଧ୍ୟ ମୃତ ଯୁବକ ରାଜେଶ ମୃତ୍ୟୁ ପୂର୍ବରୁ ପଠାଇଥିବା ଅଡିଓ ମେସେଜ ସମସ୍ତଙ୍କୁ କନ୍ଦାଇ ଦେଇଛି। ଭାଇ ନମସ୍କାର, ବୋଉ ବାପାଙ୍କୁ ନମସ୍କାର, ଭାଇ ଭାଉଜ ସମସ୍ତଙ୍କୁ ନମସ୍କାର। ମୁଁ ଆତ୍ମହତ୍ୟା କରିଦେଉଛି, ମୋତେ ଆଉ ଭଲ ଲାଗୁନି। ସମସ୍ତେ ଖୁସିରେ ରୁହ, ଏଥିରେ କାହାରି କିଛି ଦୋଷ ନହିଁ। ଆଜି ମୁଁ ମରୁଛି, କେଉଁଠି ମରୁଛି, ମୋ ଶବ ପାଇବ ନହିଁ। କେହି ମନଦୁଃଖ କରିବନି, ଦୁଇ ଦିନ ହେଲା କ୍ୟାମ୍ପ ଛାଡି ଦେଇଛି। ଖାଇବା ପିଇବା ନାହି, ମୋ ଆତ୍ମାକୁ ବାଧି ଯାଇଛି, ସବୁ ଦୁନିଆରେ ରହିବ, ମୁଁ ଯାଉଛି। ରାଜେଶ ମୃତ୍ୟୁ ପୂର୍ବରୁ ପଠାଇଥିବା ୧ ମିନିଟ ୭ ସେକେଣ୍ଡର ଦୁଇଟି ଅଡିଓ ମେସେଜ ପରିବାର ଓ ଗ୍ରାମବାସୀଙ୍କୁ ଶୋକ ସାଗରରେ ଭସାଇ ଦେଇଛି।୨୦୨୩ ନଭେମ୍ବର ରେ ଦୁବାଇ ଯାଇଥିଲେ ଦାଦନ ଖଟିବାକୁ। ମାର୍ଚ୍ଚ ମାସ ୫ ତାରିଖ ଠାରୁ ସେ କାମ କରୁଥିବା କମ୍ପାନର କ୍ୟାମ୍ପସରୁ ନିଖୋଜ ହୋଇଯାଇଥିଲେ।

ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୧।୩ (ସଂଚାର ବ୍ୟୁରୋ): ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ଏକକୁଳା ନିକଟରେ ଆଲୋକଜ୍ୟୋତି ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲର ରୁ ୭ କଇଣ୍ଟାଲ ମାଛ, ୧ଟି ଜିପିଏସ, ୩ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ୧୩ଟି ଟ୍ରାଲିଂନେଟ ଓ ୧ଟି ମୋବାଇଲ ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ହେଲେ ମୋହନ ହାଲଦାର, ରବିନ୍ଦ୍ର ମଣ୍ଡଳ, ଶକ୍ତିପଦ ମଣ୍ଡଳ, ସଞ୍ଜୟ ମାଇତି, ପବିତ୍ର ମଣ୍ଡଳ, ଶଙ୍କର ଗିରି, ଜୟଦେବ ଦାସ, ଆନନ୍ଦ ମାନା ପ୍ରମୁଖ ୮ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବ ମାନେ କେନ୍ଦ୍ରାପଡା ଜିଲ୍ଲା ତାଳବୁଆ ମେରାଇନ ଥାନା ଓ ରାଜନଗର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ଡେରାବିଶ, ୨୧।୩ (ସଂଚାର ବ୍ୟୁରୋ): ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଖମୋଳ ଛକ ନିକଟରେ ଗତକାଲି ରାତିରେ ଏକ ସଡ଼କ ଦୁର୍ଘଟଣାରେ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ଧିରେନ କୁମାର ବରାଳ (୫୫)ଙ୍କର ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଚଣ୍ଡିବଜାରରେ ବ୍ୟବସାୟ କରୁଥିବା ଶ୍ରୀ ବରାଳ ଗତକାଲି ତାଙ୍କ ଶାଶୁଙ୍କୁ ମହାଙ୍ଗ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗାରେ ଛାଡ଼ି ଘରକୁ ଫେରୁଥିବା ସମୟରେ ଖମୋଳ ଛକ ପରେ ପଛରୁ ଏକ ଆଇଚର (ଓଡ଼ି-୨୯-କେ-୭୭୭୧) ତାଙ୍କୁ ଧକ୍କା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ଛାଡ଼ି ଘଟଣାସ୍ଥଳରୁ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲା। ଖବର ପାଇ ଡେରାବିଶ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ମୃତକ ଧିରେନଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

ଓଡିଶା କନଷ୍ଟ୍ରକସନ ୱାର୍କରସ୍ ୟୁନିୟନ ପକ୍ଷରୁ ଦାବିପତ୍ର

କେନ୍ଦ୍ରାପଡ଼ା,୨୧।୩ (ସଂଚାର ବ୍ୟୁରୋ): ଓଡିଶା କନଷ୍ଟ୍ରକସନ ୱାର୍କରସ୍ ୟୁନିୟନ କେନ୍ଦ୍ରାପଡା ଶାଖା ତରଫରୁ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଏକ ୧୫ଦଫା ଦାବିପତ୍ର ଜଗତ ଜୀବନ ଦାଶଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି।

ଏହି ଦାବିପତ୍ରରେ ରାଜ୍ୟରେ ନିର୍ମାଣ ଶ୍ରମିକ ମାନଙ୍କ କଲ୍ୟାଣ ବୋର୍ଡ ଡିସେମ୍ବର ୧୫ ତାରିଖରୁ କାର୍ଯ୍ୟକାରୀ ହେଉଛି । ନିର୍ମାଣ ଶ୍ରମିକ ମାନଙ୍କ ୧୩ଟି ସହାୟତା ଯୋଜନା କାର୍ଯ୍ୟକାରୀ କରା ଯାଉଥିଲା। କିନ୍ତୁ ଗତ କିଛିଦିନ ହେଲା ରାଜ୍ୟରେ ବିଜେପି ସରକାର ଗଠନ ହେଲା ପରେ ବୋର୍ଡ କେବଳ ନାମକୁ ମାତ୍ର ରହିଛି। ସାରା ଓଡିଶାରେ ଲକ୍ଷ ଲକ୍ଷ ଶ୍ରମିକ ମାନଙ୍କର ମୃତ୍ୟୁକାଳୀନ ସହାୟତା ରାଶି, ବିବାହ ସହାୟତା ଶିକ୍ଷାବୃତି ସହାୟତା, ସାଇକେଲ ଯନ୍ତ୍ରପାତି ସହାୟତା ଇତ୍ୟାଦି ନିର୍ମାଣ ଶ୍ରମିକ ମାନଙ୍କ ଆବେଦନ ପତ୍ର ଦୀର୍ଘଦିନ ହେଲା ପଡି ରହିଛି । ଏ ବିଷୟରେ ସିଆଇଟିୟୁ ପକ୍ଷରୁ ବାରମ୍ବାର ଜିଲ୍ଲା ଶ୍ରମ ଅଧିକାରୀ, ରାଜ୍ୟ ଶ୍ରମ ସଚିବଙ୍କୁ ଜଣାଇଲେ ମଧ୍ୟ ଶ୍ରମ ବୋର୍ଡ ନିରବଦ୍ରଷ୍ଟା ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ କରାଯାଇଛି। ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଏକ ୧୫ ଦଫା ଦାବିପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ଏହି ଦାବିପତ୍ର ପ୍ରଦାନ ସମୟରେ ଅକ୍ଷୟ କୁମାର ତରାଇ, ନିରାକାର ସାହୁ, ମାଧବ ଦାସ, ପ୍ରକାଶ ଚନ୍ଦ୍ର ମହାନ୍ତି, ତପନ ମଳିକ, କିଶୋର କୁମାର ସାହୁ, ଜୀବନ କୁମାର ବେହେରା, ମାନଭଞ୍ଜନ ଷଡଙ୍ଗୀ, ଅଶୋକ ନାଥ, ନିର୍ମଳ ସିଂହ, ସୁଷମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଭା

କେନ୍ଦ୍ରାପଡ଼ା,୨୧।୩ (ସଂଚାର ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡଃ ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୁତିର ସମ୍ପାଦକ ପଣ୍ଡିତ ସର୍ବେଶ୍ୱର ମିଶ୍ର ଡାକ୍ତର ପ୍ରଧାନଙ୍କୁ ଜନେ ପ୍ରେରଣାଦାୟୀ, ସମାଜ ମନସ୍କ ସଫଳ ରାଜନେତା ବୋଲି ଅବିହିତ କରିବା ସହିତ ତାଙ୍କୁ ଜଣେ ଯୋଗ୍ୟ ସମାସେବୀ, ଚିକିତ୍ସକ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଜଣେ ସୁଯୋଗ୍ୟ ପୁତ୍ରର ପିତା ଭବେ ସଫଳ ବ୍ୟକ୍ତି ବୋଲି କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାର ସଞ୍ଚାଳନ କରି ପଣ୍ଡିତ ହୃଷୀକେଶ ରଥ ତାଙ୍କ ଜୀବନର ବହୁ ଅନାଲୋଚିତ ପ୍ରସଙ୍ଗ ଆଲୋଚନା କରିବା ସହିତ ଶ୍ରଦ୍ଧଋସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଶ୍ରୀମଦ୍ ଭାଗବତ ଗୀତା ର ପୁରୁଷୋତ୍ତମ ଯୋଗ

ଶ୍ରୀ ଡ. ପ୍ରସନ୍ନ ପରିଡା ପାଠ କରିଥିଲେ । ପରେ ପବିତ୍ର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସତାଧିକ ଲୋକଙ୍କ ସହିତ ପୂଜ୍ୟପୂଜା ସଂସଦର ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇ କେନ୍ଦ୍ରାପଡ଼ା ସହିତ ତାଙ୍କର ସ୍ମୃତି ରୋମନ୍ଥନ କରିଥିଲେ ।

ହୁଡୁ ହୁଡୁ ହୋଇ ଜଳୁଛି ଇଟା ଭାଟି

ପ୍ରଶାସନର ଦୃଷ୍ଟି ପଡୁନି

ଡେରାବିଶ,୨୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବିଭିନ ସ୍ଥାନରେ ମାଟି ମାଫିଆ ମାନଙ୍କର ପ୍ରାଦୁର୍ଭାବ ସାଧାରଣ ଅଂଚଳବାସୀଙ୍କୁ ଅତିଷ୍ଠ କରୁଥିବା ଅଭିଯୋଗ ହେଉଛି । ମାଟି ଇଟାଭାଟି ହ୍ରାସ ପାଇବା ପରିବର୍ତ୍ତେ ବରଂ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି। ଇଟା ମାଫିଆମାନେ ମାଟି ଆଣି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ସୂଚନାଯୋଗ୍ୟ କି ଏହି ଅଂଚଳର ମାଟି ମାଫିଆମାନେ ବିଭିନ ସମୟରେ ସରକାରୀ, ଗୋଚର, ଅନାବାଦୀ ପରି ସ୍ଥାନରୁ ଜେଶିବ ମେସିନ ସାହାଯ୍ୟରେ ମାଟି ତାଡି ନେବା ସହ ଛତୁ ଫୁଟିବା ପରି ଇଟା ଭାଟି ଚଳାଉଛନ୍ତି। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢିବାକୁ ଲାଗିଥିବା ବେଳେ ସେହି ସମୟରେ ଇଟାଭାଟି ପୋଡିବା ଘଟଣାଟି ବୋଙ୍ଗ ଉପରେ ଲଳିତା ବିଡା ପରି ସ୍ଥାନୀୟ ଅଂଚଳର ଆବାଳ ବୃଦ୍ଧବନିତାଙ୍କୁ ହନ୍ତସନ୍ତ କରୁଥିବାର ନଜିର ରହିଛି। ତତସହିତ ଏହି ଅଂଚଳରେ ଛୋଟ ଛୋଟ କୋମଳମତି ପିଲା ଶ୍ୱାସଜନିତ ରୋଗଗ୍ରସ୍ତ ଓ ବୃଦ୍ଧବୃଦ୍ଧାମାନେ ଇଟା ଭାଟିରୁ ବାହାରୁଥିବା ଧୂଆଁ କାରଣରୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅପର ପକ୍ଷରେ ସବୁ ଦେଖି ସବୁ ଜାଣି ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ନିଦା ବିଷ୍ଣୁ ସାଜିଥିବା ଅଭିଯୋଗ ହେଉଛି। ଏହି ମାଟି ମାଫିଆ ଙ୍କୁ କାଳେ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ପ୍ରଚ୍ଛଦପଟରୁ ସୁରକ୍ଷା ଯୋଗାଇ ଦେଉଥିବା କଥା ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି । ଆଗାମୀ ଦିନରେ ଯଦି ପ୍ରଶାସନିକ ଅଧିକାରୀ ନିଜ ତତ୍ପରତା ନ ଦେଖାନ୍ତି ତେବେ ଅଂଚଳବାସୀ ଆଇନକୁ ହାତକୁ ନେବା ସହ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

ଲିଡ୍ ବ୍ୟାଙ୍କ ପକ୍ଷରୁ ବୈଠକ

କେନ୍ଦ୍ରାପଡ଼ା, ୨୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୁହଙ୍କ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ଲାଇନ ଡିପାଟମେଣ୍ଟ ମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୁରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । କୋ-ଅପରେଟିଭ ବ୍ୟାଙ୍କ ଗୁଡିକ ସଠିକ୍ ଭାବରେ ଋଣ ପ୍ରଦାନ କରି ଜିଲ୍ଲାରେ ଅଗ୍ରଣୀ ଥିବାବେଳେ ଜାତୀୟ କରଣ ବ୍ୟାଙ୍କ ଗୁଡିକ ବହୁ ପଛରେ ରହୁଛି ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକରେ ଋଣ ଦେବାରେ ବିଳମ୍ବ କରୁଛି ଏବଂ ଏଥି ସହିତ ଅନେକ ଶିକ୍ଷିତ ବେକାର ଯୁବକ ମାନଙ୍କୁ ବିଭିନ୍ନ ଯୋଜନାରେ ଋଣ ପ୍ରଦାନ କରୁ ନାହାଁନ୍ତି । ଯାହା ଫଳରେ ଜିଲ୍ଲାରେ ବେକାରୀ ସଂଖ୍ୟା ବଢିବାରେ ଲାଗିଛି । ଜାତୀୟ କରଣ ବ୍ୟାଙ୍କ ଗୁଡିକୁ ସେମାନଙ୍କର ଲକ୍ଷ୍ୟ ପୁରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହା ସହିତ ସିଡି ରେସିଓରେ ତାରତମ୍ୟ ଅଧିକ ରହୁଥିବାରୁ ଏହାକୁ ଦୂର କରିବା ପାଇଁ ବ୍ୟାଙ୍କ ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲ। ବୈଠକରେ ଏଲଡିଏମ୍ ମନୋଜ ପ୍ରଧାନି, ଡିଡିଏମ ନାର୍ବାଡ ସ୍ମିତା ବଡଜେନା, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତଙ୍କ ସମେତ ଜିଲ୍ଲାର ସମସ୍ତ ଜାତୀୟ କରଣ ବ୍ୟାଙ୍କର ଶାଖା ପରିଚାଳକ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ନକଲି ଟ୍ରାଞ୍ଜିଟ ପାସ୍‌ରେ ଉଠୁଛି ଶହ ଶହ ଟ୍ରିପ ବାଲି

ସୀମା ନିର୍ଦ୍ଧାରଣ କରାଯାଉ ନଥିବାରୁ ମନଇଚ୍ଛା ଖୋଳୁଛନ୍ତି ଲିଜଧାରୀ

ନାଉଗାଁ, ୨୧।୩ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଦେବୀ ନଦୀର ବାଲି ସୌରାତରୁ ଲିଜଧାରୀ ମାନେ ବାଲି ଉଠାଉଥିବା ବେଳେ ସରକାରଙ୍କ ନିୟମକୁ ଖୁଲମଖୁଲା ଉଲଘଂନ କରୁଥିବା ଜଣାଯାଇଛି। ଏହି ବାଲି ସୌରାତ ଗୁଡିକ ଲଘୁ ଖଣିଜ ବିଭାଗ ଅଧୀନରେ ରହିଥିବା

ବିଧାନସଭା ଖବର

ସାତଟି ବିଶ୍ୱବିଦ୍ୟାଳୟରେ ନାହାନ୍ତି ନିୟମିତ କୁଳପତି

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ):ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ୧୭ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ଏଥିରୁ ୭ଟିରେ ନିୟମିତ କୁଳପତି ନାହାନ୍ତି । ଏହିସବୁ ବିଶ୍ୱବିଦ୍ୟାଳୟଗୁଡିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ବିଭାଗ ନିୟନ୍ତ୍ରଣରେ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ, ୧୬ଟି ସରକାରୀ ଶିକ୍ଷକ ଶିକ୍ଷାନୁଷ୍ଠାନ ଓ ୪୮୮ ବର୍ଗର ୨୯୮ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ରହିଛି । ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରୁ ବିଜେବି ସ୍ୱୟଂଶାସିତ ଡିଗ୍ରୀ ମହାବିଦ୍ୟାଳୟରେ ନିୟମିତ ଅଧକ୍ଷ ନାହାନ୍ତି। ସରକାରୀ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ଭାରପ୍ରାପ୍ତ ଅଧକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉଛି । ଏହିସବୁ ମହାବିଦ୍ୟାଳୟଗୁଡିକରେ ନିୟମିତ ଅଧକ୍ଷ ପଦବୀ ନାହିଁ । ସେହିଭଳି ୧୭ଟି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମୋଟ୍ ୨୦୨୭ଟି ମଞ୍ଜୁରୀପ୍ରାପ୍ତ ଅଧାପକ ପଦବୀ ଥିବାବେଳେ ସେଥିରୁ ୧୩୫୩ଟିପଦବୀ ଖାଲି ପଡିଛି । ୨୭୮୯ ଅଣଶିକ୍ଷକ କର୍ମଚାରୀ ପଦବୀ ମଧ୍ୟରୁ ୨୦୮୧ ଟି ପଦବୀ ଖାଲି ରହିଛି । ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ୨୪୦୭ଟି ମଞ୍ଜୁରୀପ୍ରାପ୍ତ ଅଧାପକ ପଦବୀ ଥିବାବେଳେ ସେଥିରୁ ୪୩୬ଟି ପଦବୀ ଖାଲି ପଡିଛି । ସେହିଭଳି ୧୭୧୧ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ମଧ୍ୟରୁ ୭୧୩ଟି ପଦବୀ ଖାଲି ପଡିଛି । ରାଜ୍ୟରେ ଥିବା ୪୮୮ ବର୍ଗର ପୂର୍ଣ୍ଣ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ୭୧୧୦ ଟି ମଞ୍ଜୁରୀପ୍ରାପ୍ତ ଅଧାପକ ପଦବୀ ଥିବାବେଳେ ସେଥିରୁ ୮୩୨ଟି ଅଧାପକ ପଦବୀ ଖାଲି ରହିଛି । ଏହି ମହାବିଦ୍ୟାଳୟଗୁଡିକରେ ୬୧୨୭ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ମଧ୍ୟରୁ ୩୯୮୨ଟି ଖାଲି ରହିଛି ।

ରାଜ୍ୟରେ ମିଶ୍ରଣ ହୋଇଛି ୫୬୧୯ଟି ବିଦ୍ୟାଳୟ

ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହ୍ରାସ ଯୋଗୁଁ ରାଜ୍ୟରେ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ କରାଯାଇଛି । ସବୁଠାରୁ ଅଧିକ ୩୦୮ଟି ବିଦ୍ୟାଳୟର ମିଶ୍ରଣ ହୋଇଛି ମୟୁରଭଞ୍ଜ ଜିଲ୍ଲାରେ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ହ୍ରାସ ଯୋଗୁଁ ମୋଟ୍ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ ହୋଇଥିବାବେଳେ ଏହି ତାଲିକାରେ ପୁରୀ ଜିଲ୍ଲାର ଗୋଟିଏ ହେଲେ ବିଦ୍ୟାଳୟ ନାହିଁ । ସବୁଠାରୁ କମ୍ ୪ଟି ବିଦ୍ୟାଳୟ ମାଲକାନଗିରି ଜିଲ୍ଲାରେ ଥିବାବେଳେ କେନ୍ଦୁଝରରେ ୫ଟି, ସୋନପୁରରେ ୬୧ଟି, ଝାରସୁଗୁଡାରେ ୬୫ ଓ ଦେବଗଡରେ ୬୮ଟି ବିଦ୍ୟାଳୟ ରହିଛି । ତେବେ ବର୍ତ୍ତମାନ ସୁଦ୍ଧା ବନ୍ଦ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳରେ ୨୨ଟି, ଦେବଗଡରେ ୧୦ଟି, ବରଡରେ ୭, ଯାଜପୁରରେ ୩ ଓ ଖୋର୍ଦ୍ଧା ଜିଲ୍ଲାରେ ୨ଟି ବିଦ୍ୟାଳୟ ଖୋଲିଛି । ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ବନ୍ଦ ହୋଇଥିବା ବିଦ୍ୟାଳୟକୁ ପୁନଃ ଖୋଲାଯିବାପାଇଁ ରାଜ୍ୟସ୍ତରୀୟ କମିଟିରେ କୌଣସି ପ୍ରସ୍ତାବ ବିଚାରାଧିନ ନାହିଁ । କୌଣସି ପ୍ରସ୍ତାବ ହସ୍ତଗତ ହେଲେ ପ୍ରଥମେ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ ଓ ତା' ପରେ ରାଜ୍ୟସ୍ତରୀୟ କମିଟିର ବିବେଚନାପାଇଁ ପଠାଯାଇଥାଏ । ରାଜ୍ୟସ୍ତରୀୟ କମିଟିର ସୁପାରିଶ୍ କ୍ରମେ ବନ୍ଦ ହୋଇଥିବା ବିଦ୍ୟାୟକୁ ପୁନଃ ଖୋଲିବାପାଇଁ ନୀତିଗତ ନିଷ୍ପତ୍ତିନେବାର ବ୍ୟବସ୍ଥା ରହିଛି ।

କ୍ରୀଡା ପ୍ରଶିକ୍ଷଣ ପଦବୀ ଅଧାରୁ ଅଧିକ ଖାଲି ପଡ଼ିଛି

ରାଜ୍ୟରେ ଥିବା କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଛି। ମଞ୍ଜୁରୀପ୍ରାପ୍ତ ୬୧ଟି କନିଷ୍ଠ କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ୩୮ଟି ପଦବୀ ଖାଲି ପଡିଥିବାବେଳେ ୯ଟି ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ୫ଟି ଖାଲି ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ୧୬ଟି କ୍ରୀଡା ଛାତ୍ରାବାସ, ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ର, ୧୦୬ଟି ଇଣ୍ଡୋର ହଲ୍, ୩ଟି ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, ୧୩ଟି ସନ୍ତରଣାଗାର ଓ ୨୩ଟି ହକି ପ୍ରଶିକ୍ଷଣ କେନ୍ଦ୍ରରେ କ୍ରୀଡାବିତ୍‌ମାନଙ୍କୁ ତାଲିମ ଦିଆଯାଉଛି । ୧୬ଟି କ୍ରୀଡା ଛାତ୍ରାବାସରେ ୧୧୭୬ଜଣ ଓ ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ୫୭୯ଜଣ କ୍ରୀଡାବିତ୍‌ଙ୍କୁ ତାଲିମ ପ୍ରଦାନ କରାଯାଉଛି । କ୍ରୀଡା ଛାତ୍ରାବସାରେ ବାଳିକା କ୍ରୀଡାବିତ୍‌ମାନଙ୍କ ପାଇଁ ୮୦୦ ଟଙ୍କା ଏବଂ ବାଳକ କ୍ରୀଡାବିତ୍‌ମାନଙ୍କପାଇଁ ୬୦୦ ଟଙ୍କାର ଶୌଚାଳୟ ଖର୍ଚ୍ଚ ଦିଆଯାଉଛି । ସମସ୍ତ କ୍ରୀଡା ଛାତ୍ରାବାସର ପ୍ରତ୍ୟେକ ଅନ୍ତେବାସୀଙ୍କ ଖାଦ୍ୟ ଖର୍ଚ୍ଚ ବାବଦକୁ ପ୍ରତିଦିନ ୨୭୫ ଟଙ୍କାର ବ୍ୟବସ୍ଥା କରାଯାଇଛି ।

ଅଷ୍ଟମ ଶ୍ରେଣୀରେ ଅଧାରୁ ଅଧିକ ଛାତ୍ରଛାତ୍ରୀ ହରଣ କରିପାରୁ ନାହାନ୍ତି

ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧାରୁ ଅଧିକ ପିଲା ହରଣ କରିପାରୁ ନାହାନ୍ତି । ତେବେ ଜାତୀୟ ସ୍ତରରେ ଅଷ୍ଟମ ଶ୍ରେଣୀ ପିଲାଙ୍କର ଏହି ହାର ଅଧିକ ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଅସର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୪୮.୫ ପ୍ରତିଶତ ହରଣ କରିପାରୁଛନ୍ତି । ଜାତୀୟ ସ୍ତରରେ ଏହି ହାର ୪୫.୮ ପ୍ରତିଶତ ରହିଛି । ତେବେ ଓଡିଶାରେ ୨୦୧୪ ମସିହାରେ ଅଷ୍ଟମଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୩୭.୯ ପ୍ରତିଶତ ପିଲା ହରଣ କରିପାରୁଥିଲେ । ବର୍ଷକୁ ବର୍ଷ ସେମାନଙ୍କ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ସହିତ ଗତ ୧୦ବର୍ଷରେ ଏହା ୧୧ ପ୍ରତିଶତ ବୃଦ୍ଧି ପାଇଛି । ଏହାଛଡା ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କମାନଙ୍କ ନିମନ୍ତେ ଓଡିଆ, ଗଣିତ, ଇଂରାଜୀ ବିଷୟରେ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇ ଅଭ୍ୟାସ କରାଯାଉଅଛି । ଅଷ୍ଟମଶ୍ରେଣୀ ପିଲା, ଯେଉଁମାନେ ଫେଡାଣ ସମାଧାନ କରିପାରୁଛନ୍ତି ସେମାନଙ୍କ ସଂଖ୍ୟା ବିଗତ ଏକ ଦଶକରେ ପାୟ ୬ ପ୍ରତିଶତ ବଢିଛି । ଏ କ୍ଷେତ୍ରରେ ମଧ୍ୟ ଓଡିଶାର ଛାତ୍ରଛାତ୍ରୀମାନ ଜାତୀୟ ସ୍ତରଠାରୁ ଉପରେ ରହିଛନ୍ତି ।

ଗତିଶୀଳ ବିବିଧତା ଭାରତର ଭାଷାଗତ ପରମ୍ପରାର ସୌନ୍ଦର୍ଯ୍ୟ

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ଗତିଶୀଳ ବିବିଧତା ହେଉଛି ଭାରତର ସମୃଦ୍ଧ ଭାଷା ପରଂପରାର ସୌନ୍ଦର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଆଜି ଭୁବନେଶ୍ୱରଠାରେ ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସୃଜନଶୀଳତା କ୍ଷେତ୍ରରେ ଭାରତ କେବେ ଭାଷା ପ୍ରତି ଅସହିଷ୍ଣୁ ଏବଂ ସଂକୀର୍ଣ୍ଣର୍ ମନୋଭାବ ରଖିନାହିଁ। ଆମର ସଭ୍ୟତା ସର୍ବଦା ବୌଦ୍ଧିକ ସ୍ୱାଧୀନତାକୁ ଗ୍ରହଣ କରିଛି ଏବଂ ସାଂସ୍କୃତିକ ବିବିଧତାକୁ ସ୍ୱୀକାର କରିଛି। ଭାଷା କେବଳ ଯୋଗାଯୋଗର ଏକ ମାଧ୍ୟମ ନୁହେଁ ବରଂ ଏକ ସେତୁ ଯାହା ଲୋକଙ୍କୁ ସଂଯୋଗ କରେ ଏବଂ ସଂସ୍କୃତିର ବାହକ ଭାବେ କାର୍ଯ୍ୟ କରେ ବୋଲି ରାଜ୍ୟପାଳ କହିଥିଲେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ସାହିତ୍ୟ କେବଳ ଏକ କଳାତ୍ମକ ସାଧନା ନୁହେଁ ବରଂ ଏହା ସମାଜକୁ ଆକାର ଦେବାରେ, ଚିନ୍ତାଧାରାକୁ ପ୍ରଭାବିତ କରିବାରେ ଏବଂ ପରିବର୍ତ୍ତନ ପାଇଁ ପ୍ରେରଣା ଯୋଗାଇବାରେ ଶକ୍ତି ଦିଏ। ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ଯେତେବେଳେ ଯୋଗାଯୋଗକୁ ନୂଆ ରୂପ ଦେଉଛି କଳିଙ୍ଗ ସାହିତ୍ୟ ମହୋତ୍ସବ ଭଳି କାର୍ଯ୍ୟକ୍ରମର ଆୟୋଜନ ଲିଖିତ ଶବ୍ଦର ଗୁରୁତ୍ୱକୁ ବହନ କରୁଛି ବୋଲି କହିଥିଲେ। ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଏବଂ ବୌଦ୍ଧିକ ଐତିହ୍ୟର ପ୍ରଶଂସା କରି ଏହା ଭାରତର ସାହିତ୍ୟିକ ଐତିହ୍ୟକୁ ରଦ୍ଧିମନ୍ତ କରିଛି ବୋଲି କହିଥିଲେ।

କଳିଙ୍ଗ ସାହିତ୍ୟ ମହୋତ୍ସବ ବିଶ୍ୱସ୍ତରରେ ଭାରତର ସମୃଦ୍ଧ ସାହିତ୍ୟିକ ଏବଂ କଳାତ୍ମକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବରେ ଭୂମିକା ନିର୍ବାହ କରୁଛି ବୋଲି ରାଜ୍ୟପାଳ କହିବା ସହିତ ଆୟୋଜକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ ଏହି ମହୋତ୍ସବ ଅବସରରେ ଅର୍ଥପୂର୍ଣ୍ଣ ଆଲୋଚନା, ନୂତନ ଦୃଷ୍ଟି କୋଣର ଅନୁସନ୍ଧାନ କରି ରାଷ୍ଟ୍ର ନିର୍ମାଣରେ ସାହିତ୍ୟର ଭୂମିକା ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା ଏବ୍. କ୍ରିଷ୍ଣାମୂର୍ତ୍ତି ଉଦ୍‌ବୋଧନ ଦେଇଥିଲେ। କଳିଙ୍ଗ ସାହିତ୍ୟ ମହୋତ୍ସବର ସିଇଓ ତଥା ପୃଷ୍ଠପୋଷକ ଅଶୋକ କୁମାର ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମୀ ରଂଜନ ପରିଡ଼ା ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ ପ୍ରଫେସର କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ରାମ ନବମୀ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ଆସନ୍ତା ୩୧ ତାରିଖରେ ଇଦ-ଉଲ-ଫିତର, ଅପ୍ରେଲ ୦୬ ତାରିଖରେ ଶ୍ରୀରାମ ନବମୀ, ଅପ୍ରେଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଡିଜିପି ଉପରୋକ୍ତ ସମସ୍ତ ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ପର୍ବପର୍ବାଣୀ ଗୁଡିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି । ରାଜ୍ୟ କ୍ରାଇମବ୍ରାଞ୍ଚ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯାଇ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ସକ୍ରିୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଶୋଭାଯାତ୍ରା ଉପରେ କଟକଣା, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ଲଗାଇବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିସିଟିଭି କ୍ୟାମେରା ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।



ଲୋକସେବା ଭବନରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସଇନି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

ଓଡିଶାରେ ହରିୟାଣା ମୁଖ୍ୟମନ୍ତ୍ରୀ, ସ୍ୱର୍ଗତଃ ଦେବେନ୍ଦ୍ରଙ୍କୁ ଦେବେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ଓଡିଶାରେ ପହଞ୍ଚିଲେ ହରିୟାଣା ମୁଖ୍ୟମନ୍ତ୍ରୀ। ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଦେବେନ୍ଦ୍ରଙ୍କୁ ଦେବେ ଶ୍ରଦ୍ଧାଞ୍ଜଳି। ଏହାପରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୁବନେଶ୍ୱର ବାସଭବନରେ ପହଞ୍ଚିଛନ୍ତି। ସେଠାରେ ଧର୍ମେନ୍ଦ୍ରଙ୍କୁ ସାକ୍ଷାତ କରିବା ସହ ଆଲୋଚନା କରିବେ ।

ଗୋହତ୍ୟା ଓ ଗୋଚାଲାଣ ପ୍ରତିବାଦରେ ଗର୍ଜିଲେ ଗୋସୁରକ୍ଷା ସଂଗଠନ

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ):ରାଜ୍ୟରେ ଗୋହତ୍ୟା ବନ୍ଦ କରିବା ଓ ବିଧାନସଭାରେ ଆଗତ ଓଡ଼ିଶା ଗୋହତ୍ୟା ନିଷେଧ ଓ ଗୋସଂରକ୍ଷଣ ବିଲ୍ ୨୦୨୪ କୁ ତୁରନ୍ତ ପାରିତ କରିବା ଦାବିରେ ପିଏମଜି ଛକ ଠାରେ ଏକ ବିଶାଳ ଗୋରକ୍ଷା ମହାସମାବେଶ କରାଯାଇଛି। ଗୋ ହତ୍ୟା ନିଷେଧ, ଗୋଚାଲାଣ ଓ ଗୋମାଂସ ଚାଲାଣ ଉପରେ ଅଙ୍କୁଶ ତଥା ଗୋ ଅନୁକୂଳ ଶାସକୀୟ ନୀତି ପ୍ରଣୟନ ପାଇଁ ଏହି ବିଲକୁ ଅଗ୍ରାଧିକାର ଦେଇ ବିଧାନସଭାରେ ଅତି ଶୀଘ୍ର ପାରିତ କରିବା ପାଇଁ ଦାବି କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଗୋସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଦାବି କରାଯାଇଛି। ମହାସମାବେଶରେ ସାଧୁ ,ସନ୍ୟାସୀଙ୍କ ସମେତ ବିଭିନ୍ନ ମନ୍ଦିର, ସଂଗଠନ, ସାମାଜିକ ଅନୁଷ୍ଠାନ, ଗୋପ୍ରେମୀ,ଗୋସେବକ ମାନେ ସାମିଲ ହୋଇଛନ୍ତି। ଏହି ଅବସରରେ ପ୍ରାଣୀସମ୍ପଦ ବିଭାଗରେ କାର୍ଯ୍ୟରତ ଏଆଇଟି ମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇଛି। ଓଡିଶା ଏଆଇ କର୍ମଚାରୀ ସଂଘ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରି ସମାବେଶରେ ଏଆଇଟି ମାନେ ଯୋଗ ଦେଇ ଗୋସୁରକ୍ଷା ଦିଗରେ କାର୍ଯ୍ୟ କର

ଜୀବନ ଅମୃତ ଅନୁଚିନ୍ତା

ଶ୍ରେଷ୍ଠ ଯୋଗୀ-ଯେପରିକି ପଦ୍ମ ପଙ୍କରୁ ଫୁଟେ କିନ୍ତୁ ପଙ୍କଠାରୁ ନିଜକୁ ସଦା ଉର୍ଦ୍ଧ୍ୱରେ ରଖିଥାଏ , ଠିକ ସେହିପରି ପ୍ରକୃତ ଯୋଗୀ ପୁରୁଷସଂସାରରେ ରହି ମଧ୍ୟ ସଂସାର ଜଞ୍ଜାଳରୁ ନିଜକୁ ସଦା ନର୍ଲିପ୍ତ ରଖିଥାନ୍ତି।

SANCHAR
ସଂଚାର

୪ ଶନିବାର ୨୨ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର

Saturday 22 March 2025 Bhubaneswar

ଭୁଶୁଡ଼ୁଛି ଲାଲଗଡ଼

ଗୁରୁବାର ଛତିଶଗଡ଼ରେ ମାଓଦମନ ଅଭିଯାନରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ବିଜାପୁର ଏବଂ କାଙ୍କେର ଜିଲ୍ଲାରେ ଦୁଇଟି ପୃଥକ ଘଟଣାରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ୩୦ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହା କିଛି କମ କଥା ନୁହେଁ। ଏଥିଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସୁରକ୍ଷା ବାହିନୀକୁ ଅଭିନନ୍ଦନ ଜଣାଇବା ସହିତ ମାଓମୁକ୍ତ ଭାରତ ଲକ୍ଷ୍ୟ ହାସଲରେ ଆମେ ଆଉ ପାଦେ ଆଗେଇଛୁ ବୋଲି କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କେନ୍ଦ୍ର ସରକାର୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦ ନିର୍ମୂଳ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏ ଦିଗରେ ନିରନ୍ତର ଅଭିଯାନ ଚାଲିଛି। କିଛି ସଫଳତା ମଧ୍ୟ ମିଳିଛି। ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଅନେକ ମାଓବାଦୀ ନିହତ ହେଲେଣି। କିନ୍ତୁ ଏହା ସତ୍ତ୍ୱେ ଦେଶରୁ ବାମପନ୍ଥୀ ଉଗ୍ରବାଦ ନିର୍ମୂଳ ହେବା ଏତେ ସହଜ ନୁହେଁ। କାରଣ ଏହା ଏକ ମତବାଦ ଉପରେ ପର୍ଯ୍ୟବେସିତ। ଏହି ମତବାଦ ଯେ ପର୍ଯ୍ୟନ୍ତ ବିଲୁପ୍ତ ନହୋଇଛି ସେ ପର୍ଯ୍ୟନ୍ତ ମାଓବାଦର ଅନ୍ତ ହେବା ସମ୍ଭବ ନୁହେଁ। ତେବେ କେନ୍ଦ୍ର ସରକାରଙ୍କ ଦୃଢ଼ତାକୁ ପ୍ରଶଂସା କରିବାକୁ ହେବ। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାମପନ୍ଥୀ ଉଗ୍ରବାଦକୁ ନିର୍ମୂଳ କରିବା ଚିନ୍ତାଧାରା ସ୍ୱାଗତଯୋଗ୍ୟ। ଯେବେଠାରୁ ଅମିତ ଶାହା ଦେଶର ଗୃହ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଛନ୍ତି, ସେବେଠାରୁ ମାଓବାଦୀଙ୍କୁ ନିର୍ମୂଳ କରିବା ପାଇଁ କେବଳ ଲକ୍ଷ୍ୟ ଧାର୍ଯ୍ୟ ହୋଇନି, ଏ ଦିଗରେ କଡ଼ା ପଦକ୍ଷେପ ମଧ୍ୟ ନିଆଯାଉଛି। ଧିରେ ଧିରେ ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଉଛି, ସେମାନଙ୍କ ସଙ୍ଗଠନ ମଧ୍ୟ ଦୁର୍ବଳ ହେଉଛି। ବିଶେଷ କରି ଭାରତରେ ମାଓବାଦୀଙ୍କ ମୁଖ୍ୟ କେନ୍ଦ୍ର ଭାବେ ପରିଚିତ ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ଲଗାତର ଲଢ଼େଇ ଜାରି ରହିଛି। ବସ୍ତର ଉପତ୍ୟକା ହେଉଛି ମାଓବାଦୀଙ୍କ ଗଡ଼। ଏହି ଗଡ଼ରେ ଏବେ ସୁରକ୍ଷାବାହିନୀ ପ୍ରବେଶ କରି ମାଓବାଦୀଙ୍କୁ ନିପାତ କରୁଛନ୍ତି। ଅନେକ ମାଓବାଦୀ ଆତ୍ମସର୍ପଣ ଭମଧ୍ୟ କରୁଛନ୍ତି। କିଛି ଦିନ ତଳେ ବିଜାପୁର ଜିଲ୍ଲା ଇନ୍ଦ୍ରାବତୀ ଅଭୟାରଣ୍ୟରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରେ ୩୧ ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ଏହାର ୧୫ ଦିନ ପୂର୍ବରୁ ଅନ୍ୟ ଏକ ଏନକାଉଣ୍ଟରେ ୧୬ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ଗତ ବର୍ଷ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୧୯ଜଣ ମାଧବାଦୀ ପ୍ରାଣ ହରାଇଥିବା ବେଳେ ଚଳିତ ବର୍ଷ ପ୍ରଥମ ଅଢେଇ ମାସରେ ୧୦୦ଜଣ ମାଓବାଦୀ ପ୍ରାଣ ହରାଇଲେଣି। ଏହା ଦ୍ୱାରା ମାଓବାଦୀମାନେ ନିଶ୍ଚିତ ଭାବେ ଚାପଗ୍ରସ୍ତ ହୋଇଛନ୍ତି, କିନ୍ତୁ ସେମାନେ ଏତେ ଶୀଘ୍ର ନିର୍ମୂଳ ହେବା ସମ୍ଭବ ନୁହେଁ। ସେମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ସେଥିରୁ ବର୍ଷକୁ ଦୁଇଶ†ତିନ ଶହ ମରିଗଲେ ସେମାନଙ୍କ ସଙ୍ଗଠନ ଯେ ଭୁଶୁଡ଼ି ପଡ଼ିବ ସେ କଥା ନୁହେଁ। କିନ୍ତୁ ସୁରକ୍ଷା ବାହିନୀର କ୍ରମାଗତ ଅଭିଯାନ ଫଳରେ ମାଓବାଦୀମାନେ ଏବେ ପଳାୟନପନ୍ଥୀ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏଥିଲାଗି ସ୍ୱତନ୍ତ୍ର ରଣକୋ÷ଶଳର ଆବଶ୍ୟକତା ରହିଛି। ମାଓଦମନ ଅଭିଯାନ ପୂର୍ବରୁ ସେମାନଙ୍କୁ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ସମ୍ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ। ଏଥିଲାଗି ଏକ ନିର୍ଦ୍ଦିଷ୍ଟ ସମୟଅବଧି ନିର୍ଦ୍ଧାରିତ ହେବା ଉଚିତ। ସେହି ସମୟସୀମା ଅତିକ୍ରାନ୍ତ ହେବା ପରେ ଆଉ କାହାରିକୁ କ୍ଷମା କରାଯିବାର ଆବଶ୍ୟକତା ନାହିଁ। ଛତିଶଗଡ଼'ର ବସ୍ତ ଉପତ୍ୟକା ହେଲା ମାଓବାଦୀଙ୍କ ଗଡ଼। ଏହାକୁ ଦଖଲ କରିବାକୁ ହେଲେ ସେହି ଗଡ଼ରେ ପ୍ରବେଶ କରି ସେମାନଙ୍କୁ ନିପାତ କରାଯିବା ଉଚିତ। ମାଓ ଦମନ ଅଭିଯାନରେ ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ବାହିନୀ ନିୟୋଜିତ ଅଛନ୍ତି। ମାଓବାଦୀଙ୍କୁ ନିପାତ କରିବା ପାଇଁ ଅଧିକ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ରହିଛି। ଏଥିଲାଗି ଯେତେ ଅଧିକ ଫୋର୍ସ ଆବଶ୍ୟକ ତାହା ନିୟୋଜିତ ହେବା ଉଚିତ। ଯେତେ ଅଧିକ ବ୍ୟୟ ହେଉ ନା କାହିଁକି ମାଓବାଦୀଙ୍କ ବର୍ବରତାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ। ମାଓବାଦୀମାନେ କୋ÷ଣସି ନୀତି, ଆଦର୍ଶରେ ଅନୁପ୍ରାଣୀତ ନୁହଁନ୍ତି। କାରଣ ହିଂସା, ଅମାନବୀୟ ହତ୍ୟା କେବେ ବି ସଭ୍ୟସମାଜରେ ଗ୍ରହଣୀୟ ନୁହେଁ। ଏହା କୋ÷ଣସି ନୀତି ବା ଆଦର୍ଶ ଭାବେ ବିବେଚିତ ହୋଇପାରିବ ନାହିଁ। ଏହା ଆଇନ ବିରୋଧୀ, ମାନବଜାତିର କଲ୍ୟାଣ ନୁହେଁ, ବିନାଶ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ଭଲଭାବେ ବୁଝାଇବାକୁ ପଡ଼ିବ। ସେମାନଙ୍କୁ ମାଓବାଦର ବିରୋଧ କରିବାକୁ, ଅସହଯୋଗ କରିବାକୁ ପ୍ରରୋଚିତ କରିବାକୁ ପଡ଼ିବ। ମାଓବାଦୀମାନେ ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି, ସୁରକ୍ଷା କର୍ମୀଙ୍କ ଗୁଳିର ଶିକାର ହେବାକୁ ପ୍ରରୋଚିତ କରୁଛନ୍ତି, ଏହା ବୁଝାଇବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସମର୍ଥନ, ସହଯୋଗ ଏବଂ ସହାୟତା ନମିଳିଛି ସେ ପର୍ଯ୍ୟନ୍ତ କୋ÷ଣସି ଅଭିଯାନ କେବେ ବି ସଫଳ ହୋଇପାରିବ ନାହିଁ। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲ।। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କକ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ମାଓବାଦ, ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଆଗକୁ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଆସୁଛି। ଝାଡ଼ଖଣ୍ଡ ଏକ ମାଓ ଉପଦ୍ରୁତ ଅଞ୍ଚଳ। ଏଠାରେ ପିଏଲଆଇ ପ୍ରଭାବ ରହିଛି। ନିର୍ବାଚନ ବେଳେ ସେମାନେ ହିଂସାକାଣ୍ଡ କରିବାର ଆଶଙ୍କା ରହିଛି। ଏହି ସୁଯୋଗରେ ସେମାନଙ୍କୁ ନିପାତ କରିବାକୁ ସୁରକ୍ଷା ବାହିନୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ। କଥାରେ ଅଛି, ନଇଁ ପଡ଼ିଥିବ ଯେବେ ବିଧାଏ ମାରିବ ସେବେ। ତେଣୁ ଏବେ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଦମନମୂଳକ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାର ପ୍ରକୃଷ୍ଟ ସମୟ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କହିବାନୁଯାୟୀ ଏବେ ମାଓ ସଙ୍ଗଠନ ଉପରେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ଏଥିରେ ସତର୍କତାର ଆବଶ୍ୟକତା ମଧ୍ୟ ରହିଛି। ମାଓବାଦୀମାନେ ଏବେ ପ୍ରତିଶୋଧପରାୟଣ ହୋଇ ଆହୁରି ନିର୍ମମ ହୋଇପାରନ୍ତି। ମାଓବାଦୀଙ୍କ ଗୁଳିରେ ବା ବିସ୍ଫୋରଣରେ ଆମର କିଛି ଯାବ ଶହୀଦ ହେଉଛନ୍ତି। ଏହାକୁ ଶୂନ୍ୟ କରିବାକୁ ପଡ଼ିବ। ମାଓବାଦୀମାନେ ଅନେକ ସମୟରେ ପୋଲିସ ଇନଫର୍ମର ସନ୍ଦେହରେ ନିରୀହ ବ୍ୟକ୍ତିଙ୍କୁ ଗଳାକାଟି ବା ଗୁଳି କରି ହତ୍ୟା କରୁଛନ୍ତି। ଏହାକୁ ବନ୍ଦ କରାଯିବା ନିହାତି ଜରୁରୀ। ଛତିଶଗଡ଼ରେ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହେବା ଫଳରେ ସେମାନେ ଆତ୍ମରକ୍ଷା ନିମନ୍ତେ ପଡ଼ୋଶୀ ରାଜ୍ୟ ଅର୍ଥାତ ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରକୁ ଚାଲିଯିବାକୁ ଉଦ୍ୟମ କରୁଛନ୍ତି। ଏଥିପ୍ରତି ସତର୍କ ରହିବା ଉଚିତ। ଅତୀତରେ ଆନ୍ଧ୍ରପ୍ରଦେଶରୁ ମାଓବାଦୀମାନେ ସୁରକ୍ଷିତ ଆଶ୍ରୟ ନିମନ୍ତେ ଓଡ଼ିଶାକୁ ଚାଲି ଆସୁଥିଲେ। ଓଡ଼ିଶାରେ ଏହିଠାରୁ ମାଓ ସଙ୍ଗଠନର ଭିତ୍ତିଭୂମି ପଡ଼ିଥିଲା। ଏବେ ଛତିଶଗଡ଼ରୁ ମାଓବାଦୀମାନେ ଓଡ଼ିଶାରେ ବହୁ ସଂଖ୍ୟାରେ ଅନୁପ୍ରବେଶ କରିବା ଆଶଙ୍କା ରହିଛି। କିଛି ଦିନ ତଳେ ଓଡ଼ିଶାର ଗନ୍ଧମାର୍ଦ୍ଦନରେ ସୁରକ୍ଷା ବାହିନୀ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଏଥିରୁ ପ୍ରମାଣିତ ଯେ, ଓଡ଼ିଶାରେ ମାଓବାଦୀଙ୍କ ଉପସ୍ଥିତି ରହିଛି। ଅବିଭକ୍ତ ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା ନବରଙ୍ଗପୁର, ବୋ÷ଦ୍ଧ ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଏରିଆ ଅଫ ଅପରେସନ। ଏହାକୁ ଭେଦ କରି ସେମାନଙ୍କୁ ନିପାତ କରିବାକୁ ପଡ଼ିବ। ଛତିଶଗଡ଼ ଭଳି ଓଡ଼ିଶାରେ ମାଓବାଦକୁ ଧ୍ୱଂସ କରିବା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ହେବା ଉଚିତ।

ସଫଳ କର୍ମଯୋଗୀ ସ୍ୱର୍ଗତଃ ଅନନ୍ତ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା-ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ। ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଭୋଗରାଇ ମାଟିର ସୁଯୋଗ୍ୟ ସନ୍ତାନ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ମନ୍ତ୍ରୀ ବିଧାୟକ ସ୍ୱର୍ଗତଃ ଅନନ୍ତ ଦାସ। ସେ ଯେ ଆଉ ନାହାଁନ୍ତି ବିଶ୍ୱାସ କରିପାରୁନାହିଁ। ୮୫ ବର୍ଷ ବୟସରେ ଓଡ଼ିଶାର ସୀମାନ୍ତ ନିର୍ବାଚନ ମଣ୍ଡଳୀ ଭୋଗରାଇର ଚାରିଥର ବିଧାୟକ ଭାବେ ସେ ସେବା କରିଛନ୍ତି। ମୁଖ୍ୟ ସତେତକ, ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଥିଲେ। ବାଲେଶ୍ୱର ଜିଲ୍ଲା ଭୋଗରାଇର ବାଲିମ ପଞ୍ଚାୟତ ଅଧୀନ କୁରୁଠିଆ ଗାଁରେ ପିତା ସ୍ୱର୍ଗତଃ କାର୍ତ୍ତିକ ଚନ୍ଦ୍ର ଦାସ ଓ ମାତା ସ୍ୱର୍ଗତଃ ଦୟାମଣୀଙ୍କ କୋଳମଣ୍ଡନ କରିଥିଲେ ୧୯୪୦ ଅଗଷ୍ଟ ୨୮ ତାରିଖରେ। ତାଙ୍କର ପିଲାଦିନର ପାଠପଢ଼ା ମାମୁଁ ସ୍ୱର୍ଗତଃ ବାମା ଚରଣ ଦାସଙ୍କ ଘରେ ଶ୍ରୀବତ୍ସପୁର ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା ପର ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଏକାଦଶ ପର୍ଯ୍ୟନ୍ତ ପଢ଼ିଥିଲେ। ୧୯୫୬ରେ କୃତୀତ୍ୱର ସହ ମାଟ୍ରିକ ପାସ କରିବା ପରେ ଫକୀର ମୋହନ କଲେଜରୁ ଆଇଏସସି ପାସ କରିଥିଲେ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍.ଏ ଓ ଏଲଏଲବି ପଢ଼ି ଥିଲେ। ୧୯୬୮ରେ ବାସନ୍ତୀ ଦେବୀଙ୍କ ସହ ତାଙ୍କର ବିବାହ ହୋଇଥିଲା ଏବଂ ତାଙ୍କ ପ୍ରଥମ କର୍ମମୟ ଜୀବନ ଜଣେ ଶିକ୍ଷକ ଭାବରେ କମରଦା ଜଗନ୍ନାଥ ଉଚ୍ଚବିଦ୍ୟାଳୟ ଓ ବସ୍ତା ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟରେ ହୋଇଥିଲା। ପରେ ବାଲେଶ୍ୱରର ସହକାରୀ ବନ୍ଦୋବସ୍ତ ଅଧିକାରୀ, ବାଲେଶ୍ୱର ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ନୀଳଗିରି ତହସିଲଦାର, ଭଦ୍ରକ ଏଡ଼ିଏମ୍, କଟକ ଜିଲ୍ଲା ଉନ୍ନୟନ ଅଧିକାରୀ, ରାଜ୍ୟ ନିର୍ବାଚନ ଆୟୋଗର ଉପସଚିବ, ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ତତ୍କାଳୀନ ଅତିରିକ୍ତ ଜିଲ୍ଲା ମାଜିଷ୍ଟେଟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୯୧ରେ ତାଙ୍କ କର୍ମମୟ ଜୀବନରୁ ଅବସର ପରେ ସେ ଭୋଗରାଇ ବିକାଶ ପରିଷଦର ସଭାପତି, ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ସଂସ୍ଥାପକ, ବାଲେଶ୍ୱର ଜିଲ୍ଲା ସେବା ସଂଘର ସଂସ୍ଥାପକ ପରି ଅନେକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ।

ସର୍ବପ୍ରଥମେ ୨୦୦୪ରେ ବିଜେଡ଼ି ଟିକେଟ ପାଇ ବିଜୟ ଲାଭ କରିଥିଲେ। ପୁଣି ୨୦୦୯, ୨୦୧୪ରେ ବିଧାୟକ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ସରକାରୀ ଦଳର ମୁଖ୍ୟ ସତେତକ, ୨୦୧୭ ମେ ପ୍ରଥମ ସପ୍ତାହରେ ଉଚ୍ଚଶିକ୍ଷା

ମନ୍ତ୍ରୀ ଓ ୨୦୧୮ରେ ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ୨୦୧୯ରେ ବିଜେଡ଼ିରୁ ଚତୁର୍ଥଥର ଟିକେଟ ପାଇ ବିଜୟୀ ହୋଇ ଜିଲ୍ଲା ଯୋଜନା ବୋଡର୍ରର ଅଧକ୍ଷ ଓ ବିଜେଡ଼ି ଜିଲ୍ଲା ସଭାପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱର୍ଗତଃ ଅନନ୍ତ ବାବୁଙ୍କ ସହଧର୍ମିଣୀ ବାସନ୍ତୀ ଦେବୀ ଓ ତିନିପୁଅ ଝିଅ ଭାରତୀ, ବୋହୂ ଓ ନାତି ନାତୁଣୀ ଅଛନ୍ତି। ବଡ଼ପୁଅ ବିଶ୍ୱଜିତ ବାବୁ ଜଣେ ସଫଳ ବ୍ୟବସାୟୀ ହୋଇଥିବାବେଳେ ମଝିଆ ପୁଅ ଇଞ୍ଜିନିୟର ଅଭିଜିତ ଜଣେ ବ୍ୟାଙ୍କ ଅଧିକାରୀ ଓ ସାନପୁଅ ସୁକଦେବ ବାବୁ ଇଞ୍ଜିନିୟର ଅଛନ୍ତି। ତାଙ୍କ ପରଲୋକ ପରେ ତାଙ୍କ ଶେଷ ଦର୍ଶନ ପାଇଁ ଦଳ ମତ ନିର୍ବିଶେଷରେ ଅନେକ ମାନ୍ୟଗଣ୍ୟ ଏପରିକି ସାଧାରଣ ଲୋକଙ୍କ ଭିଡ଼ ହିଁ ତାଙ୍କ ଲୋକପ୍ରିୟ ପ୍ରମାଣ କରୁଥିଲା। ଜନ୍ମମାଟି କୁରୁଠିଆରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ଅନ୍ତିମ ସଂସ୍କାର ହୋଇଥିଲା।

ଜଣେ ଜନପ୍ରତିନିଧି ଭାବେ କେବଳ ବାଲେଶ୍ୱର ଅଞ୍ଚଳର ନୁହେଁ ରାଜ୍ୟର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଛନ୍ତି। ବାଲେଶ୍ୱର ଓ ଭୋଗରାଇ ଅଞ୍ଚଳରେ ସେ ବାସ୍ତବରେ ଜଣେ ବିକାଶର ବନ୍ଧାଣୀ ଥିଲେ। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - "ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ।

ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ତାଙ୍କ ସହିତ ଏପରି ଜଣେ ମହାନ କର୍ମମୟ ଓ ଲୋକମାନଙ୍କ ପାଇଁ ସର୍ବଦା ବ୍ୟସ୍ତ ରହୁଥିବା ବ୍ୟକ୍ତିଙ୍କ ସହିତ ମୋର ଘନିଷ୍ଠ

ବଢିଲା ରାହୁଲଙ୍କ ଟେନସନ, କୋର୍ଟ ପଠାଇଲା ନୋଟିସ

ନୂଆଦିଲ୍ଲୀ,୨୧।୩: ଉତ୍ତର ପ୍ରଦେଶ ସମ୍ବଲର ସାଂସଦ-ବିଧାୟକ କୋର୍ଟ ବିରୋଧୀ ଦଳ ନେତା ତଥା କଂଗ୍ରେସ ଏମପି ରାହୁଲ ଗାନ୍ଧୀଙ୍କୁ ସମନ ଜାରି କରିଛନ୍ତି। କୋର୍ଟ ତାଙ୍କୁ ଏକ ନୋଟିସ ଜାରି କରି କହିଛନ୍ତି ଯେ ସେ ଏପ୍ରିଲ ୪ରେ କୋର୍ଟରେ ହାଜର ହୁଅନ୍ତୁ କିମ୍ବା ତାଙ୍କର ଉତ୍ତର ଦାଖଲ କରନ୍ତୁ। ରାହୁଲ ଗାନ୍ଧୀଙ୍କ ଏକ ବୟାନ ବିରୋଧରେ ତାଙ୍କୁ ଏହି ନୋଟିସ ଜାରି କରାଯାଇଛି। ଅତିରିକ୍ତ ଜିଲ୍ଲା ବିଚାରପତି (ଏଡିଜେ-II) ନିର୍ଭୟ ନାରାୟଣ ସିଂହ ଏକ ଆବେଦନ ଉପରେ ଏହି ନୋଟିସ ଜାରି କରିଛନ୍ତି। ହିନ୍ଦୁ ଶକ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷା ସିମରନ ଗୁପ୍ତା କୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ସିମରନ ଅଭିଯୋଗ କରିଛନ୍ତି ଯେ ଜାନୁଆରୀ ୧୫ ତାରିଖରେ ନୂଆଦିଲ୍ଲୀରେ ନୂତନ କଂଗ୍ରେସ ମୁଖ୍ୟାଳୟର ଉଦଘାଟନ ସମୟରେ ରାହୁଲ ଗାନ୍ଧୀ କହିଥିଲେ ଯେ ସେ ଭାଜପା ଏବଂ ଆରଏସଏସ ସହିତ ଏକ ଭାରତୀୟ ରାଜ୍ୟ ସହିତ ମଧ ଲଢୁଛନ୍ତି। ଏହି ବିବୃତ୍ତି ଦ୍ୱାରା ଲୋକଙ୍କ ଭାବନାକୁ ଆଘାତ ଲାଗିଛି। ସୂଚନାଯୋଗ୍ୟ, କୋର୍ଟରେ ଆବେଦନ ଦାଖଲ କରିବା ପୂର୍ବରୁ ସିମରନ ସମ୍ବଲର ଜିଲ୍ଲା ଅଧିକାରୀ ଏବଂ ପୋଲିସ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ, ଯେତେବେଳେ ରାହୁଲଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା, ସେ ଜାନୁଆରୀ ୨୩ତାରିଖରେ ସମ୍ବଲ ଜିଲ୍ଲା କୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। ଓକିଲ ସଚିନ ଗୋୟଲ ମାମଲାରେ କହିଛନ୍ତି ଯେ କୋର୍ଟ ତାଙ୍କ ଅଭିଯୋଗକୁ ଗ୍ରହଣ କରିଛନ୍ତି। କୋର୍ଟ ଆବେଦନ ଉପରେ ଗମ୍ଭୀରତା ପ୍ରକାଶ କରି ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନିର୍ଦ୍ଧାରିତ ସମୟରେ ହେବ।

ନୀତୀଶଙ୍କ ଉପରେ ଗର୍ଜିଲେ ତେଜସ୍ୱୀ, ବିଧାନସଭାରେ ହଙ୍ଗାମା

ପାଟନା,୨୧।୩: ଶୁକ୍ରବାର ବିହାର ବିଧାନସଭାରେ, ବିରୋଧୀ ଦଳ ଜାତୀୟ ସଙ୍ଗୀତର ଅପମାନ ପ୍ରସଙ୍ଗରେ ସରକାରଙ୍କ ବିରୁଦ୍ଧରେ ତୀବ୍ର ପ୍ରତିବାଦ କରିଥିଲେ। ବିଧାନସଭା ପରିସର ଭିତରେ ଏବଂ ଗୃହ ଭିତରେ ପ୍ରତିବାଦ କରାଯାଇଥିଲା ଏବଂ ଏହି ସମୟରେ ବିରୋଧୀ ଦଳ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ବିରୋଧୀ ସଦସ୍ୟମାନେ ଦାବି କରିଥିଲେ ଯେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତୀୟ ସଙ୍ଗୀତର ଅପମାନ କରିଛନ୍ତି ଏବଂ ସେ ୧୪୦ କୋଟି ଲୋକଙ୍କ ନିକଟରେ କ୍ଷମା ମାଗିବା ଉଚିତ। ନେତାମାନେ ଭାଜପା ବିରୋଧରେ ମାମଲା ରୁଜୁ କରିବାକୁ ମଧ୍ୟ ଦାବି କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ପାଟନାରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜାତୀୟ ସଙ୍ଗୀତ ସମୟରେ ଲୋକଙ୍କୁ ଅଭିବାଦନ କରୁଥିବାର ଦେଖାଯାଇଥିଲା। ଏହି ପ୍ରସଙ୍ଗରେ ସମଗ୍ର ବିରୋଧୀ ଦଳ ଏକଜୁଟ ହୋଇଛନ୍ତି। ଶୁକ୍ରବାର ବିହାର ବିଧାନସଭାରେ ସରକାରୀ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ, ସମଗ୍ର ବିରୋଧୀ ଦଳ ହାତରେ ଜାତୀୟ ପତାକା ଧରି ବିଧାନସଭା ପୋର୍ଟିକୋରେ ଜୋରଦାର ପ୍ରତିବାଦ କରିଥିଲେ। ବିରୋଧୀ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଜାତୀୟ ସଙ୍ଗୀତର ଅପମାନ କରିଥିବା ଅଭିଯୋଗ କରିଥିଲେ। ବିରୋଧୀ ସଦସ୍ୟଙ୍କ ଏହି ପ୍ରତିବାଦ ମଧ୍ୟରେ, ବିରୋଧୀ ଦଳ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ପ୍ରେସ ସହିତ କଥା ହୋଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଜାତୀୟ ସଙ୍ଗୀତର ଅପମାନ କରିଛନ୍ତି ଏବଂ ତାଙ୍କୁ ଦେଶର ୧୪୦ କୋଟି ଜନତାଙ୍କ ନିକଟରେ କ୍ଷମା ମାଗିବା ଉଚିତ। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାନସିକ ଅବସ୍ଥା ଭଲ ନାହିଁ, ଆମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତିତ, କିନ୍ତୁ ଜାତୀୟ ସଙ୍ଗୀତର ଅପମାନକୁ ବରଦାସ୍ତ କରାଯାଇପାରିବ ନାହିଁ।

ଗାଜାରେ ଜାରି ରହିଛି ଇସ୍ରାଏଲର ଆକ୍ରମଣ, ତିନି ଦିନରେ ଗଲାଣି ୬୦୦ ଜୀବନ

ନୂଆଦିଲ୍ଲୀ,୨୧।୩: ଗାଜାରେ ଥମୁନି ଇସ୍ରାଏଲର ଆକ୍ରମଣ। ଆଇଡିଏଫ୍‌ର ସାମରିକ ଅଭିଯାନରେ ଘଟିଛି ପ୍ରବଳ କ୍ଷୟକ୍ଷତି। ଗତ ତିନି ଦିଗରେ ଇସ୍ରାଏଲର ସ୍ଥଳ ଓ ଆକାଶ ମାର୍ଗରୁ ହୋଇଥିବା ହମଲାରେ ଯାଇସାରିଲାଣି ୬୦୦ ଜୀବନ। ଯେଉଁଥିରେ ରହିଛନ୍ତି ୨୦୦ରୁ ଅଧିକ ଶିଶୁ। ହମାସ ଆତଙ୍କୀଙ୍କୁ ଶେଷ କରିବାର ପ୍ରତିଜ୍ଞା ନେଇ ସ୍ଥଳଠାରୁ ନେଇ ଆକାଶମାର୍ଗ ପର୍ଯ୍ୟନ୍ତ କରୁଛି ହମଲା। ଆଇଡିଏଫ୍‌ର କହିବା ଅନୁସାରେ, ଦକ୍ଷିଣ ଗାଜାର ରାଫା ଓ ବେତ ଲୋହିୟା ସହର ଆଡକୁ ସୈନିକମାନେ ବଢିବାରେ ଲାଗିଛନ୍ତି। ଗତ ୧୫ ମାସ ମଧ୍ୟରେ ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଅନ୍ୟତମ। ଇସ୍ରାଏଲ ସେନା କହୁଛି ଆମେ କେବଳ ହମାସର ଆଡ୍ଡାକୁ ଟାର୍ଗେଟ କରି ଆକ୍ରମଣ କରୁଛୁ। ତେବେ ସ୍ଥାନୀୟ ଲୋକ କହୁଛନ୍ତି, ଆକ୍ରମଣରେ ସାଧାରଣ ନାଗରିକ ହିଁ ଅଧିକ ସଂଖ୍ୟାରେ ମରୁଛନ୍ତି। ସେପଟେ ହମାସ ଏହି ଆକ୍ରମଣକୁ ଅସ୍ତ୍ରବିରତୀ ଉଲଂଘନ ବୋଲି କହିଛି। ଏହା ସହ ଚେତାବନୀ ଦେଇ କହିଛି , ଗାଜରେ ଥିବା ଇସ୍ରାଏଲୀ ପଣବନ୍ଦୀଙ୍କ ପାଇଁ ହୋଇପାରେ ଅଶୁଆ। ୫୭ ଦିନର ଶାନ୍ତି ପରେ ମଙ୍ଗଳବାର ସକାଳେ ଇସ୍ରାଏଲୀ ବିମାନ ଆକ୍ରମଣରେ ଥରି ଉଠିଥିଲା ସମଗ୍ର ଗାଜା ଷ୍ଟ୍ରିପ । ପ୍ରଥମ ଦିନରେ ୪୦୦ରୁ ଅଧିକ ପାଲେଷ୍ଟାନୀଙ୍କ ହୋଇଥିଲା ମୃତ୍ୟୁ ହୋଇଥିଲା। ଗାଜାର ଅଲ୍ ଅହଲି ହସ୍ପିଟାଲରେ ପଡି ରହିଛି ଶତାଧିକ ମୃତଦେହ। ୪୨ ଦିନର ପ୍ରଥମ ପର୍ଯ୍ୟାୟ ପରେ ଇସ୍ରାଏଲ ଅସ୍ତ୍ରବିରତି ଚୁକ୍ତିନାମାର ଦ୍ୱିତୀୟ ପର୍ଯ୍ୟାୟର ସର୍ତ୍ତାବଳୀ ଗ୍ରହଣ କରିବାକୁ ମନା କରିଦେଇଥିଲା।

ବିଧାନସଭାରୁ ୧୮ ଭାଜପା ବିଧାୟକଙ୍କୁ ଟେକି ନେଲେ ସୁରକ୍ଷାକର୍ମୀ

ବେଙ୍ଗାଲୁରୁ,୨୧।୩: ବିଧାୟକଙ୍କୁ ବିଧାନସଭାରୁ ଟେକି ଟେକି ବାହାରକୁ କାଢ଼ିଲେ। ଏପରି କିଛି ଅଭାବନୀୟ ଦୃଶ୍ୟ ଆଜି ଦେଖିବାକୁ ମିଳିଛି କର୍ଣ୍ଣାଟକ ବିଧାନସଭାରେ। କର୍ଣ୍ଣାଟକର କଂଗ୍ରେସ ସରକାର '୬୦ ପ୍ରତିଶତ କମିଶନ୍' ନେଉଥିବା ଅଭିଯୋଗରେ ବିରୋଧ ପ୍ରଦର୍ଶନ କରୁଥିଲେ ବିଜେପି ବିଧାୟକ। ହନିଟ୍ରାପ ବିବାଦ ଓ ଠିକା କାମରେ ମୁସଲିମଙ୍କୁ ୪ ପ୍ରତିଶତ କାମ ଦେବା ସଂପର୍କିତ ବିଲକୁ ବିରୋଧ କରୁଥିଲେ ବିଜେପି ବିଧାୟକ। ଗୃହ ଭିତରେ ହଙ୍ଗଗୋଳ ଓ ନାରାବାଜି ଚାଲିଥିଲା। କେତେ ଜଣ ବିଧାୟକ ବାଚସ୍ପତିଙ୍କ ପୋଡିଅମ୍ ଉପରକୁ ଚଢିବାକୁ ଚେଷ୍ଟା କରିଥିଲେ । ଏହି ହଙ୍ଗଗୋଳ ସମୟରେ ଏକ ଅର୍ଥ ବିଲ୍ ଗୃହୀତ ହୋଇଥିଲା । ବିଶୃଙ୍ଖଳିତ ଆଚରଣ ପାଇଁ କର୍ଣ୍ଣାଟକ ବାଚସ୍ପତି ୟୁଟି ଖାଡେର ୧୮ ବିଧାୟକଙ୍କୁ ଗୃହରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଧାୟକ ବାହାରକୁ ନଯିବାରୁ ଶେଷରେ ମାଶଲ ଲଗାଇ ଟେକି ଟେକି ସେଠୁ ବହାରକୁ ବାହାର କରିଛନ୍ତି। ଖାଲି ଏତିକି ନୁହେଁ ବିଜେପି ବିଧାୟକମାନେ କାଗଜପତ୍ର ମଧ୍ୟ ଚିରିଥିଲେ । ଯେଉଁଥିରେ ଏହି ୧୮ ଜଣ ବିଜେପି ବିଧାୟକଙ୍କୁ ଗୃହରେ ବିଶୃଙ୍ଖଳିତ ଆଚରଣ ପାଇଁ ୬ ମାସ ପର୍ଯ୍ୟନ୍ତ ସସପେଣ୍ଡ କରାଯାଇଛି। ଏହା ତତକ୍ଷଣାତ୍ ଲାଗୁ ହେବ ବୋଲି ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟସୀମା ମଧ୍ୟରେ ବିଧାନସଭା ଗୃହ, ଲବି ଓ ଗ୍ୟାଲେରୀକୁ ଏହି ବିଜେପି ବିଧାୟକମାନେ ପଶିପାରିବେ ନାହିଁ । ବିଧାନସଭା ଷ୍ଟାଣ୍ଡିଂ କମିଟିର କୌଣସି ବୈଠକରେ ଭାଗ ନେଇପାରିବେ ନାହିଁ ।

ଦୁଇବର୍ଷର ସଂଘର୍ଷ ପରେ ମିଳିଲା ସଫଳତା

ରାଷ୍ଟ୍ରପତି ଭବନ କବଜା କଲା ସୁଦାନ ସେନାବାହିନୀ

ନୂଆଦିଲ୍ଲୀ,୨୧।୩: ଦୀର୍ଘ ୨ ବର୍ଷର ଗୃହ ଯୁଦ୍ଧ ପରେ ସୁଦାନ ରାଜନୀତିରେ ପରିବର୍ତ୍ତନ ଆସିଛି। ତେବେ ଶୁକ୍ରବାର ଖାରତୋମରେ ଥିବା ସୁଦାନର ରାଷ୍ଟ୍ରପତି ଭବନକୁ ସେନା ଅଧିଗ୍ରହଣ କରିଛି ବୋଲି ଘୋଷଣା କରିଛି। ଏହି ସହର ଅର୍ଦ୍ଧସାମରିକ ବାହିନି ଆରଏସଏଫର ଶେଷ ଗଡ଼ ଥିଲା। ଯାହାକୁ ହଟାଇ ସୁଦାନ ସେନା ଉକ୍ତ ଅଞ୍ଚଳକୁ ନିଜ କବଜାକୁ ନେଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଭିଡିଓରେ ସୁଦାନ ସେନା ରାଷ୍ଟ୍ରପତି ଭବନରେ ଥିବା ଦେଖାଯାଇଛି। ଏକ ଭିଡିଓରେ ଜଣେ ସେନା ଯବାନ ଆଜି ପବିତ୍ର ରମଜାନର ୨୧ ତମ ଦିନ ବୋଲି କହୁଥିବା ଜଣାପଡ଼ିଛି। ଯାହା ଆଜି ଅର୍ଥାତ ଶୁକ୍ରବାର ପଡୁଥିବାରୁ ଏହା ଆଜିର ଘଟଣା ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ସୁଦାନ ସେନାବାହିନିର ଜଣେ କ୍ୟାପଟେନ ଏକ ଭିଡିଓ ଜାରି କରିଛନ୍ତି। ତାଙ୍କ ସେନା ରାଷ୍ଟ୍ରପତି ଭବନରେ ଥିବା ନେଇ ସେ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଭବନ ଆଂଶିକ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ନେଇ ଜାରି ହୋଇଥିବା ବିଭିନ୍ନ ଭିଡିଓରେ ଦେଖାଯାଇଛି। ସୈନିକମାନେ ପ୍ରାସାଦର ଧ୍ୱାଂସବଶେଷ ମଧ୍ୟରେ ନିଜ ଅପରେସନ ଜାରି ରଖିଛନ୍ତି। ଆସଲ୍ଟ ରାଇଫଲ୍ ଏବଂ ରକେଟ୍-ଚାଳିତ ଗ୍ରେନେଡ୍ ଲଞ୍ଚର୍ ଧରି ସୈନିକମାନେ ସ୍ଲୋଗାନ ଦେଇ ରାଷ୍ଟ୍ରପତି ଭବନକୁ କବଜା କରୁଥିବା ଦେଖାଯାଇଛି। ସୁଦାନର ସୂଚନା ମନ୍ତ୍ରୀ ଖାଲିଦ ଅଲ-ଅସର ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ "ଆଜି ଆମ ଦେଶର ପତାକା ଗର୍ବରେ ଉଡୁଛି। ଆମକୁ ଆମ ରାଷ୍ଟ୍ରପତିଭବନ ମିଳିଯାଇଛି। ତେବେ ସଂପୂର୍ଣ୍ଣ ଜୟ ନମିଳିଲା ଯାଏ ଏ ଯାତ୍ରା ଜାରି ରହିବ।" ଉତ୍ତର-ପୂର୍ବ ଆଫ୍ରିକାରେ ଥିବା ସୁଦାନ ଦେଶ ୨୦୧୯ ମସିହାରେ ଏକ ଜନବିଦ୍ରୋହ ସଂଗଠିତ ହୋଇଥିଲା। ଏହି ବିଦ୍ରୋହ ଫଳରେ ଦେଶରେ ଦୀର୍ଘକାଳୀନ ଓ ନିରଙ୍କୁଶ ଭାବେ ଶାସନ କରୁଥିବା ରାଷ୍ଟ୍ରପତି ଓମାର ଅଲ-ବଶିରଙ୍କୁ ବହିଷ୍କାର କରାଯାଇଥିଲା। ଆଉ ଏହା ପରଠାରୁ ଦେଶର ସ୍ଥିତି ଅସ୍ଥିର ରହିଛି। ୨୦୨୧ ମସିହାରେ ବୁରହାନ ଏବଂ ଡାଗାଲୋ ଦଳ ଏକ ସାମରିକ ବିଦ୍ରୋହର ନେତୃତ୍ୱ ନେବା ପରେ ଦେଶ ଗୃହଯୁଦ୍ଧରେ ବୁଡି ରହିଛି। ୨୦୨୩ ମସିହା ଏପ୍ରିଲ ମାସ ପରଠୁ ଆରଏସଏଫ ଓ ସୁଦାନ ସାମରିକ ବାହିନି କ୍ଷମତାର କେନ୍ଦ୍ରରେ ରହିବା ପାଇଁ ପରସ୍ପର ସହ ଲଢେଇ ଆରମ୍ଭ କରିଦେଇଥିଲେ। ଏହି କାରଣରୁ ଦେଶରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ତେବେ ଆପଣଙ୍କୁ ଜଣାଇରଖୁ ଯେ ଆରଏସଏଫ ରାଜଧାନୀର ଏକ ବଡ ଅଂଶ ସହ ରାଷ୍ଟ୍ରପତି ଭବନ ଉପରେ କବ୍ଜା କରିନେଇଥିଲା। ତେବେ ବିଗତ କିଛି ମାସ ମଧ୍ୟରେ ସେନା ନିଜ ସ୍ଥିତି ମଜବୁତ କରି ଧିରେଧିରେ ରାଜଧାନୀର ଅନେକ ଅଂଶକୁ ନିଜ ନିୟନ୍ତ୍ରଣକୁ ଆଣିଥିଲା। ଏହାମଧ୍ୟରେ ଗତ ଗୁରୁବାର ଦିନ ଖାର୍ତୁମଠାରେ ଥିବା ରାଷ୍ଟ୍ରପତି ଭବନ ନିକଟରେ ଭୀଷଣ ବୋମାମାଡ ସାଙ୍ଗକୁ ଡ୍ରୋନ ଆକ୍ରମଣ କରାଯାଇଥିବା ନେଇ ସୂଚନା ମିଳିଥିଲା। ତେବେ ଆମେରିକା ଏହାକୁ ବିଶ୍ୱର ସବୁଠୁ ବଡ ମାନବୀୟ ସଙ୍କଟ ମଧ୍ୟରୁ ଅନ୍ୟତମ ବୋଲି ଘୋଷଣା କରିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ କାରଣରୁ ସୁଦାନର ଅନେକ ଅଞ୍ଚଳରେ ଖାଦ୍ୟସଙ୍କଟ ସହ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଛି। ଉଭୟ ପକ୍ଷ ଉପରେ ଅନେକ ଆରୋପ ରହିଛି। କିନ୍ତୁ ଆରଏସଏଫ ଉପରେ ନରସଂହାର ଭଳି ଗୁରୁତର ଆରୋପ ରହିଛି। ବର୍ତ୍ତମାନ ସ୍ଥିତି ଗମ୍ଭୀର ଥିଲା ବେଳେ ଆମେରିକା ଉଭୟ ପକ୍ଷ ମଧ୍ୟରେ ଶାନ୍ତି ବାର୍ତ୍ତା କରାଇବାକୁ ଚାହୁଁଛି।

ଇନଷ୍ଟାଗ୍ରାମରେ ଲାଇଭ୍ ଆସି ଆତ୍ମହତ୍ୟା କଲା ସ୍ୱାମୀ

● ୪୪ ମିନିଟ୍ ଯାଏ ଦେଖି ମଜା ନେଉଥିଲା ସ୍ତ୍ରୀ

ନୂଆଦିଲ୍ଲୀ,୨୧।୩: ସାତ ଜନ୍ମ ପାଇଁ ଶପଥ ନେଇଥିବା ସ୍ତ୍ରୀ ଏତେ ନିଷ୍ଠୁର ହୋଇଗଲା ଯେ ୪୪ ମିନିଟ୍ ଯାଏ ନିଜ ସ୍ୱାମୀର ମୃତ୍ୟୁର ମଜା ନେଉଥିଲା । ଇନଷ୍ଟାଗ୍ରାମରେ ଲାଇଭ୍ ଆସି ସ୍ୱାମୀ ଆତ୍ମହତ୍ୟା କରୁଥିବା ବେଳେ ସ୍ତ୍ରୀର ମୁହଁରୁ ଗୋଟିଏ ଶବ୍ଦ ବାହାରି ନଥିଲା । ଯୁବକ ଜଣକ ସ୍ତ୍ରୀ ଓ ଶାଶୁଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଥିବା କହିଥିଲେ । ପୋଲିସ ଉଭୟଙ୍କୁ ଗିରଫ କରି ଜେଲ୍ ପଠାଇଛି । ଲାଇଭ୍ ହିନ୍ଦୁସ୍ତାନର ରିପୋର୍ଟ ଅନୁସାରେ ବହୁ ଚର୍ଚ୍ଚିତ ଅତୁଷ ସୁଭାଷ ପରି ଆଉ ଏକ ଘଟଣା ରିଭାରେ ଘଟିଛି । ଜଣେ ଯୁବକ ଇନଷ୍ଟାଗ୍ରାମରେ ହାଇଭ୍ ଆସି ଆତ୍ମହତ୍ୟା କରିଥିଲେ। ସେହି ସମୟରେ ଯୁବକଙ୍କ ପତ୍ନୀ ଲାଇଭ୍ ଆସି ୪୪ ମିନିଟ୍ ଆତ୍ମହତ୍ୟାକୁ ଦେଖିଥିଲେ । କିନ୍ତୁ ଏହାକୁ ରୋକିବା ପାଇଁ କୌଣସି ଉଦ୍ୟମ କରିନଥିଲେ । ଯୁବକ ଜଣକ ସ୍ତ୍ରୀ ଓ ଶାଶୁଙ୍କ ନିର୍ଯାତନା ଯୋଗୁଁ ଆତ୍ମହତ୍ୟା କରୁଥିବା କହିଥିଲେ । ପୋଲିସ ତଦନ୍ତରେ ପତ୍ନୀ ଓ ତାଙ୍କ ମାଆକୁ ଦୋଷୀ ପାଇଥିଲା । ଏହାପରେ ଉଭୟଙ୍କୁ ଗିରଫ କରି ଜେଲ୍ ପଠାଯାଇଛି । ମୃତ ଶିବ ପ୍ରକାଶ ତ୍ରିପାଠୀ ଦୁଇ ବର୍ଷ ପୂର୍ବେ ବୈକୁଣ୍ଠପୁରର ରିମାରୀ ଗାଁର ପ୍ରିୟା ଶର୍ମାଙ୍କୁ ବିବାହ କରିଥିଲେ । ପ୍ରଥମେ ଉଭୟଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିଥିଲା । କିନ୍ତୁ କିଛି ମାସ ପରେ ପ୍ରିୟା ଲୁଚି-ଛପି ଅନ୍ୟ କାହା ସହ କଥାବର୍ତ୍ତା କରିବା ଆରମ୍ଭ କରିଥିଲେ । ଏକଥା ପ୍ରକାଶ ଜାଣିବାକୁ ପାଇଥିଲେ, କିନ୍ତୁ ଘରର ଅନ୍ୟ କୌଣସି ସଦସ୍ୟଙ୍କୁ ଜଣାଇନଥିଲେ । ଶିବ ପ୍ରକାଶ ନିଜ ଦାମ୍ପତ୍ୟ ଜୀବନକୁ ବଞ୍ଚାଇବା ପାଇଁ ସବୁ ସମ୍ଭବ ଉଦ୍ୟମ କରିଥିଲେ। ତେବେ ଏହି ସମୟରେ ଶିବ ପ୍ରକାଶ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

ଭୂମିକମ୍ପରେ ଥରିଲା ଆଫଗାନିସ୍ତାନ

କାବୁଲ,୨୧।୩: ଭାରତର ପଡ଼ୋଶୀ ଦେଶ ଆଫଗାନିସ୍ତାନରେ ପୁଣି ଥରେ ଭୂମିକମ୍ପର ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଛି। ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି (ଏନ୍‌ସିଏସ୍) ଅନୁଯାୟୀ, ଆଫଗାନିସ୍ତାନରେ ୪.୯ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ବିଳମ୍ବିତ ରାତିରେ ହୋଇଥିବା ଏହି ଭୂମିକମ୍ପ ଯୋଗୁ ଅନେକ ଲୋକ ଘରୁ ବାହାରକୁ ଦୌଡ଼ି ପଳାଇ ଆସୁଥିବାର ଦେଖାଯାଇଥିଲା। ତଥାପି ଏପର୍ଯ୍ୟନ୍ତ କୌଣସି କ୍ଷତିର ଖବର ନାହିଁ। ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ଏହି ଭୂମିକମ୍ପ ରାତି ୧ଟାରେ ହୋଇଥିଲା ଏବଂ ଏହାର ଗଭୀରତା ୧୬୦ କିଲୋମିଟର ଥିଲା। ଏହା ପୂର୍ବରୁ ମାର୍ଚ୍ଚ ୧୩ ତାରିଖରେ ଆଫଗାନିସ୍ତାନରେ ମଧ୍ୟ ୪.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଫେବୃଆରୀ ୯ରେ ଆଫଗାନିସ୍ତାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା।

ଲଖନଉର ପାୱାର ସବଷ୍ଟେସନରେ ଅଗ୍ନିକାଣ୍ଡ

● ୨୪ ଘଣ୍ଟା ପାଇଁ ବନ୍ଦ ରହିବ ହିଥ୍ରୋ ବିମାନ ବନ୍ଦର

ନୂଆଦିଲ୍ଲୀ,୨୧।୩: ଦୁନିଆର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ମଧ୍ୟରୁ ଲଣ୍ଡନର ହିଥ୍ରୋ ବିମାନବନ୍ଦର। ଏବେ ସେଠାରେ ଏକ ବଡ ସମସ୍ୟା ଉପୁଜିଛି। ବିମାନବନ୍ଦର ନିକଟରେ ବ୍ୟାପକ ଅଗ୍ନିକାଣ୍ଡ ହେତୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଶୁକ୍ରବାର ଦିନ ବିମାନବନ୍ଦର କଣ୍ଟ୍ରୋଲ୍ସର ପାୱାର ପ୍ଲାଣ୍ଟରେ ନିଆଁ ଲାଗିଯାଇଥିଲା। ଯେଉଁ କାରଣରୁ ଏହି ନିଷ୍ପତ୍ତି ଶୀଘ୍ର ନିଆଯାଇଛି। ରିପୋର୍ଟ ଅନୁଯାୟୀ ବିମାନବନ୍ଦର କଣ୍ଟ୍ରୋଲ୍ସ ୨୪ ଘଣ୍ଟା ବନ୍ଦ ରହିବ। ବିମାନବନ୍ଦର ପରିଚାଳନା ଏହି ବିଷୟରେ ଲୋକଙ୍କୁ ସୂଚନା ଦେଇଛି। ପ୍ରଶାସନ କହିଛି ଯେ ନିଆଁ ଲିଭାଇବା ପରେ ବିମାନବନ୍ଦର କଣ୍ଟ୍ରୋଲ୍ସକୁ ଟ୍ରାକକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚାଲିଛି। ହିଥ୍ରୋ ବିମାନ ବନ୍ଦର ବନ୍ଦ ହେତୁ ୧୩୦୦ରୁ ଅଧିକ ବିମାନ ପ୍ରଭାବିତ ହେବ। ୟୁରୋପରୁ ଆସୁଥିବା ସମସ୍ତ ବିମାନର ମାର୍ଗ ପରିବର୍ତ୍ତନ କରାଯାଇଛି। ବିମାନ ବନ୍ଦର ବନ୍ଦ ହେତୁ ନିକଟରେ ବିମାନର ଭିଡ଼ ଜମିଛି। ବିମାନ ଉଡ଼ାଣ ଏପର୍ଯ୍ୟନ୍ତ ବାତିଲ ହୋଇନାହିଁ ବୋଲି ବିମାନବନ୍ଦର ପ୍ରଶାସନ କହିଛି। ବିମାନବନ୍ଦର ପ୍ରଶାସନର ଏହି ନିଷ୍ପତ୍ତି ଯୋଗୁଁ ପ୍ରାୟ ୨ ଲକ୍ଷ ଲୋକ ଫସି ରହିଛନ୍ତି। ଏହାର ବନ୍ଦ ଯୋଗୁଁ ସମଗ୍ର ବିଶ୍ୱରେ ବିମାନ ସେବା ପ୍ରଭାବିତ ହୋଇପାରେ। ଧୀରେ ଧୀରେ କାର୍ଯ୍ୟ ପୁନଃସ୍ଥାପନ କରିବାକୁ ଚେଷ୍ଟା କରୁଛି। ବିମାନବନ୍ଦର ପରିସରରେ କିପରି ନିଆଁ ଲାଗିଥିଲା ପୋଲିସ ତଦନ୍ତ ଆରମ୍ଭ କରିଛି।

ତିରୁପତି ମନ୍ଦିରରେ ରହିବେ କେବଳ ହିନ୍ଦୁ କର୍ମଚାରୀ

ନୂଆଦିଲ୍ଲୀ,୨୧।୩: ତିରୁପତି-ତିରୁମାଳା ଦେବସ୍ଥାନମ୍ ଅର୍ଥାତ ତିରୁପତି ମନ୍ଦିରରେ କାମ କରୁଥିବା ଲୋକଙ୍କ ସମ୍ପର୍କରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ

ଆଜିଠୁ ଆଇପିଏଲ୍, ବଢୁଛି ଉତ୍କଣ୍ଠା

ଗୁଆହାଟୀକୁ ସ୍ଥାନାନ୍ତର ହେଲା କେକେଆର୍-ଏଲ୍ଏସ୍ଜି ମ୍ୟାଚ୍

କୋଲକାତା, ୨୧।୨: ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବ। ଏହାକୁ ନେଇ କ୍ରିକେଟ୍ ଜଗତରେ ପ୍ରବଳ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ତେବେ ରାମନବମୀ ଅବସରରେ ଆବଶ୍ୟକ ସୁରକ୍ଷା ପ୍ରଦାନ କରିବାକୁ ସ୍ଥାନୀୟ ପୁଲିସ ମନା କରିବା ପରେ ଏପ୍ରିଲ ୬ରେ ଏଠାରେ ଖେଳାଯିବାକୁ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ମ୍ୟାଚ୍ ଗୁଆହାଟୀକୁ ସ୍ଥାନାନ୍ତର ହୋଇଛି। ବେଙ୍ଗଲ କ୍ରିକେଟ୍ ସଂଘ ସଭାପତି ତଥା ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲି ଗୁରୁବାର ଏହି ସୂଚନା ଦେଇଛନ୍ତି।

ଏହା ପୂର୍ବରୁ ଗତବର୍ଷ ରାମନବମୀରେ ଇଡେନ୍ ଗାର୍ଡେନ୍ସରେ ଖେଳାଯିବାକୁ ଥିବା କେକେଆର୍ ଓ ରାଜସ୍ଥାନ ରୟାଲ୍ସ ମ୍ୟାଚ୍‌ର ଭେନ୍ୟୁକୁ ମଧ୍ୟ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା ନହେଲେ ୬୫୦୦୦ରୁ ଅଧିକ ଦର୍ଶକଙ୍କୁ ପରିଚାଳନା କରିବା ଅତ୍ୟନ୍ତ କଷ୍ଟକର ହେବ। ଏଣୁ କେକେଆର୍-ଏଲ୍ଏସ୍ଜି ମ୍ୟାଚ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଆମେ ବିସିସିଆଇକୁ ଅନୁରୋଧ କରିଥିଲୁ ବୋଲି ସ୍ନେହାଶିଷ କହିଛନ୍ତି। ସୂଚନାଯୋଗ୍ୟ ଯେ ରାମନବମୀ ଅବସରରେ ପଶ୍ଚିମବଙ୍ଗରେ ୨୦,୦୦୦ରୁ ଅଧିକ ଶୋଭାଯାତ୍ରା କରାଯିବ ବୋଲି ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି। ଏହାକୁ ଦେଖି କୋଲକାତା ପୁଲିସ ରାମନବମୀରେ କ୍ରିକେଟ୍ ମ୍ୟାଚ୍ ପାଇଁ ସୁରକ୍ଷା ଦେବାକୁ ନିଜ ଅକ୍ଷମତା ପ୍ରକାଶ କରିଥିବା ଜଣାପଡ଼ିଛି।

ରାଜସ୍ଥାନର ପ୍ରଥମ ୩ ମ୍ୟାଚ୍‌ରେ ପରାଗ ଅଧିନାୟକ

ରାଜସ୍ଥାନ ରୟାଲ୍ସର ପ୍ରଥମ ତିନି ମ୍ୟାଚ୍‌ରେ ରିଆନ ପରାଗ କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇବେ। ନିୟମିତ ଅଧିନାୟକ ସଞ୍ଜୁ ସାମସନ୍ ପୂରା ଫିଟ୍ ନଥିବାରୁ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ସଞ୍ଜୁ ଜଣେ ଖେଳାଳି ଭାବେ ଏହି ମ୍ୟାଚ୍‌ଗୁଡ଼ିକ ଲାଗି ଉପଲବ୍ଧ ହେବେ। ଅଙ୍ଗୁଳିରେ ଅସ୍ତ୍ରୋପଚାର ହୋଇଥିବାରୁ ବିସିସିଆଇ ଡାକ୍ତରମାନେ ତାଙ୍କୁ ଆଉ କିଛି ଦିନ ପାଇଁ ୱିକେଟ୍‌ରକ୍ଷଣ ନକରିବାକୁ ପରାମର୍ଶ ଦେବା ପରେ ରାଜସ୍ଥାନ ବାଧ୍ୟହୋଇ ତାଙ୍କୁ ଅଧିନାୟକ ଦାୟିତ୍ୱରୁ ଦୂରେଇ ରଖିଥିବା ଜଣାପଡ଼ିଛି। ସଞ୍ଜୁଙ୍କୁ ସମ୍ଭବତଃ ରାଜସ୍ଥାନ ଇମ୍ପାକ୍ଟ ପ୍ଲେୟାର ଭାବେ ଏହି ମ୍ୟାଚ୍‌ଗୁଡ଼ିକରେ ଖେଳାଇପାରେ। ସୂଚନାଯୋଗ୍ୟ ଯେ ଗତମାସରେ ମୁମ୍ବାଇରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଟ୍ୱେନ୍ଟି-୨୦ ମୁକାବିଲାରେ ସଞ୍ଜୁ ଆହତ ହୋଇଥିଲେ। ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଆଘାତପ୍ରାପ୍ତ ହେବା ପରେ ତାଙ୍କ ଅଙ୍ଗୁଳିରେ ଅସ୍ତ୍ରୋପଚାର କରାଯାଇଥିଲା।

ସାଲିଭା ବାସନ୍ଧ ପ୍ରତ୍ୟାହୃତ

ଭାରତୀୟ ଦଳର ବରିଷ୍ଠ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଦାବି ତଥା ଅସନ୍ତୋଷ ପରେ ବିସିସିଆଇ ନମ୍ର ହୋଇଛି। ବହୁ ଅଧିନାୟକଙ୍କ ପରାମର୍ଶ କ୍ରମେ ଆଇପିଏଲ୍-୨୦୨୫ ଆରମ୍ଭର ମାତ୍ର ୨ ଦିନ ପୂର୍ବରୁ ସାଲିଭା (ବଲ୍‌ରେ ଲଗାଯାଉଥିବା ଲାଳ କି ଛେପ) ଉପରେ ରହିଥିବା ବାସନ୍ଧକୁ ପ୍ରତ୍ୟାହାର କରି ନେଇଛି। କୋଭିଡ୍-୧୯ ପରବର୍ତ୍ତୀ ମହାମାରୀ ସମୟରେ କ୍ରିକେଟ୍ ଫେରିବା ଲାଗି ଆଇସିସି ସାମୟିକ ଭାବେ ସାଲିଭା ଉପରେ ନିଲମ୍ବନ ଲାଗୁ କରିଥିଲା। ସ୍ୱାସ୍ଥ୍ୟ ଓ ସୁରକ୍ଷାଗତ କାରଣ ଦର୍ଶାଇ ଆଇସିସି ମଧ୍ୟ ୨୦୨୨ ମସିହାରେ ଏହାକୁ ସ୍ଥାୟୀ ଭାବେ ବାସନ୍ଧ କରିଥିଲା। ଏବେ ବିସିସିଆଇ ବିଶ୍ୱର ପ୍ରଥମ ବୋର୍ଡ ଭାବେ ସାଲିଭା ନିଲମ୍ବନକୁ ପ୍ରତ୍ୟାହାର କରି ନେଇଛି। ଅବଶ୍ୟ ଏହି ବାସନ୍ଧକୁ କେବଳ ଆଇପିଏଲ୍-୨୦୨୫ ପାଇଁ ପ୍ରତ୍ୟାହାର କରାଯାଇଛି ବୋଲି ବିସିସିଆଇ ପ୍ରକାଶ କରିଛି।

ଗତ ସପ୍ତାହରେ ମୁମ୍ବାଇରେ ଅନୁଷ୍ଠିତ ଆଇପିଏଲ୍ ଅଧିନାୟକଙ୍କ ବୈଠକରେ ଅଧିକାଂଶ ସାଲିଭା ବାସନ୍ଧ ପ୍ରତ୍ୟାହାର ପ୍ରସ୍ତାବକୁ ସମର୍ଥନ କରିଥିଲେ। ଆଇପିଏଲ୍ ଏକ ଘରୋଇ ପ୍ରତିଯୋଗିତା ହୋଇଥିବାରୁ ଏହା ଆଇସିସି ନିୟନ୍ତ୍ରଣ ବାହାରେ ରହିଛି ଏବଂ ନିଜ ଖେଳ ନିୟମାବଳୀରୁ ସାଲିଭା ବ୍ୟବହାରକୁ ସମ୍ମତି ଜଣାଇଛି। ସୂଚନାଯୋଗ୍ୟ, କ୍ରିକେଟ୍ ବଲକୁ ଅଧିକ ଚିକ୍କଣ କରିବାକୁ ବୋଲରମାନେ ଏଥିରେ ଲାଳ କି ଛେପ ଲଗାଇବା ବହୁ ଦିନରୁ ପ୍ରଚଳିତ ରହିଥିଲା। କେବଳ କୋଭିଡ୍ କଟକଣା ପରେ ଏହାକୁ ନେଇ ପୁନଃବିଚାର କରାଯାଇଥିଲା।

ଗ୍ଲାମର୍ ଭରିବେ ଦିଶା

ଆଇପିଏଲ୍ ୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ଦର୍ଶକଙ୍କୁ ଝୁମାଇବେ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ। ଉଦ୍‌ଘାଟନୀ ଉତ୍ସବ କୋଲ୍‌କାତାସ୍ଥିତ ଇଡେନ୍ ଗାର୍ଡେନ୍ସଠାରେ ଶନିବାର ଅନୁଷ୍ଠିତ ହେବ। ଆଇପିଏଲ୍ ତା' ଏକ୍ସ ପୃଷ୍ଠାରେ ଏହି ସୂଚନା ଦେଇଛି। ଏଥିରେ ଲେଖାହୋଇଛି, ''ଆଇପିଏଲ୍‌କୁ ୧୮ ବର୍ଷ ପୂରଣ ଅବସରରେ ଏଭଳି ଉତ୍ସବ ପାଳିତ ହେବ, ଯେପରିକି କେବେ ପୂର୍ବରୁ ହୋଇ ନଥିବ! ଷ୍ଟେଜ୍ ଦୁଲୁକାଇବାରେ ଦିଶା ପଟାନୀଙ୍କଠୁ କିଏ ଭଲ ହୋଇପାରେ? ଟାଟାଆଇପିଏଲ୍ ୧୮ର ଉଦ୍‌ଘାଟନୀ ଉତ୍ସବକୁ ହାତଛଡ଼ା କରନ୍ତୁ ନାହିଁ''। ଏହି ତାରକା ଖଚିତ କାର୍ଯ୍ୟକ୍ରମରେ ଦିଶାଙ୍କ ସହ ଗାୟକ କରନ ଔଜଲା ଓ ଶ୍ରେୟା ଘୋଷାଲ ମଧ୍ୟ ଯୋଗଦେବେ। ଏହି ଉତ୍ସବରେ ଆଇସିସି ଅଧକ୍ଷ ଜୟ ଶାହ ଓ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

୧୩୦ ବର୍ଷର ଇତିହାସରେ ପ୍ରଥମ

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସଭାପତି ହେଲେ କ୍ରିଷ୍ଟି କୋଭେଣ୍ଟ୍ରି

ନୂଆଦିଲ୍ଲୀ, ୨୧।୩: ଆନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସଭାପତି ଜୟ ଶାହ ଆନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ନବନିର୍ବାଚିତ ସଭାପତି କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କ୍ରିଷ୍ଟି କୋଭେଣ୍ଟ୍ରି ପ୍ରଥମ ମହିଳା ଯିଏ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ହୋଇଛନ୍ତି। ଏହା ବ୍ୟତୀତ କ୍ରିଷ୍ଟି କୋଭେଣ୍ଟ୍ରି ଜିମ୍ବାୱେର କ୍ରୀଡା ମନ୍ତ୍ରୀ ଅଛନ୍ତି। ତଥାପି, ଏବେ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ପଦ ଗ୍ରହଣ କରିବେ।

ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଅଧକ୍ଷ ହେବା ପାଇଁ କ୍ରିଷ୍ଟିଙ୍କୁ ଅଭିନନ୍ଦନ ଜଣାଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଅଧକ୍ଷ ଜୟ ଶାହ କହିଛନ୍ତି ଯେ ସେ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସ ୨୦୨୮ରେ କ୍ରିକେଟକୁ ସାମିଲ କରିବା ପାଇଁ ପ୍ରତିବଦ୍ଧ। ଏଥିପାଇଁ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ନବନିର୍ବାଚିତ ସଭାପତି କ୍ରିଷ୍ଟିଙ୍କ ସହ କାମ କରିବାକୁ ଅପେକ୍ଷା କରିଛନ୍ତି। ପୂର୍ବରୁ, କ୍ରିକେଟକୁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡା ଏବଂ ୨୦୨୩ ଏସୀୟ କ୍ରୀଡାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସେହି ସମୟରେ, ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଏବେ ପ୍ରସ୍ତୁତି ଚାଲିଛି। ଯଦି ଏହା ହୁଏ, ତେବେ ପ୍ରାୟ ୧୨୮ ବର୍ଷ ପରେ କ୍ରିକେଟ ଅଲିମ୍ପିକ ଗେମ୍ସରେ ପୁନରାଗମନ କରେ, ତେବେ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯିବ। କ୍ରିକେଟ ବ୍ୟତୀତ, ବେସବଲ, ଫ୍ଲାଗ ଫୁଟବଲ, ଲାକ୍ରୋସ ଏବଂ ସ୍କ୍ୱାସ ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସରେ ଫେରିବାର ସମ୍ଭାବନା ଅଛି।

ଶୁଭକାମନା ଜଣାଇଲେ ଜୟ ଶାହା

ଅଲିମ୍ପିକ୍ସ ଗେମ୍ସକୁ ଫେରିବ। ସୂଚନାଯୋଗ୍ୟ, କ୍ରିଷ୍ଟି କୋଭେଣ୍ଟ୍ରି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଦଶମ ଅଧକ୍ଷ ହେବେ। ଏହା ବ୍ୟତୀତ, ସେ ଆଇଓସି ର ସଭାପତି ନିର୍ବାଚିତ ହେବାରେ ପ୍ରଥମ ମହିଳା ଏବଂ ପ୍ରଥମ ଆଫ୍ରିକୀୟ ହେବେ। ଗ୍ରୀସର କୋଷ୍ଟା ନାଭାରିନୋରେ ଅନୁଷ୍ଠିତ ଆଇଓସିର ୧୪୪ତମ ଅଧିବେଶନରେ କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଅଧକ୍ଷ ନିର୍ବାଚିତ କରାଯାଇଥିଲା। ପୂର୍ବରୁ, କ୍ରିଷ୍ଟି କଭେଣ୍ଟ୍ରିଙ୍କୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ମ୍ୟାଚ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ସମୟରେ କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଦେଖିବାକୁ ମିଳିଥିଲା। ତଥାପି, ଯଦି କ୍ରିକେଟ ଅଲିମ୍ପିକ ଗେମ୍ସରେ ପୁନରାଗମନ କରେ, ତେବେ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯିବ। କ୍ରିକେଟ ବ୍ୟତୀତ, ବେସବଲ, ଫ୍ଲାଗ ଫୁଟବଲ, ଲାକ୍ରୋସ ଏବଂ ସ୍କ୍ୱାସ ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସରେ ଫେରିବାର ସମ୍ଭାବନା ଅଛି।

ଖେଳାଳି ଓ ଅମ୍ପାୟାରରେ ତନ୍ମୟ ପ୍ରଥମ

ନୂଆଦିଲ୍ଲୀ, ୨୧।୩: ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ୨୦୦୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ବିଜେତା ହୋଇଥିଲା। ଏହି ଦଳର ସଦସ୍ୟ ଥିବା କୋହଲିଙ୍କ ସାଥୀ ଖେଳାଳି ତଥା ଫାଇନାଲ୍ ମ୍ୟାଚ୍‌ର ହିରୋ ତନ୍ମୟ ଶ୍ରୀବାସ୍ତବ ଆଗାମୀ ଆଇପିଏଲ୍‌ରେ ଅମ୍ପାୟାରିଂ କରିବାକୁ ଯାଉଛନ୍ତି। ଆଇପିଏଲ୍‌ରେ ଉଭୟ ଖେଳାଳି ଓ ଅମ୍ପାୟାରିଂ କରିବାରେ ସେ ପ୍ରଥମ ବ୍ୟକ୍ତି ହେବେ। ତନ୍ମୟ ୨୦୦୮ ଓ ୨୦୦୯ ଋତୁରେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳିଥିଲେ। ୩ ପାଳିରୁ ମାତ୍ର ୮ ରନ୍ କରିଥିଲେ। ପରବର୍ତ୍ତୀ ଦୁଇ ଋତୁରେ ସେ ଡେକାନ ଚାର୍ଜର୍ସ ଓ କୋଚି ଟସ୍କର୍ସ କେରଳ ଦଳରେ ରହିଥିଲେ ମଧ୍ୟ ଖେଳିବାର ସୁଯୋଗ ପାଇ ନଥିଲେ। ସେ ଭାରତର ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ୬ ପାଳିରୁ ୫୨ ହାରରେ ମୋଟ ୨୬୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ୍‌ରେ ତନ୍ମୟ ସର୍ବାଧିକ ୪୬ ରନ୍ କରିଥିଲେ। ବିଶ୍ୱକପ୍‌ର ସେ ମଧ୍ୟ ଅଗ୍ରଣୀ ସ୍କୋରର୍ ଥିଲେ। ତନ୍ମୟ ଉତ୍ତରପ୍ରଦେଶ ପକ୍ଷରୁ ୯୦ ପ୍ରଥମ ଶ୍ରେଣୀ, ୪୦ ଲିଷ୍ଟ ଏ' ଏବଂ ୩୪ ଟ୍ୱେନ୍ଟି-୨୦ ଖେଳି ୭୦୦୦ରୁ ଅଧିକ ରନ୍ କରିଛନ୍ତି। ୨୦୨୦ରେ ଅବସର ନେବା ପରେ ଅମ୍ପାୟାରିଂ ଜୀବନ ଆରମ୍ଭ କରିଥିଲେ। ଏହି ୫ ବର୍ଷ ମଧ୍ୟରେ ରଣଜୀ ଓ ବିଜୟ ହଜାରେ ଟ୍ରଫି ସହ ଅନେକ ଘରୋଇ କ୍ରିକେଟ୍ ମ୍ୟାଚ୍ ପରିଚାଳନା କରିଛନ୍ତି ସେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସ୍ୱାସ୍ଥ୍ୟସେବାରେ....

ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବେ। ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଏହି ସୁବିଧା ମିଳୁଥିଲା। ଆୟୁଷ୍ମାନ ଭାରତ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ସରକାର ଭାରତ ସରକାରଙ୍କ ଠାରୁ କେନ୍ଦ୍ରୀୟ ଅଂଶଧନ ପାଇବେ। ସେହିପରି, ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକମାନଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ପରି ଚାଲୁରହିବ। ରାଜ୍ୟ କ୍ୟାବିନେଟ୍ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ବାବଦକୁ ୫ ବର୍ଷ, ଅର୍ଥାତ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୬ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛନ୍ତି। ସେହିଭଳି ଖଣି କାର୍ଯ୍ୟ ଯୋଗୁଁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲ୍ଲା ଖଣିଜ ଫାଉଣ୍ଡେସନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା। ଖଣି ଅଞ୍ଚଳରେ ରହୁଥିବା ପରିବାର କେବଳ ଜମି ନୁହେଁ ବରଂ ତାଙ୍କର ଜୀବିକା ଓ ତାଙ୍କର ପରିଚୟ ମଧ୍ୟ ହରାଇଛନ୍ତି। ଖଣି କାର୍ଯ୍ୟ ଫଳରେ ଉପୁଜୁଥିବା ପରିବେଶ ଅବକ୍ଷୟ ଯୋଗୁଁ ସେମାନେ ଏହାର ନକାରାତ୍ମକ ପ୍ରଭାବର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଏହି ପ୍ରତିକୂଳ ପ୍ରଭାବରୁ ମୁକୁଳିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜିଲ୍ଲା ଖଣିଜ ଫାଉଣ୍ଡେସନ ପାଣ୍ଠି (ଡିଏମଏଫ) ଗଠନ କରାଯାଇଥିଲା। ଏହି ପାଣ୍ଠି ପ୍ରଭାବିତ ଅଞ୍ଚଳରେ ରହୁଥିବା ପରିବାରର ହିତ ପାଇଁ ବ୍ୟବହୃତ ହେଉଥିଛି। ଏହି ବ୍ୟବସ୍ଥା ଗୁଡ଼ିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ଡିଏମଏଫ ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏହି ସଂଶୋଧନରେ ଅନେକ ନୂତନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଛି ଯାହା ଏ ପର୍ଯ୍ୟନ୍ତ ଉପଲବ୍ଧ ନଥିଲା। ଏହା ଦ୍ୱାରା ଖଣି ଅଞ୍ଚଳରେ ପ୍ରଭାବିତ ପରିବାର ବର୍ଗ ବହୁ ମାତ୍ରାରେ ଉପକୃତ ହେବେ। ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ ତାଲିକା କେବଳ ଡିଏମଏଫ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ। ସେହିପରି ଖଣି ପ୍ରଭାବିତ ପରିବାରର ସ୍ୱାର୍ଥରକ୍ଷା ପାଇଁ ପୂର୍ବ ନିୟମ ତୁଳନାରେ ଅନେକ ଉନ୍ନତି କରାଯାଇଛି। ଏହାଦ୍ୱାରା ପରିବାରଗୁଡ଼ିକୁ ଲାଭଜନକ ଜୀବିକା, ଦକ୍ଷତା ବିକାଶ, କୃଷି ସହାୟତା ଇତ୍ୟାଦି ମିଳିପାରିବ। ସଂଶୋଧିତ ନିୟମାବଳୀ ଅନୁସାରେ ସିଧାସଳଖ ପ୍ରଭାବିତ ଅଞ୍ଚଳ ସୀମା ୧୦ କିଲୋମିଟରରୁ ବୃଦ୍ଧି କରି ୧୫ କିଲୋମିଟରକୁ କରାଯାଇଛି। ସେହିପରି ପରୋକ୍ଷ ପ୍ରଭାବିତ ଅଞ୍ଚଳର ସର୍ବାଧିକ ସୀମା ୨୫ କିଲୋମିଟରରେ ସୀମିତ ରଖାଯାଇଛି। ଏହି ପାଣ୍ଠି ସେହି ଲୋକମାନଙ୍କ ପାଇଁ ବ୍ୟବହୃତ ହେବ, ଯେଉଁ ମାନେ ପ୍ରକୃତରେ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ପ୍ରତିକୂଳ ଭାବେ ପ୍ରଭାବିତ ହୁଅନ୍ତି। କ୍ୟାବିନେଟ୍ ଏହି ସନ୍ଦର୍ଭରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଖଣି-ଖାଦାନ ସୀମାଠାରୁ ପାଞ୍ଚ କିଲୋମିଟର ଅଞ୍ଚଳ ମଧ୍ୟରେ ଡିଏମଏଫ ପାଣ୍ଠି ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଏବଂ କଲ୍ୟାଣମୂଳକ କାର୍ଯ୍ୟ କରାଯିବ। ଗତକାଲି କ୍ୟାବିନେଟରେ ଆଉ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ, ବିପନ୍ନ ପରିବାରକୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମ, ୧୯୯୦ ଅନୁଯାୟୀ, ପରିବାରର ଜଣେ ସଦସ୍ୟଙ୍କୁ ସରକାର, ଗ୍ରୁପ-ସି କିମ୍ବା ଗ୍ରୁପ-ଡି ରେ ନିଯୁକ୍ତି ଦେଉଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ବିପର୍ଯ୍ୟୟ ପ୍ରମାଣପତ୍ର ଆଧାରରେ ଏଭଳି ନିଯୁକ୍ତି ଦିଆଯାଉଥିଲା। ଦୁର୍ଭାଗ୍ୟ ବଶତଃ ୨୦୨୦ ମସିହାରେ ତତ୍କାଳୀନ ସରକାର ନୂତନ ନିୟମାବଳୀ ପ୍ରଣୟନ କରିଥିଲେ ଏବଂ ବିପର୍ଯ୍ୟୟ ପ୍ରମାଣ ପତ୍ର ବଦଳରେ ମାର୍କିଂ ସିଷ୍ଟମ ଲଗାଇଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଯେଉଁ ସରକାରୀ କର୍ମଚାରୀ ୧୯୯୦ ରୁ ୨୦୨୦ ମସିହା ଭିତରେ ମୃତ୍ୟୁବରଣ କରିଥିଲେ ସେମାନଙ୍କ ପରିବାର ବର୍ଗଙ୍କୁ ମଧ୍ୟ ନୂଆ ନିୟମାବଳୀର ପରିସରଭୁକ୍ତ କରିଦେଲେ। ଅନେକ ପରିବାର ଏହି ସହାୟତାରୁ ବଞ୍ଚିତ ହୋଇ ନିଯୁକ୍ତି ଦାବୀ କରି ଆସୁଛନ୍ତି ଏବଂ ଅନେକ କେସ୍ ମଧ୍ୟ ଫାଇଲ୍ କରିଛନ୍ତି। କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି ଯେ, ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ଏହା ଦ୍ୱାରା ୨୦୨୦ ମସିହାର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ। ରାଜ୍ୟ କ୍ୟାବିନେଟ ଗତକାଲି ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ସମଗ୍ର ଓଡ଼ିଶାରେ ରାସ୍ତା ନେଟୱାର୍କର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏ

ବନ ଉନ୍ନୟନ କମିଟି ଗଠନ ଦାବି
ବିଳମ୍ବ ହେଲେ ଆନ୍ଦୋଳନ ଚେତାବନୀ

କୋଣାର୍କ, ୨୧।୩ (ସଂଚାର ବ୍ୟୁରୋ) : କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ କୋଣାର୍କ ଏନଏସି ୪ନଂ ୱାର୍ଡ କରମଙ୍ଗା ଶ୍ରୀକଣ୍ଠପୁର ବନ ଉନ୍ନୟନ କମିଟି (ଇଡିସି)ର ଅବଧି ଶେଷ ହେବାର ଦୀର୍ଘ ୪ମାସ ବିତିଯାଇଥିଲେ ମଧ୍ୟ ନୂତନ କମିଟି ଗଠନ ଦିଗରେ ସ୍ଥାନୀୟ ବନବିଭାଗ ଟାଳଟୁଳ ନୀତି ଅବଲମ୍ବନ କରି କମିଟି ଗଠନ ପ୍ରକ୍ରିୟାକୁ ବିଳମ୍ବିତ କରୁଥିବା ନେଇ କମିଟିର ସଭ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଖବରରୁ ପ୍ରକାଶ ଯେ ସରକାରୀ ନିୟମ ଅନୁଯାୟୀ କରମଙ୍ଗା- ଶ୍ରୀକଣ୍ଠପୁର ବନ ଉନ୍ନୟନ କମିଟିର କାର୍ଯ୍ୟାକାଳ ଦୀର୍ଘ ୪ ମାସ ହେଲା ଶେଷ ହୋଇଛି। ସରକାରୀ ନିୟମ ଅନୁଯାୟୀ ନୂତନ କମିଟି ଗଠନ ନିମନ୍ତେ ବନବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରି ଇଡିସି ଅନ୍ତର୍ଗତ ଗ୍ରାମର ସଦସ୍ୟ ସଦସ୍ୟା ମାନଙ୍କୁ ଅବଗତ କରାଇବା ପରେ ସାମୁହିକ ଭାବେ ବୈଠକ ଡାକି ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାରୀ ନିର୍ଦେଶନାମା ରହିଛି। ନୂତନ ଇଡିସି କମିଟି କାର୍ଯ୍ୟକାରୀ କମିଟି ସଦସ୍ୟ ସଦସ୍ୟା ଓ ନୂତନ ସଭାପତି ଚୟନ କରିବା ପାଇଁ ବନବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ କରମଙ୍ଗା - ଶ୍ରୀକଣ୍ଠପୁର ବନ ଉନ୍ନୟନ କମିଟିର ସଦସ୍ୟ ପ୍ରଦୀପ କୁମାର ନାୟକ, ଅଜୟ କୁମାର ବେହେରା, ବାବୁ ପ୍ରଧାନ, ଆଲୋକ ଶିକାରୀ, ଅଜିତ କୁମାର ବିଶ୍ୱାଳ ଓ ସତ୍ୟଜିତ ନାୟକ ସମେତ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ବନ ଅଧିକାରୀ ପ୍ରମୁଖଙ୍କ ନିକଟରେ ଦାବି କରିଛନ୍ତି। ଯଦି ଖୁବଶିଘ୍ର ଏହି ଚୟନ ପ୍ରକ୍ରିୟା ନ କରାଯିବ ତେବେ ଆଗାମୀ ଦିନରେ ଇଡିସିର କର୍ମକର୍ତ୍ତା ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

ଅନ୍ତର୍ଜାତୀୟ ସମବାୟ ବର୍ଷ -୨୦୨୫ ପାଳିତ

ଖୋର୍ଦ୍ଧା, ୨୧।୩ (ସଂଚାର ବ୍ୟୁରୋ): ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସମବାୟ ସଂସ୍ଥା ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗୁଡିକ ଉପରେ ଆଲୋକପାତ କରିବା ପାଇଁ ମିଳିତ ଜାତିସଙ୍ଘ ୨୦୨୫କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବରେ ଘୋଷଣା କରିଛି। ଯାହାର ବିଷୟବସ୍ତୁ ହେଉଛି "ଏକ ଉନ୍ନତ ବିଶ୍ୱ ଗଠନ କରିବାରେ ସମବାୟ ସଂସ୍ଥାର ଭୂମିକା"। ଏହି ଅବସରରେ ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନହଲ ଠାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାରଥୀ ଶତପଥି ଅତିଥି ମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି, ଅଭିଷେକ ସିଂ ସାମନ୍ତ ଏହି ବୈଠକରେ ଅଧ୍ୟକ୍ଷତା କରି ତାଙ୍କ ବକ୍ତବ୍ୟରେ କହିଥିଲେ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସମବାୟ ସମିତି ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଜନକୈନ୍ଦ୍ରିକ ତଥା ଆତ୍ମନିର୍ଭରଶୀଳ ସମବାୟ ଉଦଯୋଗ ଉପରେ ଧ୍ୟାନ ଦେଇ ସ୍ଥାୟୀ ବିକାଶ ଲକ୍ଷକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ନିଜ ବକ୍ତବ୍ୟରେ କହିଥିଲେ, ସମବାୟ ସଂସ୍ଥା ଗୁଡିକୁ ସଂଗଠନ ଓ ଉଦଯୋଗ ଭାବେ ସ୍ୱୀକୃତି ମିଳିଛି, ଯାହା ମାଧ୍ୟମରେ ନାଗରିକ ମାନେ ନିଜ ସମ୍ପ୍ରଦାୟ ଏବଂ ରାଷ୍ଟ୍ରର ଅର୍ଥନୀତି, ସାମାଜିକ, ସଂସ୍କୃତିକ ଏବଂ ରାଜନୈତିକ ପ୍ରଗତିରେ ଯୋଗଦାନ ଦେଇ ନିଜ ଜୀବନକୁ ପ୍ରଭାବି ଢଙ୍ଗରେ ଉନ୍ନତ କରିପାରିବେ। ସମବାୟ ଆନ୍ଦୋଳନ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ଏବଂ ପ୍ରମୁଖ ଅଂଶୀଧାର ଭାବରେ ମଧ୍ୟ ସ୍ୱୀକୃତି ପାଇଛି। ସମବାୟ ଯୁକ୍ତ ସଦସ୍ୟତା, ମଡେଲ ସମ୍ପଦ ସୃଷ୍ଟି ଏବଂ ଦରିଦ୍ୟ ଦୂରୀକରଣ ପାଇଁ ସୁବିଧା ପ୍ରଦାନ କରିଥାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପ ଶ୍ରୀ ରାଣୀ ଗୁମାନ ସିଂ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ଜିଲ୍ଲା ସମବାୟ ନିବନ୍ଧକ ଅଳକାନନ୍ଦା ଜେନା, ସହକାରୀ ସମବାୟ ନିବନ୍ଧକ, ଭୁବନେଶ୍ୱର ଲଳିତ କୁମାର ବିଶ୍ୱାଳ, ପ୍ରିୟବ୍ରତ ପଣ୍ଡା, ଅତିରିକ୍ତ ସହକାରୀ ନିବନ୍ଧକ ଖୋର୍ଦ୍ଧା ଉର୍ମିଳା ଦାଶ, ଭାଗବତ ମାରାଣ୍ଡି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ଏବଂ ସମସ୍ତ ସେବା ସମବାୟ ସଂସ୍ଥାର ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ।

କାଞ୍ଚନ ଫାଉଣ୍ଡେସନ ତରଫରୁ ପଖାଳ ଦିବସ



ବାଲିଅନ୍ତା, ୨୧।୩ (ସଂଚାର ବ୍ୟୁରୋ): ଆମ ଓଡ଼ିଆଙ୍କ ଜନଜୀବନରେ ପାରମ୍ପରିକ ଖାଦ୍ୟ ଭାବେ 'ପଖାଳ'ର ସ୍ଥାନ ସ୍ୱତନ୍ତ୍ର । ଏହା କେବଳ ଓଡ଼ିଆଙ୍କ ପାଇଁ ଏକ ଖାଦ୍ୟ ନୁହେଁ ବରଂ ଆମ ଜନଜୀବନ ଏବଂ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ଆମ ଅସ୍ମିତାର ପ୍ରତୀକ । ଗାଁରୁ ସହର, ରାଜ୍ୟରୁ ବିଶ୍ୱସ୍ତରରେ 'ପଖାଳ' ଏକ ପ୍ରିୟ ଆହାର ଭାବେ ବିଶ୍ୱ ବିଦିତ । ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ "ପଖାଳ ଦିବସ" ଭାବେ ସମଗ୍ର ବିଶ୍ୱ ପାଳୁଥିବା ଅବସରରେ କାଞ୍ଚନ ଫାଉଣ୍ଡେସନ ତରଫରୁ ବାଲିଅନ୍ତା ଉମାଦେଇବ୍ରହ୍ମପୁର ପଞ୍ଚାୟତର ଯଶୁଆପୁର ଜଙ୍ଗଲରେ ଅତି ସ୍ମରଣୀୟ ଭାବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ "ପଖାଳ ଦିବସ" ପାଳିତ ହୋଇଯାଇଛି। ଏଥିରେ କାଞ୍ଚନ ଫାଉଣ୍ଡେସନର ସଭାପତି ତଥା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ସଂପାଦକ ତାପସ ମଲ୍ଲିକ, ବରିଷ୍ଠ ଶିକ୍ଷାବିତ୍ ବିଦୁଭୂଷଣ ପଟ୍ଟନାୟକ, ସମାଜସେବୀ ସୁଚିସ୍ମିତା ପୃଷ୍ଟି , ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ଉମାଦେଇବ୍ରହ୍ମପୁରର ସରପଞ୍ଚ ରମାଲତା ନାୟକ, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ , ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲୀପ ଓଝା, ବରିଷ୍ଠ ସାମ୍ବାଦିକ ରମେଶ ରଥ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ବେଶ୍ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ।

କଲମ ଧରିବା ହାତ ଭିକ ମାଗୁଛି

ଚାପି ହୋଇଯାଉଛି କାଲିର ସମ୍ଭାବନା
ପ୍ରଶାସନର ନଜର ନାହିଁ

କାକଟପୁର/ଅସ୍ତରଙ୍ଗ, ୨୧।୩ (ସଂଚାର ବ୍ୟୁରୋ): ପୂର୍ବାହ୍ନ ହେଉ ଅବା ମଧ୍ୟାହ୍ନ ସମୟ। ଶିଶୁଟିଏ ଗୋଟିଏ ପାର୍ଶ୍ୱରୁ ଆଉ ପାର୍ଶ୍ୱକୁ ଧାଇଁ ଯାଉଥାଏ। ଯିଏ ପଇସାଟିଏ ଦେଉଥାଏ ଖୁସି ହେଉଥାଏ, ଆଉ ଯିଏ ନଦେଉଥାଏ ବିକଳ ମନରେ ସେଠାରୁ ଚାଲି ଆସୁଥାଏ। ଏପରି ଜଣେ ଶିଶୁକୁ ପଚାରିବାରୁ ସେ ତା' ନାମ ମିତା (ଛଦ୍ମନାମ) ବୋଲି କହିଲା। ଘରେ ତା'ର ମା' ଆଉ ଦୁଇ ଭଉଣୀ। ମିତାର ବୟସ ୬ବର୍ଷ। ଆଉ ଦୁଇ ଭଉଣୀ ଯଥାକ୍ରମେ ୪ ଏବଂ ୨ବର୍ଷ ବୟସର । ପିଲା ଦିନୁ ସେ ବାପାଙ୍କୁ ଦେଖୁନି। ମା' ସହ ୩ ଭାଇ ଭଉଣୀ ପ୍ରତିଦିନ କାକଟପୁର ବଜାର କୁ ଆସନ୍ତି ଏହା ସହ ଅନେକ ସମୟରେ ମା ମଙ୍ଗଳା ମନ୍ଦିର ସାମ୍ନାରେ ଭିକ ମାଗନ୍ତି। ମା 'ସାନ ଝିଅକୁ ଧରି ଭିକ ମାଗୁଛନ୍ତି। ତିନିହେଁ ସନ୍ଧ୍ୟାରେ ଭେଟ ହୁଅନ୍ତି। ଯେତିକି ଯାହା ମିଳିଥାଏ, ସେଥିରେ ପେଟକୁ ଦାନା ଯୋଗାଡ଼ ହୁଏ। କେବଳ ମିତା ନୁହେଁ ମଙ୍ଗଳା ମନ୍ଦିର ସାମ୍ନାରେ ହେଉ ଅବା କାକଟପୁର ବଜାର ବଡ଼ ଖାଦ୍ୟ ଦୋକାନ ସାମ୍ନାରେ ନିରୀହ ଶିଶୁ ଭିକ୍ଷା ବୃତ୍ତି କରୁଛନ୍ତି। କଲମ ଧରିବା ବୟସରେ ଆଉ କାହା ଆଗରେ ହାତ ପତେଇ ଭିକ୍ଷା ମାଗୁଛନ୍ତି।

କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଛକରେ ଏମିତି ବହୁ ଅତିହ୍ନା ମହିଳା କୋଳରେ କଥା କହିବାକୁ ସକ୍ଷମ ହୋଇନଥିବା ଶିଶୁକୁ ଚାପି ଧରି ପେଟ ପାଇଁ ବାଟ ଖୋଜୁଛନ୍ତି। ଶିଶୁ ସୁରକ୍ଷା ନେଇ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ସେ ସବୁ କେତେ କାର୍ଯ୍ୟକାରୀ ହେଉଛି ଏ ଦୃଶ୍ୟ ଦେଖିଲେ ଜଣାପଡୁଛି। ଯେମିତି ସବୁ ଯୋଜନା ପାଇଁ ଏମାନେ ବିବେଚିତ ନୁହନ୍ତି। ଶିକ୍ଷାର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ଉପରେ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଯୋଜନା ଗୁଡ଼ିକ ଯେଭଳି ଏଭଳି ଲୋକଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନାହିଁ। ତେଣୁ ବିଭିନ୍ନ ଛକରେ ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇ ପରିବାରକୁ ବିଭିନ୍ନ କାମରେ ସହଯୋଗ କରିବା ସହ ନିଜ ପାଇଁ ଖାଦ୍ୟ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। କିନ୍ତୁ ଏହି ଶିଶୁ ମାନଙ୍କୁ ଥଇଥାନ କଥା କେହି ଚିନ୍ତା କରନ୍ତି ନାହିଁ।

ପରିବାରର ଆର୍ଥିକ ସ୍ଥିତି ଅତି ଦୁର୍ବଳ ଥିବା ଯୋଗୁଁ ସମସ୍ତ ସଦସ୍ୟ ପେଟ ପାଇଁ କାମ ଧନ୍ଦା ନକରି ଏହି ସହଜ ଉପାୟକୁ ଅବଲମ୍ବନ କରୁଛନ୍ତି। ଅଭିଭାବକମାନେ ଜନ୍ମ ପରେ ନିଜ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କଥା ଚିନ୍ତା ନକରି ସେମାନଙ୍କୁ ଭିକ୍ଷାବୃତ୍ତିରେ ନିୟୋଜନ କରୁଛନ୍ତି। ସେମାନଙ୍କର ସବୁ ସ୍ୱପ୍ନ ଏଠାରେ ହିଁ ବନ୍ଧା ପଡ଼ିଥିଲା ପରି ଲାଗୁଛି। ଏସବୁକୁ ଦେଖି ମଧ୍ୟ ଆଜିକା ଶିକ୍ଷିତ ସମାଜ ଆଡ଼େଇ ହୋଇ ପଳାଇ ଯାଉଛି। କାକଟପୁର ଓ ଅସ୍ତରଙ୍ଗରେ ଛୋଟ ପିଲାଙ୍କ ଭିକ୍ଷା ବୃତ୍ତି ବନ୍ଦ କରିବା ସହ ସେମାନଙ୍କ ପାଇଁ ଶିକ୍ଷା ଗ୍ରହଣ ସହ ପରିବାର ପୋଷିବା ପାଇଁ ସହଯୋଗ କରିବାକୁ ପ୍ରଶାସନ ଓ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି।

ସୋଆ ଓ କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ପ୍ରତିଭାର ବିକାଶକୁ ତ୍ୱରାନ୍ୱିତ କରିବା, ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସହଭାଗିତାକୁ ଏବଂ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦ ସ୍ଥିତ କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ମଧ୍ୟରେ ଏଠାରେ ଶୁକ୍ରବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି।

ଆର୍ଥିକ ସେବା, ଆଇଟି ଏବଂ ଆଇଟିଇଏସ୍ ସମ୍ପର୍କିତ ସେବା ପ୍ରଦାନ କରୁଥିବା କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶ, ଜ୍ଞାନ ପ୍ରଦାନ ଏବଂ ନିଯୁକ୍ତ ସୃଷ୍ଟି କରିବା କ୍ଷେତ୍ରରେ କାର୍ଯ୍ୟ କରୁଛି। ୬୦ ମାସ ଅବଧି ନିମନ୍ତେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣା ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ କର୍ମଶାଳା ଓ ଦକ୍ଷତା ସୃଷ୍ଟି କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ସେମାନଙ୍କୁ ଇନ୍‌ଟର୍ଣ୍ଣସିପ୍ ଏବଂ ନିଯୁକ୍ତି ପୂର୍ବର ସୁଯୋଗ ସହିତ ଦକ୍ଷ ପ୍ରତିଭାମାନଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ପ୍ରଦାନ କରିବ। ଏଥି ସହିତ ଫ୍ୟାକଲ୍ଟି ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ ଏବଂ ଶିଳ୍ପ-ଶିକ୍ଷା ମଧ୍ୟରେ ସହଭାଗିତା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯିବ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ୍‌ର ଚିଫ୍ ପିପୁଲ ଅଫିସର ଶ୍ରୀ ସୁଜୟ ପୃଥ୍ୱାନ୍‌ଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା।

ଯାଜପୁର ଗସ୍ତରେ ପିସିସି ସଭାପତି ଓ ପ୍ରଦେଶ କଂଗ୍ରେସ ପ୍ରଭାରୀ

ଯାଜପୁର, ୨୧।୩ (ସଂଚାର ବ୍ୟୁରୋ): ଯାଜପୁର ଗସ୍ତରେ ଆସିଥିଲେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ପ୍ରଦେଶ କଂଗ୍ରେସ ପ୍ରଭାରି ଅଜୟ ଲଲ୍ଲୁ। ଦିନିକିଆ ଯାଜପୁର ଗସ୍ତରେ ଆସିଥିବା ଦୁଇ ନେତାଙ୍କୁ ମଲ୍ଲିକାପୁର ବୁଢାଘଟା ନିକଟରୁ ବିଶାଳ ରାଲି କରି କଂଗ୍ରେସ କର୍ମୀମାନେ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ନିକଟକୁ ପାଛୋଟି ଆଣିଥିଲେ ।

ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ସଂସ୍କୃତି ଭବନରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ ସ୍ୱାଗତ ଭାଷଣ ଦେଇଥିଲେ । ଧର୍ମଶାଳାର କିଶାନ ପଣ୍ଡା , ବଡତଣା ର ଅଜୟ କୁମାର ସାମଲ, ସୁକିନ୍ଦାରୁ ବିଶ୍ୱପ୍ରସାଦ ରାଉତ, କୋରେଇର ବନ୍ଦିତ ପରିଡା, ବିଂଝାରପୁରର କନକଲତା ମଲିକ ପ୍ରମୁଖ ଅଗାମୀଦିନରେ ଦଳ ସୁଦୃଢ଼ ହେବ ବୋଲି ଅଶାବ୍ୟକ୍ତ କରିଥିଲେ । ଆସନ୍ତା ୨୭ ତାରିଖରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବାକୁ ଥିବା ବେଳେ ନେତା ମାନେ କିପରି ଜିଲାରୁ ଅଧିକ ଲୋକ ଯୋଗ ଦେବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରଭାରି ଶ୍ରୀ ଲଲ୍ଲୁ କଂଗ୍ରେସ ଦଳ ଆତ୍ମୀୟତା ଓ ସଜ୍ଞାନ ପାଇଁ ଲଢିବ ବୋଲି କହିଥିଲେ । ସେପଟେ ପିସିସି ସଭାପତି ଶ୍ରୀ ଦାସ ବିଜେଡ଼ିର ୨୪ ବର୍ଷର ଅତ୍ୟାଚାରିତ ସରକାର କୁ ଭାଜପାର ୮ ମାସର ସରକାର ବଳିଗଲାଣି ବୋଲି କହିଥିଲେ ।

ନୟାଗଡ଼ ମଥାରେ କଳଙ୍କ ଟିକା
ଛାତ୍ରୀଙ୍କୁ ମେଡିକାଲରେ ଭେଟିଲେ କଂଗ୍ରେସ ଟିମ

ନୟାଗଡ଼, ୨୧।୩ (ସଂଚାର ବ୍ୟୁରୋ): ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ମାଳତୀ ଚୌଧୁରୀ ଛାତ୍ରୀ ନିବାସରେ ରହି ଯୁକ୍ତ ତିନି ଶ୍ରେଣୀର ଆଦିବାସୀ ଛାତ୍ରୀଙ୍କ ମୃତ ଶିଶୁ ପ୍ରସବ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ନୟାଗଡ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ଠାରୁ ଏହି ସ୍ପର୍ଶକାତର ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୂର୍ବତନ ସାଂସଦ ନକୁଳ ନାଏକ,ପିସିସି ମୁଖପାତ୍ର ସୋନାଲି ସାହୁ, ଖୋର୍ଦ୍ଧା ଡିସିସି ସଭାପତି ରାଜୀବ ପଟ୍ଟନାୟକ ଏବଂ ନୟାଗଡ ଡିସିସି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ପ୍ରମୁଖଙ୍କୁ ସାମିଲ କରାଇ ନୟାଗଡ ମେଡିକାଲରେ ପୀଡିତା ଛାତ୍ରୀଙ୍କୁ ଭେଟିବା ପାଇଁ ଏହି ତଥ୍ୟ ଅନୁସନ୍ଧାନ କାରୀ ଦଳକୁ ନିର୍ଦ୍ଦେଶ ଦେଇଥିଲେ ।

କଂଗ୍ରେସ ପ୍ରତିନିଧି ଦଳ ଗତକାଲି ସନ୍ଧ୍ୟାରେ ନୟାଗଡ ମେଡିକାଲ ସ୍ତ୍ରୀ ପ୍ରସୂତି ବିଭାଗରେ ମୃତ ଶିଶୁ ପ୍ରସବ କରିଥିବା ପୀଡିତା ଆଦିବାସୀ ଛାତ୍ରୀ ଙ୍କୁ ଭେଟିଥିଲେ । ଏହି ଅଘଟଣ ଘଟିବାର ଦୁଇଦିନ ବିତିଯିବା ପରେ ମଧ୍ୟ ଏହି ଯୌନ ବ୍ୟଭିଚା.ର ତଦନ୍ତ ପାଇଁ କଲେଜ କର୍ତୃପକ୍ଷ ଥାନାରେ କୌଣସି ଲିଖିତ ଅଭିଯୋଗ କରିନଥିବା ଘଟଣା କୁ ସନ୍ଦେହଜନକ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କଂଗ୍ରେସ ପ୍ରତିନିଧି ଦଳ ଅତିରିକ୍ତ ଏସପି ଙ୍କୁ ଟାଉନ ଥାନାରେ ସାକ୍ଷାତ କରି ଏହି ଯୌନବ୍ୟଭିଚାର ଘଟଣା ର ନରପେକ୍ଷ ତଦନ୍ତ କରି ଛାତ୍ରୀ କେମିତି ଗର୍ଭବତୀ ହେଲା, ଏଥିରେ କେଉଁମାନେ ସମ୍ପୃକ୍ତ, ହଷ୍ଟେଲ ଭିତରକୁ କେଉଁ ପୁରୁଷ ବ୍ୟକ୍ତିବିଶେଷ ଯିବାଆସିବା କରୁଛନ୍ତି ତାହାର ସିସିଟିଭି ଯାଞ୍ଚ କରିବା, ହଷ୍ଟେଲ ଅଧିକ୍ଷକ କେମିତି ପାଞ୍ଚମାସ ହେଲା ଜଣେ ଛାତ୍ରୀ ଗର୍ଭବତୀ ହେଲା ତାହା ଜାଣିପାରିଲେନି ଏହାର ସତ୍ୟାସତ୍ୟ ଲୋକଲୋଚନ ଆଣିବା ସହ ପୀଡିତାଙ୍କୁ କୋର୍ଟରେ ହାଜର କରାଯାଇ ତାଙ୍କର ୧୬୪ ଧାରାରେ ବୟାନ ଲିପିବଦ୍ଧ କରାଇବା ପାଇଁ କଂଗ୍ରେସ ତଥ୍ୟ ଅନୁସନ୍ଧାନ କାରି ଦଳ ଦାବୀ କରିଛନ୍ତି । ସମ୍ପ୍ରତି ରାଜ୍ୟରେ ଆଦିବାସୀ ଛାତ୍ରୀ ଓ ନାବାଳିକାଙ୍କ ସହିତ ପାଶବିକ ଅତ୍ୟାଚାର ଓ ଗଣଦୁଷ୍କର୍ମ ବଢିବା ସହିତ ଛାତ୍ରୀମାନେ ଗର୍ଭବତୀ ହେବା ଚିନ୍ତାର ବିଷୟ ପାଲଟିଥିବାବେଳେ ଆଜି ନୟାଗଡ଼ ଜିଲ୍ଲାରେ ମଧ୍ୟ ଏଭଳି ଏକ ଅଭାବନୀୟ ଘଟଣା ସାରା ଓଡିଶା ରାଜ୍ୟକୁ ସ୍ତବ୍ଧ କରିଛି । ପୁଣି ଏଆଇସିସି ସମ୍ପାଦିକା ରୋଜଲିନା ତିର୍କୀ ନୟାଗଡ ଆସୁଥିବା ସୂଚନା ମିଳିଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ତ୍ରିପାଠୀ,କମଳ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସତ୍ପ, ଛାତ୍ର କଂଗ୍ରେସ ନେତା ଦିଲ୍ଲୀପ କୁମାର ବିଶୋଇ, ଶୋଷିଆଲ ମେଡ଼ିଆ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ସରସ୍ୱତୀ

କଂଗ୍ରେସର ନାଟକବାଜୀ ପାଇଁ ଚାଲିପାରୁନି ଗୃହ

ନିଆଁରେ ଘିଅ ଢାଳୁଛି ବିଜେଡି

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ଗୁରୁବାର ହୁଇସିଲ ବଜାଇ ପ୍ରତିବାଦ । ଆଜି ଘଣ୍ଟ ଘଣ୍ଟା, ମହୁରୀ ଧରି ପ୍ରଥମେ ପୋଡ଼ିୟମ ନିକଟରେ ଓ ପରେ ବିଧାନସଭା ବାହାରେ ପରିକ୍ରମା କରି ପ୍ରତିବାଦ । ନାରୀ ନିର୍ଯାତନା ଓ ଗର୍ଭବତୀ ନାବାଳିକାଙ୍କୁ ନ୍ୟାୟ ଦେବା ଦାବିରେ ୧୦ ଦିନ ଧରି ଅଚଳ ହୋଇଛି ବିଧାନସଭା। ସରକାର ହାଉସ କମିଟି ଗଠନ ଦାବି ଶୁନୁନଥିବାରୁ ଅଭିନବ ଉପାୟରେ ଶାସକ ବିଜେପିକୁ ଘେରିଛନ୍ତି କଂଗ୍ରେସ ବିଧାୟକ। ଗୃହ କାର୍ଯ୍ୟ ଆରମ୍ଭରୁ କଂଗ୍ରେସ ବିଧାୟକଙ୍କ ଘଣ୍ଟଘଣ୍ଟା ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବିଧାନସଭା। କଳା ପୋଷାକ ପିନ୍ଧି ପୋଡିୟମ ନିକଟରେ ପ୍ରତିବାଦ କରିଥିଲେ କଂଗ୍ରେସ ସଦସ୍ୟ। ବାଚସ୍ପତି

ଗୃହକୁ ମୁଲତବି କରିବାରୁ ବିଧାନସଭା ପରିକ୍ରମା କରି ନାରାବାଜି ଦେଇଥିଲା କଂଗ୍ରେସ। ଯେ ପର୍ଯ୍ୟନ୍ତ ସରକାର ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି ଦଳ।

ଅନ୍ୟପଟେ ବିଧାନସଭାରେ ବିରୋଧୀଙ୍କ ସ୍ୱରକୁ ଚପାଇ ଦେବାକୁ ଶାସକ ଦଳର ଷଡଯନ୍ତ୍ରକୁ ଦୃଢ଼ ବିରୋଧ କରିଛି ମୁଖ୍ୟ ବିରୋଧୀ ବିଜେଡି। ବିଧାନସଭାରେ ବିଜେପିର ଏକଛାତ୍ରବାଦ ଶାସନ ଚଳିବ ନାହିଁ ସ୍ଲୋଗାନ ଦେଇ ନାରାବାଜି ଓ ପ୍ରତିବାଦ କରିଛି ବିଜେଡି। ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିରୋଧୀଙ୍କ କଣ୍ଠରୋଧ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ବିଧାୟକ ଅରୁଣ ସାହୁ। ଗୃହ କାର୍ଯ୍ୟ କିପରି ଚାଲିଛି, ତାହା ସରକାର ଦେଖାନ୍ତୁ।

ସେହିପରି ଗଣମାଧ୍ୟମ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ସ୍ୱରକୁ ଚପାଇ ଦେବାକୁ ସରକାର ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ବିଧାୟକ ଧ୍ରୁବ ସାହୁ। କଂଗ୍ରେସ ମଧ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛି। ବିଜେପି କିନ୍ତୁ ବିରୋଧୀଙ୍କ ଅଭିଯୋଗକୁ ହାଲକା ଭାବେ ନେଇଛି । କଂଗ୍ରେସ ଓ ଶାସକ ବିଜେପି ନିଜ ନିଜ ଜିଦରେ ଅଟଳ ଥିବାରୁ ଚାଲିପାରୁନି ବିଧାନସଭା। ପ୍ରଶ୍ନକାଳ, ଶୂନ୍ୟକାଳ ପରି ଗୁରୁତ୍ୱପୂର୍ଣ୍ଣ ସମୟ ବେକାର ଯାଉଛି।

୨ ଲକ୍ଷ ଟଙ୍କା ସହ ଧରାପଡ଼ିଲେ ଯନ୍ତ୍ରୀ

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ନଗଦ ୨ ଲକ୍ଷ ଟଙ୍କା ସହ ଧରା ପଡିଲେ ଜୁନିୟର ଇଂଜିନିୟର। ଯାଜପୁର ଆରଡି ଜୁନିୟର ଇଂଜିନିୟର ଭୀମସେନ ମହାରଣା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଧରିଲା ଭିଜିଲାନ୍ସ । କଟକ ଟାଙ୍ଗୀ ଟୋଲ ଗେଟ ନିକଟରୁ ଧରା ପଡିଲେ । ହୁଣ୍ଡାଇ ଆଇ ଟ୍ୱେଣ୍ଟି କାରରେ ନିଜର ବାଲିଅନ୍ତା ଘରକୁ ଫେରୁଥିବା ବେଳେ ମାଡି ବସିଲା ଭିଜିଲାନ୍ସ । ତାଙ୍କ ନିକଟରୁ ୨ ଲକ୍ଷ ୩ ହଜାର ୯୪୦ ଟଙ୍କା ଜବତ ହୋଇଛି ଏତେ ଟଙ୍କା କେଉଁଠୁ ଆଣିଲେ ସନ୍ତୋଷଜନକ ଉତ୍ତର ଦେଇ ପାରୁ ନାହାନ୍ତି ଭୀମସେନ। ତିନୋଟି ସ୍ଥାନରେ ଆୟ ବହିର୍ଭୁତ ସମ୍ପତ୍ତି ଯାଞ୍ଚ କରୁଛି ଭିଜିଲାନ୍ସ ।

ଟଙ୍କଧର ତ୍ରିପାଠୀଙ୍କୁ ହାଇକୋର୍ଟ ଝଟକା, ଚାଲିବ ମାମଲା

କଟକ,୨୧।୩ (ସଂଚାର ବ୍ୟୁରୋ): ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ହାଇକୋର୍ଟ ଝଟ୍‌କା । ବିଧାୟକଙ୍କ ବିରୋଧରେ ଚାଲିବ ମାମଲା। ଝାରସୁଗୁଡା ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ମାମଲା ଚାଲିବ ବୋଲି ନିର୍ବାଚନୀ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏପ୍ରିଲ ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ବିନା ଶୁଣାଣିରେ ମାମଲା ଖାରଜ କରିବାକୁ ଟଙ୍କଧର ଯେଉଁ ଆବେଦନ କରିଥିଲେ ତାହାକୁ କୋର୍ଟ ଖାରଜ କରି ଦେଇଛନ୍ତି । ସେହିପରି ଟଙ୍କଧରଙ୍କ ବିରୋଧରେ ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ନେଇ ସତ୍ୟପାଠ ଦାଖଲ କରିବାକୁ ଦୀପାଳି ଦାସଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ଲୁଚାଇବା ଅସାଧୁ ଉପାୟ ଅବଲମ୍ବନ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ତେବେ ଆସନ୍ତା ଏପ୍ରିଲ ୨୪ ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି। ଦୀପାଳି ଦାସଙ୍କ ଓକିଲ ତରଣୀକାନ୍ତ ବିଶ୍ୱାଳ କହିଛନ୍ତି, 'ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଯେଉଁ ନିର୍ବାଚନ ମକଦ୍ଦମା ଦାଖଲ ହୋଇଛି ତାହା ପୂର୍ବତନ ବିଜେଡି ବିଧାୟିକା ତଥା ପରାଜିତ ପ୍ରାର୍ଥୀ ଦୀପାଳି ଦାସ ରୁଜୁ କରିଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଏହି ନିର୍ବାଚନ ମକଦ୍ଦମା ବହୁ ଅଭିଯୋଗ ଆଣିଛନ୍ତି । ବିଧାୟକ ମନୋନୟନ ପତ୍ର ସହିତ ଦାଖଲ କରିଥିବା ଫର୍ମ ୨୬ର ସତ୍ୟପାଠରେ ବହୁ ଅପରାଧିକ ତଥ୍ୟ ଦର୍ଶାଇ ନଥିବା ଆବେଦନକାରୀ ଆବେଦନରେ ଅଭିଯୋଗ କରିଛନ୍ତି। ଯାହା ବି ଦର୍ଶାଇଛନ୍ତି ତାହା ସଠିକ ଭାବରେ ଦର୍ଶାଇ ନାହାଁନ୍ତି ବୋଲି ଅଭିଯୋଗ ହୋଇଛି । ସେହିପରି ଆୟବ୍ୟୟ ସମ୍ପତ୍ତିର ବିବରଣୀ ଠିକ ଭାବରେ ଦେଇନାହାନ୍ତି । ଏଥିସହ ତାଙ୍କର ସତ୍ୟପାଠ ଷ୍ଟାମ୍ପ ପେପର ଉପରେ ତିଆରି ହୋଇନଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏହା ଆଇନଗତ ଭାବରେ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ଦୀପାଳି ଆବେଦନରେ ଦର୍ଶାଇଛନ୍ତି।' ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ହାଇକୋର୍ଟଙ୍କ ପାଖରେ ଦାଖଲ କରାଯାଇଥିଲା । ଦୀପାଳି ଦାସଙ୍କ ମୂଳ ମକଦ୍ଦମାକୁ ଖାରଜ କରିବାକୁ ଏହି ଆବେଦନ କରାଯାଇଥିଲା । ଏହି ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି ବିଧାୟକ ଆବେଦନରେ ଦର୍ଶାଇଥିଲେ । ତେବେ ଏହି ମାମଲାକୁ ବିଚାରକରି ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ରାୟ ପ୍ରଦାନ କରିଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଅନ୍ତରୀଣ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି ।

ବିଦେଶୀଙ୍କୁ ବିକ୍ରି କରୁଥିଲେ ବେଆଇନ ସିମ୍

ଛତ୍ରପୁର,୨୧।୩ (ସଂଚାର ବ୍ୟୁରୋ): ବିଦେଶୀଙ୍କୁ ବେଆଇନ ଭାବେ ସିମ୍ ବିକ୍ରି କରୁଥିବା ଅଭିଯୁକ୍ତଙ୍କୁ ଧରିବାରେ ପୋଲିସକୁ ସଫଳତା ମିଳିଛି । ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଆମେରିକୀୟ ୨୨ ଡଲାର ଟଙ୍କା ସହ ବିଭିନ୍ନ କମ୍ପାନିର ୭୦ ସିମ୍ ଜବତ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ହେଲେ କତୁରୁ ଗ୍ରାମର ଜି.ସାମ୍ବା ଓ ମୋବାଇଲ ଦୋକାନୀ ଏ.କାମେୟା । ଉଲ୍ଲେଖଯୋଗ୍ୟ, ଗୋପାଳପୁର ବନ୍ଦର ପରିସରରେ ଅନ୍ୟ ଦେଶରୁ ଆସି ଜାହାଜ ଲାଗିଥାଏ । ଏଠାରେ ପହଞ୍ଚିବା ପରେ ସ୍ଥାନୀୟ ସିମ୍ ଆବଶ୍ୟକ ପଡ଼ିଥାଏ। ତେବେ ବିଦେଶୀ ଲୋକଙ୍କୁ ବେଆଇନ ସିମ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିଲେ ଏହି ଦୁଇ ଅଭିଯୁକ୍ତ । ଜି. ସାମ୍ବା ମୋବାଇଲ ଦୋକାନୀ ଏ. କାମେୟାଙ୍କ ଠାରୁ ସିମ୍ କିଣି ଗୋପାଳପୁର ପୋର୍ଟର ବିଦେଶୀ ଜାହାଜରେ ଆସୁଥିବା ବିଦେଶୀଙ୍କୁ ବିକ୍ରି କରୁଥିଲା । ଆର୍ଯ୍ୟପଲ୍ଲୀ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଆଜି ଦୁଇ ଜଣଙ୍କୁ ଗିରଫ କରିଛି । ତେବେ ସେମାନେ କେତେ ଦିନ ଧରି ଏ ବେଆଇନ କାର୍ଯ୍ୟରେ ଲିପ୍ତ ଥିଲେ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି ।

ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

ଅନୁଗୁଳ,୨୧।୩ (ସଂଚାର ବ୍ୟୁରୋ): ଅନୁଗୁଳରେ ଲଜ୍ଜା । ମହିଳାଙ୍କୁ ଗଣ ଦୁଷ୍କର୍ମ ଅଭିଯୋଗ । ପୀଡ଼ିତାଙ୍କୁ ଉଦ୍ଧାର କରାଯାଇଛି । ମୁଖ୍ୟ ଅଭିଯୁକ୍ତ ସମେତ ତିନି ଜଣଙ୍କୁ ଅଟକ ରଖିଛି ପଚରାଉଚରା କରୁଛି ପୋଲିସ । ଅନୁଗୁଳ ଟାଉନ ଥାନା ଅଞ୍ଚଳରେ ଘର ଭଡ଼ା ନେଇ ଜଣେ ରହୁଥିବା ଜଣେ ମହିଳାଙ୍କୁ ଗଣ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ମହିଳା କାନ୍ଦୁଥିବା ଦେଖି ପାଖ ପଡୋଶୀ ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତ କାଳିଆ ସହ ୩ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଉଛି । ପୀଡ଼ିତା ଜଣେ ଅଣ ଓଡ଼ିଆ ବୋଲି ଜଣାପଡ଼ିଛି। ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଗଣ ଦୁଷ୍କର୍ମ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସର ସ୍ୱତନ୍ତ୍ର ଟିମ ମଧ୍ୟ ଅଧିକ ତଦନ୍ତ ଚଳାଇଛି ।

ଏସସି,ଏସଟି ଇଞ୍ଜିନିୟରଙ୍କ ପଦୋନ୍ନତି ସ୍ଥଗିତ

କଟକ,୨୧।୩ (ସଂଚାର ବ୍ୟୁରୋ): ସାଧାରଣ ବର୍ଗର ଇଞ୍ଜିନିୟରମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରି, ଓଡ଼ିଶା ହାଇକୋର୍ଟ ସହକାରୀ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ପଦବୀରେ ପଦୋନ୍ନତି ପ୍ରଦାନ ପାଇଁ ପୂର୍ତ୍ତ ବିଭାଗର ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ସୁପାରିଶ କ୍ରମେ ପ୍ରସ୍ତୁତ ଚୟନ ତାଲିକାର କାର୍ଯ୍ୟକୁ ସ୍ଥଗିତ ରଖିଛନ୍ତି। ହିରଣମୟୀ ନାୟକ ଏବଂ ଅନ୍ୟ ଚାରି ଜଣଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ଜବାବରେ ଜଷ୍ଟିସ୍ ଏ କେ ମହାପାତ୍ରଙ୍କ ଏକକ ବିଚାରପତି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଡିପିସିଙ୍କ ସୁପାରିଶକୁ ଚ୍ୟାଲେଞ୍ଜ କରି ଡିପିସିଙ୍କ ସୁପାରିଶକୁ ଚ୍ୟାଲେଞ୍ଜ କରାଯାଇଛି, ଯେତେବେଳେ ସେମାନଙ୍କ ସମ୍ପୃକ୍ତ ପଦବୀରେ ଖାଲି ପଦବୀ ପୂରଣ ହୋଇନାହିଁ। "ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ସ୍ୱରୂପ, ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି ଡିପିସି ଅନୁଷ୍ଠିତ ହୁଏ, ତେବେ ଏହି କୋର୍ଟଙ୍କ ଅନୁମତି ବିନା କୌଣସି ବୃତ୍ତାନ୍ତ ସୁପାରିଶ କରାଯିବ ନାହିଁ," ଜଷ୍ଟିସ୍ ମହାପାତ୍ର ମାର୍ଚ୍ଚ ୧୮ ଆଦେଶରେ କହିଛନ୍ତି।

ଯୋଡ଼ା ଇଏସଆଇ ହସ୍ପିଟାଲକୁ ସୁପର ସ୍ପେସାଲିଟି ମାନ୍ୟତା ଦାବି

ନୂଆଦିଲ୍ଲୀ,୨୧।୩ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଖଣିଜ ଅଞ୍ଚଳରେ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଚାଲି ଆସୁଥିବା ସମସ୍ୟାକୁ ଦୂର କରିବା ଉଦ୍ଦେଶ୍ୟ ନେଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟଙ୍କୁ ନୂଆଦିଲ୍ଲୀ ଠାରେ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ନାୟକ କେନ୍ଦୁଝର ଜିଲ୍ଲାର ଯୋଡ଼ା ଠାରେ ଥିବା ଇଏସଆଇ ହସ୍ପିଟାଲକୁ ସୁପର ସ୍ପେସାଲିଟି ହସ୍ପିଟାଲର ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ ଯୋଡା- ବଡ଼ବିଲ ଖଣି ଅଞ୍ଚଳ ଦେଶର ସବୁଠାରୁ ବଡ ଲୌହ ଓର ଉତ୍ପାଦକ ଅଞ୍ଚଳ ମଧ୍ୟରେ ଅନ୍ୟତମ । ତେଣୁ ଏହି ଅଞ୍ଚଳରେ ଉନ୍ନତମାନର ଚିକିତ୍ସା ସୁବିଧା ପ୍ରଦାନ କରିଯିବାର ଆବଶ୍ୟକତା ରହିଛି । ଶ୍ରୀ ନାୟକ ଆଗକୁ ତାଙ୍କ ପତ୍ରରେ କହିଛନ୍ତି ଯେ କେନ୍ଦୁଝର ଭାରତର ଲୌହ ଖଣିଜ ଉତ୍ପାଦନରେ ପାଖାପାଖି ୩୦ ପ୍ରତିଶତ ଯୋଗଦାନ ଦେଇଥାଏ । ଏଠାରେ ୩୭ଟି ଖନନ ପ୍ରକଳ୍ପ ଚାଲୁ ରହିଛି ଓ ପାଖାପାଖି ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ଖନନ କାର୍ଯ୍ୟ ଉପରେ ନିର୍ଭରଶୀଳ।

ଗଞ୍ଜେଇ ଧରିବାରୁ ଗ୍ରାମବାସୀଙ୍କ ଢେଲାମାଡ଼, ୨୬ ପୋଲିସ ଲହୁଲୁହାଣ



ମୋହନା,୨୧।୩ (ସଂଚାର ବ୍ୟୁରୋ): ଗଜପତି ଜିଲା ମୋହନା ଥାନା ଯୁବ ପଞ୍ଚାୟତ ପିଡିଆରି ଗାଁରେରେ ଗୁରୁବାର ରାତିଅଧରେ ଏକ ଅଭାବନୀୟ ଘଟଣା ଘଟିଛି। ଗଞ୍ଜେଇ ଜବତ ବେଳେ ପୋଲିସ ଉପରକୁ ଅତର୍କିତ ଆକ୍ରମଣ କରିଛନ୍ତି ଗ୍ରାମବାସୀ। ପୋଲିସ ଗାଡି ଭଙ୍ଗାରୁଜା କରିବା ସହ ପୋଲିସ ଉପରକୁ ଢେଲା ପଥର ମାଡ କରିଛନ୍ତି । ଫଳରେ ଆର .ଉଦୟଗିରି ଏସ୍‌ଡିପିଓଙ୍କ ସମେତ ୨୬ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଗାଁରେ ଗଞ୍ଜେଇ ଥିବା ପୋଲିସ ସୂଚନା ପାଇବା ପରେ ବିଳମ୍ବିତ ରାତିରେ ଆର.ଉଦୟଗିରି ଏସ୍‌ଡିପିଓ, ମୋହନା ଓ ଅଡବା ଥାନା ପୋଲିସ ଟିମ୍ ଚଢାଉ କରି ଗଞ୍ଜେଇ ଜବତ କରିଥିଲେ। ଜବତ କରି ଫେରୁଥିବା ବେଳେ ଗ୍ରାମବାସୀ ସଂଘବଦ୍ଧ ହୋଇ ପୋଲିସକୁ ଘେରି ଯାଇ ଆକ୍ରମଣ କରିଥିଲେ। ଫଳରେ ଏସଡିପିଓଙ୍କ ସମେତ ୨୬ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ଉତ୍ତ୍ୟକ୍ତ ଲୋକେ ୫ଟି ପୋଲିସ ଗାଡ଼ି ଭଙ୍ଗାରୁଜା କରିଦେଇଛନ୍ତି। ଭୋର୍ ୪ଟାରୁ ଦିନ ୧୧ଟା ଯାଏ ଗ୍ରାମବାସୀ ପୋଲିସଙ୍କୁ ଅଟକ ରଖିଥିଲେ। ପରେ ଜନପ୍ରତିନିଧିଙ୍କ ଉପସ୍ଥିତିରେ ବୁଝାସୁଝା ପରେ ଗ୍ରାମବାସୀ ପୋଲିସକୁ ଛାଡିଥିଲେ। ଘଟଣାପରେ ଗଜପତି ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଥଣ୍ଡା ବୋତଲରେ ଦେଶୀ ମଦ, ମାଡ଼ିବସିଲା ଅବକାରୀ ବିଭାଗ

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ କୋଲ୍ଡ ଡ୍ରିଙ୍କ୍ସ ବୋତଲରେ ଦେଶୀ ମଦ। ଅବୈଧ ମଦ ଚୋରା ଚାଲାଣର ଏକ ନୂତନ ଉପାୟରେ ଚୋରା ମଦ ବ୍ୟବସାୟୀମାନେ ଥଣ୍ଡା ପାନୀୟ ବୋତଲରେ ଦେଶୀ ମଦ ବିକ୍ରି କରୁଥିବାର ଧରାପଡ଼ିଛି। ପ୍ରଶାସନ ଆଖିରେ ଧୂଳି ଦେଇ ଗ୍ରାହକମାନଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ଏହି ବେଆଇନ ଅଭିଯାନକୁ ଶୁକ୍ରବାର ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ଏକ ଅଚାନକ ଚଢାଉରେ ଅବକାରୀ ବିଭାଗ ଦ୍ୱାରା ଧରାପଡ଼ିଛି। ରିପୋର୍ଟ ଅନୁଯାୟୀ, ଚୋରା ମଦ ବ୍ୟବସାୟୀମାନେ ମୃଦୁ ପାନୀୟ ବୋତଲରେ ମଦ ପ୍ୟାକିଂ କରି ଗ୍ରାହକମାନଙ୍କୁ ବଣ୍ଟନ କରୁଥିଲେ। ଏହି ଅନନ୍ୟ କୌଶଳ ଚିହ୍ନଟରୁ ବଞ୍ଚିବା ଏବଂ ନିୟମିତ ପାନୀୟର ଆଡ଼ ଦେଇ ଅବୈଧ ବାଣିଜ୍ୟ ଜାରି ରଖିବା ପାଇଁ ଉଦ୍ଦିଷ୍ଟ ଥିଲା। ତଥାପି, ଗୁପ୍ତ ସୂଚନା ପାଇ, ଅବକାରୀ ବିଭାଗର ପ୍ରବର୍ତ୍ତନ ଦଳ ଏକ ଯୋଜନା କରି ଚୋରା ମଦ ଚଲାଣ କରୁଥିବା ସମୟରେ ଚୋରା ଚାଲାଣକାରୀମାନଙ୍କୁ ଧରିଥିଲେ। ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ଏହି ଅଭିଯାନ ସଫଳତାର ସହିତ କରାଯାଇଥିଲା, ଯେଉଁଠାରେ ବହୁ ପରିମାଣର ବେଆଇନ ପ୍ୟାକ୍ ହୋଇଥିବା ମଦ ଜବତ କରାଯାଇଥିଲା। ଅଧିକାରୀମାନେ ସମଗ୍ର ଯୋଗାଣ ଶୃଙ୍ଖଳାକୁ ଠାବ କରିବା ଏବଂ ଚୋରା ଚାଲାଣର ଏହି ନୂତନ ପଦ୍ଧତି ପଛରେ ଥିବା ମାଷ୍ଟରମାଇଣ୍ଡକୁ ଚିହ୍ନଟ କରିବା ପାଇଁ ଏକ ତଦନ୍ତ ଆରମ୍ଭ କରିଛନ୍ତି।

ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ

ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା ଅଭିଯୋଗ

ଫୁଲବାଣୀ,୨୧।୩ (ସଂଚାର ବ୍ୟୁରୋ): ସଦର ବ୍ଲକ ଅନ୍ତର୍ଗତ ଗୁମାଗଡ ସେବାଶ୍ରମରେ ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ଛାତ୍ରୀ ଜଣକ କଟ୍ରିଙ୍ଗିଆ ପଞ୍ଚାୟତ ନେଡିପଦର ଗ୍ରାମର ଗୌରାଙ୍ଗ ଚରଣ ଦିଗାଲଙ୍କ ଝିଅ ମଞ୍ଜୁଲତା (୧୫) ବୋଲି ଜଣାପଡିଛି। ସେ ଗୁମାଗଡ ଆଶ୍ରମ ବିଦ୍ୟାଳୟର ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ସୂଚନା ଅନୁସାରେ, ତିନି ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁମାଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ରାତିରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସକାଳୁ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ମଞ୍ଜୁଲତା ପୁର୍ବରୁ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ପରିବାର ପକ୍ଷରୁ ସଦର ଥାନାରେ ଦିଆଯାଇଥିବା ଏତଲାରେ କୁହାଯାଇଛି। ଅପରପକ୍ଷେ, ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସଦର ଥାନା ପୁଲିସ ଶବକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସବ ଇନ୍ସପେକ୍ଟର ସମ୍ବିତ ବେହେରା କହିଛନ୍ତି ।

ସାମୁଦ୍ରିକ ଚୁକ୍ତି ଖିଲାପ ଅଭିଯୋଗ

ପାରାଦୀପରେ ଦୁଇ ଜାହାଜ ଗିରଫ

ପାରାଦୀପ,୨୧।୩ (ସଂଚାର ବ୍ୟୁରୋ): ପାରାଦୀପରେ ଦୁଇ ଜାହାଜକୁ ଗିରଫ କରାଯାଇଛି । ତୁରନ୍ତ ଗିରଫ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ସମ୍ପୃକ୍ତ ଦୁଇ ଜାହାଜକୁ ପାରାଦୀପ ମେରାଇନ ପୋଲିସ ଗିରଫ କରିଛି । ଉକ୍ତ ଦୁଇ ଜାହାଜ ଏବେ

ଏପ୍ରିଲ ୧ରୁ ନିଷ୍କ୍ରିୟ ମୋବାଇଲ୍ ନମ୍ବରରେ ଚାଲିବନି ୟୁପିଆଇ

ନୂଆଦିଲ୍ଲୀ, ୨୧।୩: ଏପ୍ରିଲ ୧ରୁ ମୋବାଇଲ୍ ନମ୍ବରଗୁଡ଼ିକରେ ବନ୍ଦ ହୋଇଯିବ ୟୁପିଆଇ ସେବା। ଟଙ୍କା ପଠାଇ ପାରିବେନି ଲୋକେ। ତେବେ ସବୁ ନମ୍ବରରେ ନୁହେଁ କେବଳ ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକରେ ୟୁପିଆଇ ସେବା ଆଉ କାମ କରିବ ନାହିଁ। ଜାଲିଆତି ଏବଂ ଅନଧିକୃତ କାରବାରକୁ ରୋକିବା ପାଇଁ ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ), ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସପି) ଗୁଡ଼ିକୁ ଏପରି ନମ୍ବରଗୁଡ଼ିକୁ ଡିଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦେଇଛି। ୟୁପିଆଇ ସହିତ ଲିଙ୍କ୍ ହୋଇଥିବା ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକ ସୁରକ୍ଷା ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ୟବହାରକାରୀମାନେ ସେମାନଙ୍କର ନମ୍ବର ପରିବର୍ତ୍ତନ କଲେ କିମ୍ବା ଲମ୍ବା ସମୟ ପର୍ଯ୍ୟନ୍ତ ନମ୍ବରକୁ ବ୍ୟବହାର ନକଲେ ବି ସେମାନଙ୍କର

ୟୁପିଆଇ ଆକାଉଣ୍ଟଗୁଡ଼ିକ ପ୍ରାୟତଃ ସକ୍ରିୟ ରହିଥାଏ। ଏହା ଦ୍ୱାରା ଅନ୍‌ଲାଇନ୍ ଠକ ଫାଇଦା ଉଠାନ୍ତି। ଏହାକୁ ରୋକିବା ପାଇଁ, ଏନପିସିଆଇର ନିର୍ଦ୍ଦେଶ ଅନୁଯାୟୀ, ଗୁଗୁଲ ପେ', ଫୋନ୍‌ପେ' ଏବଂ ପେଟିଏମ ପରି ବ୍ୟାଙ୍କ ଓ ପେମେଣ୍ଟ ଆପ୍ ଏବେ ୟୁପିଆଇ ସିଷ୍ଟମରୁ ନିଷ୍କ୍ରିୟ ନମ୍ବରଗୁଡ଼ିକୁ ହଟାଇବେ।

ବ୍ୟାଙ୍କଗୁଡ଼ିକ କିପରି ନୂତନ ନିୟମ କାର୍ଯ୍ୟକାରୀ କରିବେ

ବ୍ୟାଙ୍କ ଏବଂ ପିଏସପିଗୁଡ଼ିକ ଥର ଥର କରି ନିଷ୍କ୍ରିୟ ଥିବା ମୋବାଇଲ୍ ନମ୍ବରଗୁଡ଼ିକୁ ଚିହ୍ନଟ କରିବେ ଏବଂ ଏହାକୁ ହଟାଇବେ। ହଟାଇବା ପୂର୍ବରୁ ପ୍ରଭାବିତ ଉପଭୋକ୍ତାମାନଙ୍କୁ ଏବିଷୟରେ ମେସେଜ୍ ମାଧ୍ୟମରେ ସୂଚନା ଦିଆଯିବ। ତେତାବନୀ ସତ୍ତ୍ୱେ ଯଦି କୌଣସି ମୋବାଇଲ୍ ନମ୍ବର ନିଷ୍କ୍ରିୟ ରହେ, ତେବେ ଠକେଇକୁ ରୋକିବା ପାଇଁ ଏହାକୁ ୟୁପିଆଇରୁ ତାଲିକାରୁ ହଟାଯିବ। ବ୍ୟବହାରକାରୀମାନେ ସମୟସୀମା ପୂର୍ବରୁ ସେମାନଙ୍କର ମୋବାଇଲ୍ ନମ୍ବରକୁ ଅପଡେଟ୍ କରି ସେମାନଙ୍କର ୟୁପିଆଇ ଆକ୍ସେସ୍ ପୁନଃସ୍ଥାପିତ କରିପାରିବେ।

କିଏ ପ୍ରଭାବିତ ହେବେ?

ଯେଉଁ ଉପଭୋକ୍ତାମାନେ ସେମାନଙ୍କର ମୋବାଇଲ୍ ନମ୍ବର ପରିବର୍ତ୍ତନ କରିଛନ୍ତି କିନ୍ତୁ ବ୍ୟାଙ୍କ ସହିତ ଏହାକୁ ଅପଡେଟ୍ କରିନାହାଁନ୍ତି। ଯେଉଁ ଉପଭୋକ୍ତାମାନେ ନିଷ୍କ୍ରିୟ ନମ୍ବର ରଖିଛନ୍ତି ଏବଂ ଦୀର୍ଘ ସମୟ ଧରି କଲ୍, ଏସଏମଏସ କିମ୍ବା ବ୍ୟାଙ୍କିଂ ଆଲର୍ଟ ପାଇଁ ବ୍ୟବହାର କରିନାହାନ୍ତି। ଯେଉଁ ଉପଭୋକ୍ତାମାନେ ସେମାନଙ୍କର ବ୍ୟାଙ୍କ ବିବରଣୀ ଅପଡେଟ୍ ନକରି ସେମାନଙ୍କର ନମ୍ବର ସରେଣ୍ଡର କରିଛନ୍ତି। ଯେଉଁ ଉପଭୋକ୍ତାମାନଙ୍କର ପୁରୁଣା ନମ୍ବର ବର୍ତ୍ତମାନରେ ଅନ୍ୟ କାହାକୁ ଦିଆଯାଇଛି।

ଆଜିର ସୁନା ଦର

ଉପର ମୁହାଁ ସୁନା ଦର। ଦିନକୁ ଦିନ ନୂଆ ରେକର୍ଡ କରି ଚାଲିଛି ସୁନା। ବର୍ତ୍ତମାନ ଲକ୍ଷେ ମୁହାଁଇଲାଣି ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢ଼ିଚାଲିଛି ଦର। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ଆଜି ପୁଣି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ୯୦ ହଜାର ଛୁଇଁଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୦ ହଜାର ୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ହଜାର ୨୨୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୭୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୭୦୦ ଟଙ୍କା ଓ ୯୦,୨୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୮୫୦ ଟଙ୍କା ଓ ୯୦, ୩୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୭୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୦, ୨୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୭୦୦ ଓ ୯୦,୨୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।

୧୨ ନୂଆ ସୋ'ରୁମ ଖୋଲିବ ମାଲାବାର

ଭୁବନେଶ୍ୱର, ୨୧।୩: ମାଲାବାର ଗୋଲ୍ଡ ଆଣ୍ଡ୍ ଡାଏମଣ୍ଡସ ସାରା ଭାରତରେ ଏହାର ଉପସ୍ଥିତିକୁ ଆହୁରି ମଜଭୂତ କରିବ। ଏଥିପାଇଁ ଏହା ଚଳିତ ମାସ ଶେଷ ସୁଦ୍ଧା ୧୨ଟି ନୂଆ ସୋ'ରୁମ ଆରମ୍ଭ କରିବାକୁ ଯାଉଛି। ଏହି ସମ୍ପତମ ସମ୍ପ୍ରସାରଣ ଅଭିଯାନ ସହ ୧୩ଟି ଦେଶରେ ମୋଟ ସୋ'ରୁମ ସଂଖ୍ୟା ୩୯୧କୁ ଏବଂ ସାରା ଭାରତରେ ୧୯ଟି ରାଜ୍ୟରେ ଉପସ୍ଥିତି ହେବ। ନୂତନ ସୋ'ରୁମ

୬୦୦ କୋଟି ଟଙ୍କାର ନିବେଶ

ଗୁଡ଼ିକ ମୁମ୍ବାଇର ପାନଭେଲ, ପୁଣେର ସିଂହଗଡ ରୋଡ, ଓଡ଼ିଶାର ବ୍ରହ୍ମପୁର ଏବଂ ସୌଭାଗ୍ୟ ନଗର, ଝାଡ଼ଖଣ୍ଡର ଧାନବାଦ, କର୍ଣ୍ଣାଟକର ହୋସପେଟ, ନଗରଭାବୀ ଏବଂ ଚିତ୍ରଦୁର୍ଗ, ଆନ୍ଧ୍ରପ୍ରଦେଶର ନନ୍ଦୟାଲ, ଅମଲାପୁରମ, ମଛଲିପଟ୍ଟନମ, ୟୁପିର ବାରାଣସୀରେ ଖୋଲିବ। ମାଲାବାର ଗ୍ରୁପ ଏହି ସମ୍ପ୍ରସାରଣ ପର୍ଯ୍ୟାୟରେ ୬୦୦ କୋଟି ଟଙ୍କା ନିବେଶ କରିଛି ଏବଂ ଏହି ଆର୍ଥିକ ବର୍ଷରେ ବିଭିନ୍ନ ଭୂମିକାରେ ୪୦୬ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ୨୦୨୫ରେ ୬୦ଟି ନୂଆ ସୋ'ରୁମ ଖୋଲିବାକୁ ଯୋଜନା କରୁଛି, ଯାହା ଦ୍ୱାରା ଏହାର ବିଶ୍ୱବ୍ୟାପୀ ଉପସ୍ଥିତି ଆହୁରି ବିସ୍ତାର ହେବ। ଏପ୍ରିଲ ୨୦୨୫ରେ, ଗ୍ରୁପ ୫ଟି ନୂତନ ଶୋ'ରୁମ ଶୁଭାରମ୍ଭ କରିବାକୁ ଯାଉଛି, ଯାହା ମଧ୍ୟପ୍ରାଚ୍ୟ, ୟୁକେ ଏବଂ କାନାଡାରେ ଏହାର ବିସ୍ତାର କରିବ। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପ୍ରଖ୍ୟାତ ଅଭିନେତା ଏବଂ ବ୍ରାଣ୍ଡ ଆମ୍ବାସଡର ଏନଟିଆର୍ ଜୁନିୟରଙ୍କ ସହିତ ଏକ ଗ୍ରାହକ ସଚେତନତା ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ବ୍ରାଣ୍ଡକୁ ଏକ ଦାୟିତ୍ୱବାନ ଅଳଙ୍କାର ବିକ୍ରେତା ଭାବରେ ଉଜ୍ଜ୍ୱଳ କରିଥାଏ, ସ୍ଥାୟୀ ଅଭ୍ୟାସ, ପ୍ରାମାଣିକ ହଲମାର୍କିଂ ଅଳଙ୍କାର ଏବଂ ପ୍ରମାଣିତ ପ୍ରାକୃତିକ ହୀରା ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥାଏ। ସମ୍ପ୍ରସାରଣକୁ ନେଇ ମାଲାବାର ଗ୍ରୁପ ଅଧକ୍ଷ ଏମ୍.ପି ଅହମ୍ମଦ କହିଛନ୍ତି, ସମ୍ପ୍ରସାରଣ ଯୋଜନା ଆମର ବିଶ୍ୱସ୍ତରୀୟ ପଦଚିହ୍ନକୁ ବିସ୍ତାର କରିବ ଏବଂ ବିଶ୍ୱସ୍ତରୀୟ ସପିଂ ଅଭିଜ୍ଞତା ପ୍ରଦାନ କରିବାର ଆମର ବ୍ୟାପକ ଦୃଷ୍ଟିକୋଣ ସହିତ ସଂଯୁକ୍ତ।

୪ ବର୍ଷରେ ସବୁଠୁ ବଡ଼ ସାପ୍ତାହିକ ବୃଦ୍ଧି

ନୂଆଦିଲ୍ଲୀ, ୨୧।୩: ଭାରତୀୟ ସେୟାର ବଜାରରେ ନୂଆ ଡେଣା ଲାଗିଛି। ଆଜିକୁ ମିଶାଇ ଲଗାତାର ୫ମ ଦିନରେ ବଡ଼ ବୃଦ୍ଧି ସହ ବଜାର ବନ୍ଦ ହୋଇଛି। ସପ୍ତାହର ଶେଷ କାରବାର ଦିନରେ ସେନସେକ୍ସ ୫୫୭ ଅଙ୍କ ଉପରକୁ ଉଠି ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୩,୩୫୦ ସ୍ତରରେ ପହଞ୍ଚିଛି। ଚଳିତ

ଆଜି ନିବେଶକଙ୍କ ଲାଭ ୪.୭୮ ଲକ୍ଷ କୋଟି ଟଙ୍କା

ସପ୍ତାହରେ ଏହି ଦୁଇ ସୂଚକାଙ୍କ ପ୍ରାୟ ୪.୩ ପ୍ରତିଶତ ବଢ଼ିଛି। ଯାହା ଦୁଇ ପ୍ରମୁଖ ସୂଚକାଙ୍କର ଗତ ଚାରି ବର୍ଷରେ ସବୁଠୁ ଭଲ ସାପ୍ତାହିକ ପ୍ରଦର୍ଶନ ଅଟେ। ଆଜିର ଏହି ବୃଦ୍ଧି ଯୋଗୁଁ ନିବେଶକଙ୍କ ସମ୍ପତ୍ତି ୪.୭୮ ଲକ୍ଷ କୋଟି ଟଙ୍କା ବଢ଼ିଛି। ଛୋଟ ଓ ମଧ୍ୟମ ଧରଣର ସେୟାରରେ ମଧ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ନିଫ୍ଟି ମିଡ୍‌କ୍ୟାପ୍ ୧.୪ ପ୍ରତିଶତ ଓ ସ୍ମଲ୍‌କ୍ୟାପ୍ ୨ ପ୍ରତିଶତ ବଢି ବନ୍ଦ ହୋଇଛି। କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୫୫୭.୪୫ ଅଙ୍କ ବା ୦.୭୩ ପ୍ରତିଶତ ବଢି ୭୬,୯୦୫.୫୧ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ସେନ୍‌ସେକ୍ସ ନିଫ୍ଟି ୧୫୯.୭୫ ଅଙ୍କ ବା ୦.୬୯ ପ୍ରତିଶତ ବଢି

୨୩,୩୫୦.୪୦ ସ୍ତରରେ ବନ୍ଦ ହୋଇଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ୍ ମାର୍କେଟ୍ କ୍ୟାପ୍ ଆଜି ବଢି ୪୧୩.୩୯ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ମାର୍ଚ୍ଚ ୨୦ରେ ଏହା ୪୦୮.୬୧ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୩.୪୮ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୪.୭୮ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୫ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି। ଏଥିରୁ ଏନଟିପିସି ସେୟାରରେ ସବୁଠୁ ଅଧିକ ୨.୭୮ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଇନଫୋସିସ୍ ସେୟାର ୧.୩୪ ପ୍ରତିଶତ ହ୍ରାସ ସହ ଟପ୍ ଲୁଜର୍ ରହିଛି।

ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଓଡ଼ିଶାରେ ତମ୍ବା କାରଖାନା ବସାଇବ ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର, ୨୧।୩: ଶିଳ୍ପପତି ସଜ୍ଜନ ଜିନ୍ଦଲଙ୍କ ସଂସ୍ଥା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଓଡ଼ିଶାରେ ଏକ ତମ୍ବା ପ୍ରକଳ୍ପ ସ୍ଥାପନ କରିବାକୁ ଯୋଜନା ରଖିଛି। ଏନେଇ ସମ୍ବାଦ ସରବରାହ ସଂସ୍ଥା ରଏଟର୍‌ରେ ଏକ ଖବର ପ୍ରକାଶ ପାଇଛି। ରାଜ୍ୟରେ ଇସ୍ପାତ ଏବଂ ଇଲେକ୍ଟ୍ରିକ୍ ଯାନ ଓ ବ୍ୟାଟେରି ପ୍ରକଳ୍ପ ପରେ କମ୍ପାନି ତମ୍ବାରେ ନିବେଶ କରିବାକୁ ଯାଉଛି। ସୂଚନା ଅନୁସାରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଓଡ଼ିଶାରେ ବାର୍ଷିକ ୫ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ତମ୍ବା ସ୍ମେଲଟର ପ୍ରତିଷ୍ଠା କରିବ। ୨୦୮-୨୯ ସୁଦ୍ଧା ତାହା ସ୍ଥାପନ ହେବ। ଏହି ପ୍ରକଳ୍ପରେ କମ୍ପାନି ୧୨ ହଜାର କୋଟି ଟଙ୍କା ନିବେଶ କରିବ। ପର୍ଯ୍ୟାୟକ୍ରମେ ପ୍ରକଳ୍ପ କ୍ଷମତାକୁ ୨୦୩୩-୩୪ ସୁଦ୍ଧା ୧ ନିୟୁତ ଟନ୍‌କୁ ବଢ଼ାଇବ। ଓଡ଼ିଶା ପ୍ରକଳ୍ପ ଜରିଆରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ। ରାଜ୍ୟରେ କମ୍ପାନି ସ୍ଥାପନ କରିବାକୁ ଥିବା ଇଲେକ୍ଟ୍ରିକ୍ ଯାନ ଓ ବ୍ୟାଟେରି ପ୍ରକଳ୍ପ

ପାଇଁ ଫିଡ୍‌ଷ୍ଟକ୍ ଭାବେ ଏହି ସ୍ମେଲଟରରୁ ତମ୍ବା ଉତ୍ପାଦନ କରାଯିବ। କିଛିଟା ଉପାଦାନ ହିନ୍ଦୁସ୍ତାନ କପରରୁ ଆସିବ। ଚଳିତ ବର୍ଷ ଜାନୁଆରିରେ କମ୍ପାନି ତମ୍ବା ଉତ୍ପାଦନ କ୍ଷେତ୍ରରେ ପ୍ରବେଶ କରିବା ସମ୍ପର୍କରେ ସୂଚନା ଦେଇଥିଲା। ହିନ୍ଦୁସ୍ତାନ କପର୍‌ର ଦୁଇଟି ଖଣିକୁ ୨୦ ବର୍ଷ ପାଇଁ କମ୍ପାନି ପରିଚାଳନା କରିବ ବୋଲି କହିଥିଲା। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପରେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିବାର ପ୍ରତିଶ୍ରୁତି ଦେଇଛି। ଚଳିତ ବର୍ଷ ଜାନୁଆରିରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ଭାଗ ନେଇ ସଜ୍ଜନ ଜିନ୍ଦଲ ଏହି ସୂଚନା ଦେଇଥିଲେ। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ କଟକ ଓ ପାରାଦୀପରେ ଇଲେକ୍ଟ୍ରିକ୍ ଯାନ ଓ ବ୍ୟାଟେରି ଉତ୍ପାଦନ କାରଖାନା ବସାଇବା ଲାଗି ୪୦ ହଜାର କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଛି। କେନ୍ଦୁଝର ଜିଲ୍ଲାରେ ଏକ ୫ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ବସାଇବା ପାଇଁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପରେ କମ୍ପାନି ୩୫ ହଜାର କୋଟି ଟଙ୍କା ନିବେଶ କରିବ। ସେହିପରି ଜଗତସିଂହପୁରର ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ମିଳିତ ଭାବେ ୬୫ ହଜାର କୋଟି ଟଙ୍କା ନିବେଶରେ ଏକ ୧୩.୨ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି।

ଓଡ଼ିଶା ଚାଷୀ ବ୍ୟବହାର କରୁଛନ୍ତି ଏଆଇ

ନୂଆଦିଲ୍ଲୀ, ୨୧।୩: ପ୍ରଯୁକ୍ତି ଦୁନିଆରେ ଚହଳ ସୃଷ୍ଟି କରିଥିବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କୁ ଆପଣାଇବାରେ ଓଡ଼ିଶା ଏକ ବଡ଼ ଉପଲବ୍ଧି ହାସଲ କରିଛି। ରାଜ୍ୟର ଚାଷୀମାନେ ଏଆଇ ଟୁଲ୍ ବ୍ୟାପକ ଭାବେ ବ୍ୟବହାର କରୁଛନ୍ତି। ସେଥିପାଇଁ ଓଡ଼ିଶାର ଚାଷୀମାନଙ୍କୁ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ପ୍ରଶଂସା କରିଛନ୍ତି। ଭାରତ ଗସ୍ତରେ ଥିବା ଗେଟ୍‌ସ ତାଙ୍କ ବ୍ଲଗ୍‌ରେ ଲେଖିଛନ୍ତି ଯେ ଭାରତରେ ଏଆଇ ଟୁଲ୍ ବ୍ୟାପକ ଭାବେ ବ୍ୟବହାର ହେଉଛି। ଦେଶର କୃଷି କ୍ଷେତ୍ରରେ ଏଆଇ ରୂପାନ୍ତରଣ ଆଣିଛି। ଗତବର୍ଷର ଓଡ଼ିଶା ଗସ୍ତ ଅନୁଭୂତିକୁ ମନେ ପକାଇ ସେ ଲେଖିଛନ୍ତି ଯେ ଯେତେବେଳେ ମୁଁ ଓଡ଼ିଶା ଯାଇଥିଲି, ସେଠାରେ ଚାଷୀମାନଙ୍କୁ ଏଆଇ ଟୁଲ୍ ବ୍ୟବହାର କରିବା ଦେଖିଥିଲି। ପାଣିପାଗ ସ୍ଥିତି ବିଷୟରେ ଜାଣିବା, ଫସଲ ଚୟନ କରିବା ଏବଂ ରୋଗପୋକ ବିପଦ କମ୍ କରିବା ଲାଗି ସେମାନେ ଏଆଇ ବ୍ୟବହାର କରୁଛନ୍ତି। ଏଆଇକୁ ବ୍ୟବହାର କରିବାରେ ସେମାନେ କେତେ ଅଗ୍ରଗତି କରିଛନ୍ତି, ତାହା ଜାଣିବାକୁ ମୁଁ ଉତ୍ସୁକତାର ସହ ଚାହିଁରହିଛି ବୋଲି ବିଲ୍ ଗେଟ୍‌ସ ଲେଖିଛନ୍ତି।

ବିଲ୍ ଗେଟ୍‌ସ ଭାରତ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଭିନ୍ନ ନେତାଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି। ତିନି ବର୍ଷରେ ଏହା ହେଉଛି ତାଙ୍କର ତୃତୀୟ ଭାରତ ଗସ୍ତ। ଗତବର୍ଷ ଫେବ୍ରୁଆରିରେ ଗେଟ୍‌ସ ଓଡ଼ିଶା ଆସିଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ ଏବଂ ଜାଗା ମିସନ ଓ ମୁକ୍ତା ଯୋଜନା ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର ମିଶନ ଶକ୍ତି ବଜାର ବୁଲି ଦେଖିବା ସହ ମିଲେଟ୍ ଉତ୍ପାଦ କିଣିଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଗେଟ୍‌ସ ଫାଉଣ୍ଡେସନ ଓ 'ସମଗ୍ର'ର ମିଳିତ ସହଯୋଗିତାରେ ରାଜ୍ୟରେ ଡିଜିଟାଲ୍ କୃଷି ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି। କୃଷି ସମୃଦ୍ଧି ନାମରେ ଏଆଇ ଚାଟ୍‌ବଟ୍ ବିକାଶ କରାଯାଇଛି। ଏହି ଏଆଇ ଚାଟ୍‌ବଟ୍ ପାଣିପାଗ, ରୋଗପୋକ, ରୋଗ ଏବଂ ଫସଲ ପରିଚାଳନା ସମ୍ପର୍କିତ ପରାମର୍ଶ ପ୍ରଦାନ କରୁଛି। ଚାଷୀମାନେ କୃଷି ସମୃଦ୍ଧିକୁ ପ୍ରଶ୍ନ ପଚାରିପାରୁଛନ୍ତି।

ପରିବର୍ତ୍ତିତ ପାଣିପାଗ ପାଲଟିଛି ଫସଲ ପାଇଁ କାଳ

ଚିନ୍ତାରେ ଆର୍‌ବିଆଇ

ନୂଆଦିଲ୍ଲୀ ୨୧।୩: ଗତ କିଛି ବର୍ଷ ହେଲା ବିଶ୍ୱର ଅନ୍ୟଭାଗ ଭଳି ଭାରତରେ ମଧ ପାଣିପାଗର ମିଜାଜ ବେଶ୍ ବଦଳି ଯାଇଛି। ଏଥିରୁ ଭବିଷ୍ୟତ ଅନିଶ୍ଚିତ ହୋଇପଡିଛି। ଯାହାର ସବୁଠୁ ବଡ଼ ପ୍ରଭାବ ଏବେ ଫସଲ ଉତ୍ପାଦନ ଉପରେ ସ୍ପଷ୍ଟ ଦେଖାଯାଉଛି। ଏହି ସ୍ଥିତି ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ାଇବା ପାଇଁ କରାଯାଉଥିବା ଉଦ୍ୟମକୁ ଏବେ ନିଷ୍ଫଳ କଲାଣି। ଏହି କଥା ଭାରତ

ଭୁବନେଶ୍ୱର ଶନିବାର ୨୨ ମାର୍ଚ୍ଚ ୨୦୨୫ ସଂଚାର THE SANCHAR

ଖାଦ୍ୟ ଯାଞ୍ଚ ପାଇଁ ନାହାନ୍ତି ଆବଶ୍ୟକ ଅଧିକାରୀ

● ଖାଦ୍ୟ ସାମଗ୍ରୀ ପରିବର୍ତ୍ତେ ବିକ୍ରି ହେଉଛି ଜହର

● ଦୋକାନରେ ଖାଦ୍ୟ ବିକ୍ରି ଯାଞ୍ଚ ଦାବି

ବୋରିଗୁମ୍ମା,୨୧।୩ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଖାଦ୍ୟ ଗୁଣବତ୍ତା ଯାଞ୍ଚ କରିବାକୁ ନାହାନ୍ତି ଆବଶ୍ୟକ ସଂଖ୍ୟକ ଅଧିକାରୀ। ତେଣୁ ଖାଦ୍ୟ ସାମଗ୍ରୀ ପରିବର୍ତ୍ତେ ବିକ୍ରି ହେଉଛି ଜହର, ବୋରିଗୁମ୍ମା ଅଞ୍ଚଳରେ ଦୈନିକ ନିତ୍ୟ ବ୍ୟବହାର ଖାଦ୍ୟ ସାମଗ୍ରୀରେ ମିଶୁଛି ଜହର। ଦୋକାନରେ ମିଳୁଥିବା ବିଭିନ୍ନ ଖାଦ୍ୟ ଏବେ ଅପମିଶ୍ରିତ ଭାବେ ବିକ୍ରି ହେଉଛି। କେତେକ ସମୟରେ ବ୍ୟସ୍ତତା କାରଣରୁ କିଣୁଥିବା ଜିନିଷର ଏକ୍ସପାୟାର ତାରିଖ ନଦେଖି ଦେକାନରୁ କିଣି ନେଉଥାଉ। ଏହାର କିଛି ଫାଇଦା ଉଠାଉଛନ୍ତି କିଛି ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଦୋକାନୀ। ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅଞ୍ଚଳରେ। ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅନେକ ଦୋକାନରେ ଏକ୍ସପାୟାର ଥିବା ଖାଦ୍ୟ ସାମଗ୍ରୀ ତଥା ଚକୋଲେଟ, ବିସକୁଟ, କେକେ ସହିତ ଥଣ୍ଡା ପାନ୍ୟ ଜଳ ରଖି ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ଅଧିକାଂଶ ସମୟରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଯାଆସ କରିବା ସମୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଦ୍ରବ୍ୟ କିଣି ନେଇଥାନ୍ତି। ଏଥି ସହିତ ଏହା ଛତିଶଗଡ଼ ରାଜ୍ୟ ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାଜପଥ ହୋଇଥିବାରୁ ଅନେକ ବାଟୋଇମାନେ ଅଧିକାଂଶ ସମୟରେ ଏହି ସବୁ ଦୋକାନରେ ଅଟକି ଏକ୍ସପାୟାର ନଥିବା ଦ୍ରବ୍ୟ ଅଜାଣତରେ କିଣି ନେଇଥାନ୍ତି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଦାବି ହୋଇଛି। ଯଦି ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ଗୁରୁତର ଭାବେ ନ ନିଅଛି ତେବେ ଆଗାମୀ ଦିନରେ ଅନେକ ଧନ ଜୀବନ କ୍ଷତି ହେବାନେଇ ସ୍ପଷ୍ଟ ବାରି ହେଉଛି। ଏବଂବୋରିଗୁମ୍ମା ସହରର ସହରାଞ୍ଚଳରେ ନିୟମିତ ଖାଦ୍ୟ ସାମଗ୍ରୀ ସହିତ ଚଟୁଟି ଖାଦ୍ୟର ବ୍ୟବସାୟ ବଢ଼ିବାରେ ଲାଗିଛି। ସଞ୍ଜ ନଇଁଲେ ସହରର ରାସ୍ତାକଡରେ ବ୍ୟବସାୟୀମାନେ ପସରା ଖୋଲୁଛନ୍ତି। ଖୋଲା ଆକାଶ ତଳେ ଆମିଷ, ନିରାମିଷ ଖାଦ୍ୟର ପସରା ଖୋଲୁଛନ୍ତି।ଏହିସବୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ଅତ୍ୟନ୍ତ ନିମ୍ନମାନର ଟମାଟୋ, ଚିଲି ସସ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର ହେଉଥିବାର ଅଭିଯୋଗ ବି ବିଭିନ୍ନ ସମୟରେ ଆସୁଛି। ହେଲେ ଏଗୁଡିକର ଯାଞ୍ଚ ପାଇଁ ଆବଶ୍ୟକ ଅଧିକାରୀ ନଥିବାରୁ ବ୍ୟବସାୟୀମାନେ ବେଧଡକ ଭାବେ ନିମ୍ନମାନର ସାମଗ୍ରୀ ବିକ୍ରି କରିବାରେ ଲାଗିଛନ୍ତିଜ୍ଜ ସେହିଭଳି ଖୋଲାରେ ମାଂସ, ମାଛ ଆଦି ଆମିଷ ସାମଗ୍ରୀ ବିକ୍ରି ହେଉଥିବାବେଳେ ଏହାର ବି ନିୟମିତ ଯାଞ୍ଚ ହେଉନାହିଁ। ଯେତେବେଳେ କୌଣସି ସ୍ଥାନରୁ ଅଭିଯୋଗ ଆସୁଛି ଧର୍ମାକୁ ଆଖିଠାର ମାରିଲା ଭଳି ଯାଞ୍ଚ ହେଉଛି। ନାଳ ନର୍ଦ୍ଦମା ଉପରେ ମାଂସ ଓ ମାଛ ବିକ୍ରି ହେଉଥିଲେ ମଧ୍ୟ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ପଡୁନାହିଁ। ଫଳରେ ସହରାଞ୍ଚଳର ଲୋକେ ଅତ୍ୟନ୍ତ ନିମ୍ନମାନର ମାଛ, ମାଂସ ଖାଉଥିବାର ଅଭିଯୋଗ ଆସୁଛି। ବର୍ତ୍ତମାନ ରାଜ୍ୟର ସହରାଞ୍ଚଳରେ ଫାଷ୍ଟଫୁଡ୍ ଖାଦ୍ୟର ଚାହିଦା ବଢୁଥିବାବେଳେ ଏଥିରେ ବିଭିନ୍ନ ପ୍ରକାର ପ୍ରକ୍ରିୟାକୃତ ସାମଗ୍ରୀ ବ୍ୟବହାର ହେଉଛିଜ୍ଜ ତେଣୁଏଭଳି ଖାଦ୍ୟର କଡାକଡି ଯାଞ୍ଚ ନହେଲେ ଆଗାମୀ ଦିନରେ ରାଜ୍ୟରେ ପେଟରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ତେତାବନୀ ଦେଉଛନ୍ତି। ତେଣୁ ରାଜ୍ୟର ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆବଶ୍ୟକ ଖାଦ୍ୟ ନିରାପତ୍ତା ଅଧିକାର ନିଯୁକ୍ତ ସହିତ ଖାଦ୍ୟ ସାମଗ୍ରୀର ଯାଞ୍ଚ କଡାକଡି କରିବାକୁ ମତପ୍ରକାଶ ପାଉଛି।

ସାଙ୍ଗର ଜୀବନ ନେଲା ସାଙ୍ଗ

● ଠେଙ୍ଗାରେ ଆକ୍ରମଣ : ଜଣେ ମୃତ, ଜଣେ ଗୁରୁତର

ଖପ୍ରାଖୋଲ,୨୧।୩ (ସଂଚାର ବ୍ୟୁରୋ): ସାଙ୍ଗର ଜୀବନ ଗଲା ସାଙ୍ଗ ହାତ ରେ। ଠେଙ୍ଗା ରେ ଆକ୍ରମଣ କରି ଥିବା ରୁ ଜଣେ ମୃତ ହୋଇଥିବା ବେଳେ ଜଣେ ଗୁରତର ହୋଇଛନ୍ତି। ମୃତକ ଖପ୍ରାଖୋଲ ଥାନା ଅନ୍ତର୍ଗତ ବନ୍ଦେପଦର ଗ୍ରାମ ସୁଷିଲ ସାହୁ। ଏମିତି ଏକ ଘଟଣା ଘଟିଛି ଖପ୍ରାଖୋଲ ଥାନା ପୁତୁଲାମହୁଲ ଗାଁରେ। ସୂଚନା ଅନୁସାରେ ଗତ ରାତି ପ୍ରାୟ ୯ ଘଣ୍ଟା ସମୟ ରେ ବନ୍ଦେପଦର ଗ୍ରାମ ର ସୁଶୀଲ ସାହୁ ଓ ବିକାଶ ସାହୁ ଦୁଇ ଜଣ ମସିଣା କନ୍ଦା ବ୍ୟବସାୟ ର ଟଙ୍କା ପୈଠ କରିବା ପାଇ ପୁତୁଲାମହୁଲ ଗ୍ରାମ କୁ ଯାଇଥିବା ବେଳେ ମୃତକ ଙ୍କ ସାଙ୍ଗ ପିଣ୍ଟୁ ସାହୁ ଙ୍କ ସହ ଦେଖା ହୋଇଥିଲା। ପୂର୍ବ ରୁ ଥିବା ଟଙ୍କା ଲରଣ ଡେଣ କୁ ନେଇ ବଚାଣା ହୋଉ ଶେଷ ରେ ରାଗାନ୍ୱିତ ହୋଇ ପିଣ୍ଟୁ ସୁଶୀଲ ଓ ବିକାଶ କୁ ଠେଙ୍ଗା ରେ ଆକ୍ରମଣ କରିଥିବା ବେଳେ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ବିକାଶ ଗୁରୁତର ଅବସ୍ଥାରେ ଘରକୁ ଫେରି ଆସି ପରିବାର ଲୋକଙ୍କୁ କହିବା ରୁ ପୋଲିସ ରେ ଅଭିଯୋଗ କରିଥିଲେ। ଖପ୍ରାଖୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏ ନେଇ ଅଭିଯୁକ୍ତ କୁ ଗିରଫ କରିବା ପାଇଁ ଟାଣାଘନା କରୁଥିବା ଜଣାପଡ଼ିଛି।

ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଦେହ ଉଦ୍ଧାର

କଳିଙ୍ଗନଗର,୨୧।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଦାନଗଦି ଫାଣ୍ଡି ଅନ୍ତର୍ଗତ ଦାନଗଦି ଗ୍ରାମରେ ଝରକାରେ ରଶି ଲଗାଇ ଯୁବକର ଆତ୍ମହତ୍ୟା କ୍ଷଗୁରୁବାର ଦିନତମାମ ଯୁବକ ଜଣଙ୍କ ବହୁ ସମୟ ଧରି ଘର ବନ୍ଦ ଥିବାବେଳେ ସ୍ଥାନୀୟ ପଡୋଶୀ ଦେଖି ଦାନଗଦି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ତ୍ରିଜଙ୍ଗା ସରପଞ୍ଚ ଙ୍କ ଉପସ୍ଥିତ ର କବାଟ ଭାଙ୍ଗି ଘର ଭିତରେ ଯୁବକଙ୍କ ଝରକା ପାଖରେ ଝୁଲନ୍ତା ଅବସ୍ଥାରେ ମୃତ୍ୟୁ ଦେହ ଥିବା ଦେଖିଥିଲେ,। ଖବର ମୁତାବକ ଯୁବକ ଜଣଙ୍କ ଘର ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦଶନ୍ଧିକୁଳ ଗ୍ରାମର ସତ୍ୟବାନ ମହାଳିକ (୩୪) ଓ ସେ ଦାନଗଦି ଗ୍ରାମର ଭୀମ ସାହୁଙ୍କ ଘରେ ଭଡାରେ ରହୁଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣା ସ୍ଥଳରେ ଦାନଗଦି ଫାଣ୍ଡି ପୋଲିସ ପହଞ୍ଚିଛି। ସେପଟେ ଘଟଣା ସ୍ଥଳ ପରିଦର୍ଶନ କରିବାକୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛି। ଏପଟେ ପୋଲିସ ଏକ ଅପମୃତ ମାମଲା ରୁଜୁ କରି ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଚାରିଛକ ପ୍ରେସ କ୍ଲବ ପକ୍ଷରୁ ପଖାଳ ଦିବସ ପାଳିତ

ନୟାହାଟ,୨୧।୩ (ସଂଚାର ବ୍ୟୁରୋ): ସାରା ରାଜ୍ୟ ରେ ପାଳିତ ହେଉଛି ପଖାଳ ଦିବସ। ଏହି ଅବସରରେ ପୁରୀ ଜିଲ୍ଲା ଚାରିଛକ ଠାରେ ଚାରିଛକ ପ୍ରେସ କ୍ଲବ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା। ପ୍ରେସ କ୍ଲବ ସଭାପତି ଶିଶିର କୁମାର ସ୍ୱାଇଁ, ସଂପାଦକ କେଦାର ନାଥ ସାହୁ, ସନ୍ତୋଷ ଦାସ, ଶଶିକାନ୍ତ ତ୍ରିପାଠୀ, ଉମାକାନ୍ତ ଭୋଇ, ବିନୋଦ ପ୍ରଧାନ, ରଶ୍ମି ରଞ୍ଜନ ସାହୁ, କୃଷକ ନେତା ସନାତନ ପାତ୍ର, ଚନ୍ଦ୍ରକାନ୍ତ ଦଳାଇ ପ୍ରମୁଖ ଏକତ୍ରିତ ହୋଇ ପଖାଳ ଭାତ ସହିତ ଶାଗ, ବଡ଼ି ଚୁରା, ବାଇଗଣ ପୋଡ଼ା, ଆଳୁ ଚକଟା ପ୍ରଭୃତି ଓଡିଆ ଘର ର ଖାଦ୍ୟ ଖାଇ ପଖାଳ ଦିବସ ପାଳନ କରିଥିଲେ। ଏହି ଗ୍ରୀଷ୍ମ ଋତୁରେ ପଖାଳ ଭାତ ତୃଷାର୍ତ୍ତ ଙ୍କ ପାଇଁ ଅମୃତ ସଦୃଶ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଶ୍ରୀ ଜଗନ୍ନାଥ ମଧ୍ୟ ସବୁଦିନ ଭିନ୍ନ ଭିନ୍ନ ପ୍ରକାର ର ପଖାଳ ଖାଇଥାନ୍ତି। ଏହା ଓଡ଼ିଆ ଙ୍କ ନିଜସ୍ୱ ଖାଦ୍ୟ ହୋଇ ଥିବାବେଳେ ଏବେ ଏହାର ଆଦର ଦେଶ ବିଦେଶ ଓ ଅନ୍ୟ ରାଜ୍ୟ ମାନଙ୍କ ରେ ବଢ଼ିବାରେ ଲାଗିଛି। ଏଣୁ ସମସ୍ତ ଓଡ଼ିଆ ପଖାଳ ଦିବସ ପାଳନ କରିବାକୁ ସମସ୍ତେ ଆହ୍ୱାନ ଦେଇଥିଲେ।

ମାରୁତି ନଗର ଭିତରେ ୧୧ କେଭି ବିଦ୍ୟୁତ୍ ତାର, ଲୋକେ ଆତଙ୍କିତ

● ବାରମ୍ବାର ଅଭିଯୋଗ ପରେ ମଧ୍ୟ ନିରବଦ୍ରଷ୍ଟା ସାଜିଛି ବିଦ୍ୟୁତ୍ ବିଭାଗ

ସୋନପୁର,୨୧।୩ (ସଂଚାର ବ୍ୟୁରୋ): ଦୀର୍ଘ ଦିନ ହେଲା ମାରୁତି ନଗର ଭିତରେ ଟଣାଯାଇଛି ୧୧ କେଭି ବିଦ୍ୟୁତ୍ ତାର। ବିଭିନ୍ନ ସମୟରେ ପବନ ଯୋଗୁଁ ତାର ଛିଣ୍ଡି ଯିବା ଆଶଙ୍କା ଥିବାରୁ ସୋନପୁର ସହର ଉପକଣ୍ଠ କୋଶଳ ଆବାସିକ ବିଦ୍ୟାଳୟ ନିକଟବର୍ତ୍ତୀ ମାରୁତି ନଗର ବାସୀ ଆତଙ୍କିତ ଅବସ୍ଥାରେ ସବୁବେଳେ ରହୁଛନ୍ତି। ନବନିର୍ମିତ ହନୁମାନ ମୂର୍ତ୍ତି ପାଖରେ କେବୁଲ ତାର ସଂଯୋଗ ଥିବା ବିଦ୍ୟୁତ ଖୁଣ୍ଟ ରହିଥିବା ଯୋଗୁଁ ପେଣ୍ଡାଲ ନିର୍ମାଣ ରେ ବାଧାସୃଷ୍ଟି କରୁଛି। ସେହିପରି ଏହାର ନିକଟରେ ଏକ ୧୧ କେଭି ଲୁହା ବିଦ୍ୟୁତ୍ ଖୁଣ୍ଟରୁ ତା'ର ତଳକୁ ଓହ୍ଲାଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତାହା କେତେବେଳେ ଛିଣ୍ଡି ପଡ଼ି ଧନଜୀବନ ହାନି ହେବ ତାହା କହି ହେବନାହିଁ। ଏହି ପଡ଼ା ଭିତରେ ଏକ ଟ୍ରାନ୍ସଫର୍ମର ସେନା କର୍ମଚାରୀ ପ୍ରଭାତ ଦେହୁରୀଙ୍କ ଘରକୁ ଲାଗି ରହିଛି। ଏଠାରେ ବିଭିନ୍ନ ସମୟରେ ପାର୍କିଙ୍ଗ ହୋଇ ନିଆଁ ବାହାରିଥାଏ। ଫଳରେ ଭୟଭୀତ ଅବସ୍ଥାରେ ରହୁଛନ୍ତି ମାରୁତି ନଗରବାସୀ।ଏହାର ସ୍ଥାୟୀ ପ୍ରତିକାର ପାଇଁ ଏମାନେ ବାରମ୍ବାର ରାଜନେତା, ସରକାରୀ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ତଥାପି ସମସ୍ୟାର ସମାଧାନ ହେଉ ନଥିବା ଅଭିଯୋଗ କରିଛନ୍ତି। ମାରୁତି ନଗରବାସୀଙ୍କ ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ରେ ଦାବି ହେଉଛି।

ବିଂଝାଳ ସମାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ: ଟେଣ୍ଡର ବିଜ୍ଞପ୍ତି ପ୍ରକ୍ରିୟା ବାତିଲ ଦାବୀ

ଖପ୍ରାଖୋଲ,୨୧।୩ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ପବିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କର ବିନ୍ଧ୍ୟବାସିନୀ ମନ୍ଦିର ପରିସର ରେ ସ୍ୱାଲାଖ ବିଂଝାଳ ସମାଜ ତରଫରୁ ଏକ ଖବର ଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିନ୍ଧ୍ୟବାଶିନୀ ମନ୍ଦିର ନିକଟରେ ଥିବା ପଡ଼ିଆକୁ ଦେବୋତ୍ତର ବିଭାଗ ତରଫରୁ ଟେଣ୍ଡର ଆହ୍ୱାନ କରାଯାଇଥିବାରୁ ତାକୁ ତୁରନ୍ତ ବାତିଲ ସହିତ ବିନ୍ଧ୍ୟବାସିନୀ ମନ୍ଦିର ଓ ପାଖ ପଡ଼ିଆକୁ ବିଂଝାଳ ସମାଜ ନାମରେ ପଟା ଦେବାକୁ ଦାବୀ କରିଥିଲେ। କହିବା ଅନୁସାରେ ଦୀର୍ଘ ବର୍ଷ ହେଲା ଏହି ସ୍ଥାନ କୁ ବିଂଝାଳ ସମାଜ ତରଫରୁ ଦଖଲ କରିବା ସହିତ ମନ୍ଦିର ନିର୍ମାଣ କରି ପୂଜା କରି ଆସୁଛନ୍ତି। ଏହାକୁ ଦୃଷ୍ଟି ରେ ରଖି ଦାବୀ ପୁରଣ ପାଇଁ ଦାବୀ ରଖିଥିଲେ। ଏନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ ଙ୍କୁ ଜଣାଇଥିବା କହିଥିଲେ। ଏହି ଅବସରରେ ବିଂଝାଳ ସମାଜ ତରଫରୁ ବରିଷ୍ଠ ସଦସ୍ୟ ଲୁଚନ ସିଂ ବରିହା, ଯଦୁମଣି ବରିହା, ବେଣୁଧର ବରିହା, ବିରଞ୍ଚି ବରିହା, ହୃଷିକେଶ ବରିହା, ଶଙ୍କର୍ଷଣ ଭୋଇ, ବିବାନ ସିଂ ବରିହା, ସୁରେନ୍ଦ୍ର ସିଂ ବରିହା, ମନୋହର ବରିହା, ବଳରାମ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

ବେତନଟୀ ଡାକ୍ତରଖାନା ପରିସରରେ ଶବ ବ୍ୟବଚ୍ଛେଦ

ବେତନଟୀ,୨୧।୩(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ବେତନଟୀ ଡାକ୍ତରଖାନା ପରିସରରେ ଏକ ଶବବ୍ୟବଚ୍ଛେଦ ଗୃହ ରେ ପ୍ରଥମ କରି ଶବ ବ୍ୟବଚ୍ଛେଦ କରାଯାଇଛି। ଏହି ଶବବ୍ୟବଚ୍ଛେଦ ଗୃହ ବେତନଟୀ ବାସୀଙ୍କ ର ଗୋଟିଏ ସ୍ୱପ୍ନ ହୋଇ ରହିଯାଇଥିଲା କିନ୍ତୁ ବଡ଼ସାହି ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ଅନୁଦାନ ଦେଇ ଗୃହ ନିର୍ମାଣ କରିବା ସହ ଉଦଘାଟନ ମଧ୍ୟ କରିଥିଲେ। ଏଣୁ ଆଉ ବେତନଟୀ, ବୈଶିଙ୍ଗା, ବଡ଼ସାହି ଅଧିନରେ ଥିବା ତିନି ଟି ଥାନା ଅଞ୍ଚଳ ର ଲୋକ ଗୋଟିଏ ଦିନ ଅପେକ୍ଷା କରିବା ପାଇଁ ପଡ଼ିବ ନାହିଁ। ଏଥିପାଇଁ ଶବ ବ୍ୟବଚ୍ଛେଦ ପାଇଁ ନିୟୋଜିତ କର୍ମଚାରୀ ମାନଙ୍କୁ ମଧ୍ୟ ଆବଶ୍ୟକ ତାଲିମ୍ ପ୍ରଦାନ କରାଯାଇଛି। ଆଜି ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡା ଗ୍ରାମର ସ୍ୱର୍ଗତ ପରେଶଚନ୍ଦ୍ର ସାହୁଙ୍କ ୨୩ବର୍ଷୀୟ ପୁଅ ଶୁଭମ ସାହୁ ଆଜି ସକାଳେ ଘର ଭିତରେ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ବେଳେ ବୈଶିଙ୍ଗା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ଶୁଭମଙ୍କ ମୃତଦେହ କୁ ବେତନଟୀ ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବଚ୍ଛେଦ କରାଯାଇଥିଲା। ବେତନଟୀ ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣରେ ପ୍ରତିଶ୍ରୁତିବଦ୍ଧ ଲୋକପ୍ରିୟ ବିଧାୟକ ସନାତନ ବିଜୁଲିଙ୍କ ପ୍ରଚେଷ୍ଟା ତଥା ସିଡିଏମଓ ଡ଼ ପ୍ରଭାତ କୁମାର ବେହେରା, ଏଡିଏମଓ ଡ଼. ବିଜୟ କୁମାର ଦାସଙ୍କ ତତ୍ପରତାରୁ ଶେଷରେ ବେତନଟୀରେ ଶବ ବ୍ୟବଚ୍ଛେଦ ଆରମ୍ଭ କରାଯାଇଛି। ଏହି ଅବସରରେ ବେତନଟୀ ଡାକ୍ତରଖାନା ଅଧିକାରୀ ଡ଼ ସିପୁନ କୁମାର ପଣ୍ଡା, ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ଜୀବନ ପରିଡା, ପୁରୁଣିଆର ଯୁବ ସଂଗଠକ ଶାନ୍ତନୁ ପଣ୍ଡା, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ଯୁବ ନେତା ସଞ୍ଜୀବ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ତାଲିମପ୍ରାପ୍ତ ଅମର କୁମାର ମୁଖୀ ମୃତଦେହର ବ୍ୟବଚ୍ଛେଦ କରିଥିଲେ। ଏହି ଶବବ୍ୟବଚ୍ଛେଦ ଗୃହ ଟି ବିଧାୟକ ଙ୍କ ପ୍ରଚେଷ୍ଟା ରେ ହୋଇଥିବାରୁ ବେତନଟୀ ଅଞ୍ଚଳ ବାସୀ ବିଧାୟକ ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଲଘୁ ଖଣିଜ ଦ୍ରବ୍ୟ ଉପରେ ପୁଲିସର ଚଢାଉ

● ନିର୍ମାଣ କାର୍ଯ୍ୟ ଠପ୍ ; ଚିନ୍ତାରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ

ବାଲିଆପାଳ,୨୧।୩(ସଂଚାର ବ୍ୟୁରୋ): ଲଘୁଖଣିଜ ଦ୍ରବ୍ୟ (ବାଲି, ମେଟାଲ, ମୋରମ) ବୋଝେଇ ଟ୍ରାକ୍ଟରକୁ ପୁଲିସ ଚଢଉ କରି ଜବତ କରି ସଙ୍ଗେ ସଙ୍ଗେ କୋର୍ଟ ଚାଲାଣ କରୁଥିବାରୁ ରାସ୍ତା ଘାଟରେ ଆଉ ଟ୍ରାକ୍ଟର ଦେଖୁବାକୁ ମିଳୁନାହିଁ।। ପୂର୍ବରୁ ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ କାଁ ଭାଁ ଚଢ଼ଉ ହେଉଥିଲା ସେତେବେଳେ ତତ୍କାଳ ଜୋରିମାନା ଆଦାୟ କରାଯାଉଥିବାରୁ ଟ୍ରାକ୍ଟରକୁ ଛାଡି ଦିଆଯାଉଥିଲା। କିନ୍ତୁ ଏବେ ପୁଲିସ ଚଢ଼ଉ କରୁଥିବାରୁ ଟ୍ରାକ୍ଟର ଗୁଡିକ ଥାନା, ଫାଣ୍ଡିରେ ଭର୍ତି ହୋଇ ରହିଛି। ତେବେ ଏହି ଚଢ଼ଉ ହେତୁ ଅନ୍ୟ ଟ୍ରାକ୍ଟର ମାଲିକ ମାନେ ଆଉ ଟ୍ରାକ୍ଟର ବାହାର କରୁନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାମ ଗୁଡିକ ଠପ ହୋଇଥିବା ଅଭିଯୋଗ ହେଉଛି। ଅନେକ ଲୋକ ଘର ତିଆରି କରୁଥିବାରୁ ବାଲି, ମେଟାଲ ନ ପାଇ ହତୋତ୍ସାହ ତୋତ୍ସାହ ହୋଇପଡ଼ିଛନ୍ତି। ଠିକା କାମ ଗୁଡିକରେ ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଘର ତିଆରି କରୁଥିବା ଲୋକେ ଅଭିଯୋଗ କରୁଛନ୍ତି ଆଗକୁ ଗ୍ରୀଷ୍ମପ୍ରବାହ ଅଧିକ ହେବାକୁ ଥିବାରୁ ତା ପୂର୍ବରୁ ଘରକାମ ସାରିବା ପାଇଁ ସେମାନେ ଚେଷ୍ଟା କରୁଥିବାବେଳେ ବିଶେଷକରି କରି ବାଲି ମିଳୁନଥିବାରୁ ନିର୍ମାଣ କାମ ବଢ଼ିପାରୁନାହିଁ। ଖରାଦିନେ ପାଣି ର ଅଭାବ ଦେଖାଦେଇଥାଏ ତେଣୁ ସେତେବେଳେ ଘର ତିଆରି କରିବା ମୁସ୍କିଲ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟସରକାର ଜନସାଧାରଣଙ୍କ ଅସୁବିଧା କୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ବିଶ୍ୱ କବିତା ଦିବସ ପାଳନ

ବ୍ରହ୍ମପୁର,୨୧।୩(ସଂଚାର ବ୍ୟୁରୋ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ତଥା ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭାଗମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁ ବିଶ୍ୱ କବିତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ

SANCHAR
ସଂଚାର
ଶନିବାର ୨୨ ମାର୍ଚ୍ଚ ୨୦୨୫

ପରିବେଶ

ଗ୍ରୀଷ୍ମ ଲହରି ବଢ଼ାଇଛି ୪୧% ବିଜୁଳି ଚାହିଦା

୦୨୩ ଗ୍ରୀଷ୍ମକାଳରେ ଭାରତର କିଛି ଅଞ୍ଚଳରେ ଯେତେବେଳେ ତାପମାତ୍ରା ୫୦ ଡିଗ୍ରି ସେଲସିଅସ ଛୁଇଁଥିଲା, ସେତେବେଳେ ଦେଶର ବିଜୁଳି ବ୍ୟବହାରରେ ଆଶ୍ଚର୍ଯ୍ୟଜନକ ଭାବେ ୪୧ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଅର୍ଥାତ୍ ବାୟୁମଣ୍ଡଳକୁ ଅଧିକ ଦୂଷିତ ବାଷ୍ପ ନିର୍ଗମନ। ସୁତରାଂ ଏଭଳି ମାତ୍ରାଧିକ ତାପମାତ୍ରା ବୃଦ୍ଧି ପରିବେଶର ଏକ ବଡ଼ ଶତ୍ରୁ ବୋଲି 'କ୍ଲାଇମେଟ୍ ଟ୍ରେଣ୍ଡ୍' ରିପୋର୍ଟରେ ପ୍ରକାଶ ପାଇଛି। ଦେଶର ଶକ୍ତି ବ୍ୟବହାରକୁ ବିଶ୍ଳେଷଣ କରି ଉତ୍ତାପ ଓ ସର୍ବାଧିକ ବିଦ୍ୟୁତ୍ ଚାହିଦା ମଧ୍ୟରେ ସିଧାସଳଖ ସମ୍ପର୍କ ରହିଥିବା କଥା 'କ୍ଲାଇମେଟ୍ ଟ୍ରେଣ୍ଡ୍' ଜାଣିବାକୁ ପାଇଛି। ୧୯୦୧ ମସିହା ପରଠାରୁ ଚଳିତବର୍ଷ ଫେବ୍ରୁଆରି ମାସ ସବୁଠୁ ଅଧିକ ତାପମାତ୍ରା ରେକର୍ଡ କରିଥିବା ବେଳେ ଏହି ଧାରା ଜାରି ରହିବ। ଆବାସିକ ଓ ଶିଳ୍ପ ଉଦ୍ଦେଶ୍ୟରେ ଶୀତଳୀକରଣ ଉପକରଣର ବ୍ୟବହାର ବୃଦ୍ଧି ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦାର ମୁଖ୍ୟ ବାହକ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ରେ ଦେଶରେ ହାରାହାରି ସର୍ବାଧିକ ଗ୍ରୀଷ୍ମ ତାପମାତ୍ରା ୪୪ ଡିଗ୍ରି ସେଲ୍‌ସିଅସରେ ପହଞ୍ଚିଥିବା ବେଳେ କେତେକ ସ୍ଥାନରେ ତାହା ୫୦ ଡିଗ୍ରି ସେଲସିଅସ ମଧ୍ୟ ଟପିଯାଇଥିଲା। ଏଥି ସହିତ ୪୦ ଡିଗ୍ରିରୁ ଅଧିକ ତାପମାତ୍ରା ଥିବା ୫୦ଟି ଏବଂ ୩୭ ଡିଗ୍ରିରୁ ଅଧିକ ଥିବା ୭୩ଟି ଗ୍ରୀଷ୍ମ ଲହରି ରେକର୍ଡ କରାଯାଇଥିଲା। ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ଦିଲ୍ଲୀ-ଏନ୍‌ସିଆର୍‌ରେ ସର୍ବାଧିକ ଗ୍ରୀଷ୍ମଲହରି ଦେଖିବାକୁ ମିଳିଥିଲା। ସେହି ବର୍ଷ ବିଦ୍ୟୁତ୍ ଚାହିଦାର ସିଂହଭାଗ ଜୀବାଶ୍ମ ଇନ୍ଧନ ଦ୍ୱାରା ପୂରଣ ହୋଇଥିଲା। କେବଳ ଜନସଂଖ୍ୟା ବୃଦ୍ଧି ନୁହେଁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଁ ଆଗାମୀ ବର୍ଷମାନଙ୍କରେ ଭାରତରେ ସମ୍ଭାବ୍ୟ ବିଜୁଳି ଚାହିଦା କିପରି ବଢ଼ିବ, ତାହା ମଧ୍ୟ ଏହି ରିପୋର୍ଟରେ ଉଲ୍ଲେଖ କରାଯିବା ସହ ଏଥି ପ୍ରତି ସତର୍କ ରହିବାକୁ ପରାମର୍ଶ କରାଯାଇଛି। ହଠାତ୍ ବିଜୁଳି ଚାହିଦା ବୃଦ୍ଧିକୁ ଆର୍ଥିକ ବିକାଶର ସଂକେତ ଭାବେ ବୁଝି ଆମେ ଭୁଲ୍ କରୁଛନ୍ତି। କାରଣ ତାପମାତ୍ରା ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ଚାହିଦାରେ ଅତିରିକ୍ତ ବୃଦ୍ଧି ଘଟୁଛି। ଆମେ ଯେତେ ଜୀବାଶ୍ମ ଉପରେ ନିର୍ଭରଶୀଳତା ବଢ଼ାଇବା, ସେତେ ଅଧିକ ତାତି ବଢ଼ିବ। କାରଣ ତାହାଦ୍ୱାରା ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ଜଳବାୟୁ ପରିବର୍ତ୍ତନକୁ ଆହୁରି ଉତ୍‌ପ୍ରେରିତ କରିବ।

ତାପ ସଂକଟର ମୁକାବିଲା କରିବ ଶୀତଳ ଛାତ

ଚଳିତ ବର୍ଷ ଜାନୁଆରି ଓ ଫେବ୍ରୁଆରି ମାସକୁ ସବୁଠୁ ଉଷ୍ମ ମାସ ଭାବେ ଘୋଷଣା କରାଯାଇଛି। ଚଳିତ ମାର୍ଚ୍ଚ ମାସ ମଧ୍ୟ ଅନୁରୂପ ଭାବେ ଉତ୍ତପ୍ତ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବରୁ ଚେତାବନୀ ଦେଇସାରିଛି। ଏହି ବର୍ଦ୍ଧିତ ଉଷ୍ମତାର ମୁକାବିଲା ପାଇଁ ଏକ ଅଭିନବ ଅଧ୍ୟୟନ ସ୍ୱରୂପ ଗୁଜରାଟରେ ଘର ଛାତଗୁଡ଼ିକୁ ଧଳା ରଙ୍ଗ କରାଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଘର ଭିତର ଉତ୍ତାପର ପ୍ରଭାବ ବିଶ୍ଳେଷଣ କରିବା ସହ ତାହାକୁ ମୁକାବିଲା କରିବାରେ 'ଶୀତଳ ଛାତ' କିପରି ସାହାଯ୍ୟ କରିପାରିବ ତାହା ଅନୁଶୀଳନ କରିବା ହେଉଛି ଏହି ଅଧ୍ୟୟନର ଉଦ୍ଦେଶ୍ୟ।

ଅହମଦାବାଦର ପାଖାପାଖି ୪୦୦ଟି ଘରର ଛାତକୁ ଏପରି ଧଳା ରଙ୍ଗ କରାଯାଇଛି। ଧଳା ରଙ୍ଗରେ ସାଧାରଣତଃ ଟାଇଟାନିଅମ୍ ଅକ୍ସାଇଡ୍ ନାମକ ରାସାୟନିକ ରହିଥାଏ, ଯାହା ସୂର୍ଯ୍ୟ କିରଣକୁ ପ୍ରତିଫଳିତ କରିଥାଏ। ଏହି ପ୍ରକଳ୍ପର ନେତୃତ୍ୱ ନେଉଥିବା ଜର୍ମାନୀର ହାଇଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟର ରୋଗ ବିଜ୍ଞାନୀ ଆଦିତି ବଙ୍କରଙ୍କ କହିବାନୁଯାୟୀ, "ପାରମ୍ପରିକ ଭାବରେ ଘର ହେଉଛି ଏପରି ଏକ ସ୍ଥାନ ଯେଉଁଠି ଲୋକେ ଆଶ୍ରୟ ଓ ବିଶ୍ରାମ ନେବାକୁ ଆସିଥା'ନ୍ତି। ସମ୍ପ୍ରତି ଲୋକେ ବିପଦପୂର୍ଣ୍ଣ ଆବାସିକ ସ୍ଥିତିରେ ରହୁଛନ୍ତି; ଯେଉଁଠି ସେମାନଙ୍କୁ ସୁରକ୍ଷା ମିଳିବା କଥା, ତାହା ଏବେ ସେମାନଙ୍କ ଉପରେ ଉତ୍ତାପର ବିପଦ ବଢ଼ାଇଚାଲିଛି।" ଜଳବାୟୁ ପରିବର୍ତ୍ତନ ଭାରତରେ ଗ୍ରୀଷ୍ମକୁ ଅଧିକ ଉତ୍ତେଜିତ କରି ଚାଲିଥିବା ବେଳେ ବିଗତ ବର୍ଷମାନଙ୍କରେ ଅହମଦାବାଦ ୪୬ ଡିଗ୍ରି ସେଲସିଅସ୍‌ରୁ ଅଧିକ ତାପମାତ୍ରା ଭୋଗ କରିଛି। ସହରର ନାରୋଲ ଅଞ୍ଚଳ ଅନ୍ତର୍ଗତ 'ବନ୍‌ଜାରା ବାସ' ବସ୍ତିରେ ଏହି ପରୀକ୍ଷଣ ଆରମ୍ଭ ହେବା ପରେ ବାସିନ୍ଦାମାନେ ସକାରାତ୍ମକ ପରିବର୍ତ୍ତନ ଅନୁଭବ କରୁଛନ୍ତି। ଜାନୁଆରିରେ ଛାତ ରଙ୍ଗ କରାଯାଇଥିବା ଜଣେ ବାସିନ୍ଦା କହନ୍ତି, "ମୋର ରେଫ୍ରିଜରେଟର୍ ଆଉ ଗରମ ହେଉ ନାହିଁ ଏବଂ ଘରଟି ଥଣ୍ଡା ଲାଗୁଛି। ଭଲ ନିଦ ବି ହେଉଛି, ଏଣେ ବିଜୁଳି ବିଲ୍ କମିଯାଇଛି।" 'ଏନ୍‌ଭାରନ୍‌ମେଣ୍ଟାଲ ରିସର୍ଚ୍ଚ ଲେଟର୍ସ' ପତ୍ରିକାରେ ପ୍ରକାଶିତ ୨୦୨୨ ମସିହାର ଏକ ଅଧ୍ୟୟନର ନିର୍ଯାସ ଅନୁଯାୟୀ, ଗୋଟିଏ ବର୍ଷରେ ଗ୍ରୀଷ୍ମ ଲହରି ସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି। ଏହି ନିମ୍ନ ସାମାଜିକ-ଆର୍ଥିକ ଶ୍ରେଣୀର ଘରଗୁଡ଼ିକ ମଧ୍ୟରୁ ଅଧିକାଂଶରେ ତଳକୁ ଖସୁଥିବା ଉତ୍ତାପର ସ୍ଥାନାନ୍ତରକୁ ରୋକିବା ପାଇଁ ଛାତର କୌଣସି ପ୍ରତିବନ୍ଧକ ନାହିଁ।

ଏହି ଧାରା ଗୋଟିଏ ବର୍ଷ ପାଇଁ ଚାଲିବ ଏବଂ ଗବେଷକମାନେ 'ଶୀତଳ ଛାତ' ତଳେ ରହୁଥିବା ବାସିନ୍ଦାଙ୍କ ଠାରୁ ଏବଂ ଯେଉଁମାନେ ସାଧାରଣ ଛାତ ତଳେ ରହୁଛନ୍ତି ସେମାନଙ୍କଠାରୁ ମଧ୍ୟ ସ୍ୱାସ୍ଥ୍ୟ ଓ ଘର ଭିତର ପରିବେଶଗତ ତଥ୍ୟ ସଂଗ୍ରହ କରିବେ। ଏପରି ପରୀକ୍ଷଣ ବୁର୍କିନା ଫାସୋ, ମେକ୍ସିକୋ ଓ ଦକ୍ଷିଣ ପ୍ରଶାନ୍ତମହାସାଗରର ନିୟୁ ଦ୍ୱୀପ ଆଦି ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଜାରି ରହିଛି। ବୁର୍କିନା ଫାସୋ ପରୀକ୍ଷଣର ପ୍ରାରମ୍ଭିକ ଫଳାଫଳରୁ ଏହା ସ୍ପଷ୍ଟ ହୋଇଛି ଯେ, ଦୁଇ ବର୍ଷ ଭିତରେ ଟିଣ-ମାଟି ପ୍ରସ୍ତୁତ ଛାତକୁ ଧଳା ରଙ୍ଗ କରିବା ଦ୍ୱାରା ଘର ଭିତର ତାପମାତ୍ରା ୧.୨ ଡିଗ୍ରି ସେଲସିଅସ ଏବଂ ଟିଣ ଛାତ ଘରର ତାପମାତ୍ରା ୧.୭ ଡିଗ୍ରି ସେଲସିଅସ ହ୍ରାସ ହୋଇଛି, ଯାହା ବାସିନ୍ଦାମାନଙ୍କ ବର୍ଦ୍ଧିତ ହୃତ୍‌ସ୍ପନ୍ଦନକୁ କମାଇଦେଇଛି।

ସର୍ପବନ୍ଧୁ ପ୍ରହ୍ଲାଦ

ପିଲାଦିନୁ ସେ କେଳାମାନଙ୍କୁ ସାପ ଖେଳାଇବାର ଓ ଧରିବାର ଦେଖିଛନ୍ତି। ଘରେ ସାପ ପଶିଲେ, ଅନେକ ଲୋକ ଈଶ୍ୱର ବିଶ୍ୱାସ ଯୋଗୁଁ ସାପଙ୍କୁ ନ ମାରି ଛାଡ଼ିଦେବାର ଓ ଅନ୍ୟ କିଛି ଲୋକ ଭୟରେ ସାପଙ୍କୁ ମାରି ଦେବାର ବି ଦେଖିଛନ୍ତି। ସେବେଠାରୁ ସାପଙ୍କୁ ନେଇ ତାଙ୍କର ଅହେତୁକ ଦୁର୍ବଳତା। ପେସାରେ ଜଣେ ଖବରକାଗଜ ବିତରକ ହୋଇଥିବା ବେଳେ ସାପଙ୍କୁ ଧରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିବା ପାଲଟିଯାଇଛି ତାଙ୍କ ନିଶା। ଆଉ ସାପକାମୁଡ଼ା ପୀଡ଼ିତଙ୍କୁ ଯଥା ସମୟରେ ହସ୍‌ପିଟାଲ୍‌ରେ ପହଞ୍ଚାଇବାକୁ ବି ସେ କେବେ ଭୁଲନ୍ତି ନାହିଁ। ସାପଙ୍କୁ ପ୍ରକୃତିର ବନ୍ଧୁ ବିଚାର କରୁଥିବା ପ୍ରହ୍ଲାଦ ଏବେ ପାଲଟି ଯାଇଛନ୍ତି 'ସର୍ପବନ୍ଧୁ'। ପୁରୀର ଉଦୟପୁର ଗ୍ରାମରେ ରହୁଥିବା ପ୍ରହ୍ଲାଦ ମାତ୍ର ୧୩ ବର୍ଷ ବୟସରୁ ସାପ ଧରିବା କୌଶଳ ଶିଖିଥିଲେ। ସେ କହନ୍ତି, "ହାତୀ, ବାଘ ଭଳି ସାପ ମଧ୍ୟ ପରିବେଶ ଓ ଜୈବ ବିବିଧତା ପାଇଁ ଜରୁରି। ଜଙ୍ଗଲ କାଟି ଜନବସତି ମାଡ଼ିଚାଲିଥିବା ବେଳେ ସେମାନେ ରହିବାକୁ ସ୍ଥାନ ନ ପାଇ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ସେମାନଙ୍କୁ କ୍ଷତିକାରକ ଭାବି ମାରି ଦେଲେ ତ' ଚଳିବ ନାହିଁ, ଏଣୁ ମୁଁ ଆଖପାଖ ଅଞ୍ଚଳରୁ ସାପ ଧରି ସେମାନଙ୍କୁ ଜନବସତିରୁ ଦୂରରେ ସୁରକ୍ଷିତ ଭାବେ ଘଞ୍ଚ ଜଙ୍ଗଲରେ ଛାଡ଼ିଦେଉଛି।" ବର୍ତ୍ତମାନ ସୁଦ୍ଧା ସେ ୨ ହଜାରରୁ ଅଧିକ ତଖ, ନାଗ, ଢମଣା ଭଳି ସାପ ଧରି ଜଙ୍ଗଲରେ ଛାଡ଼ିଲେଣି। ଏଥିସହ ଗ୍ରାମାଞ୍ଚଳର ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍‌ସନ୍ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇବାକୁ ସେ ବିଭିନ୍ନ ସମୟରେ ସକ୍ରିୟତା ପ୍ରଦର୍ଶନ କରିଛନ୍ତି। ଶ୍ରୀ ପ୍ରଧାନ କହନ୍ତି, "ସାପମାନେ ଘରେ ପଶିବା ନିହାତି ଭାବେ ଆତଙ୍କର ବିଷୟ। ଏଣୁ ଏମାନଙ୍କଠାରୁ ନିରାପଦ ଦୂରତାରେ ରହି ସାପଧରାଳିଙ୍କୁ ଡକାଇ ସାପଙ୍କୁ ବାହାର କରିଦେଲେ ଉଭୟ ମଣିଷ ଓ ସାପ ସୁରକ୍ଷିତ ରହିପାରିବେ। ସେମିତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ସାପ ବଂଶ ଲୋପ ପାଇବାରେ ଲାଗିଛି। ଆଉ ଯଦି ଆମେ ସାପଙ୍କୁ ଘରେ ପଶିଲେ ମାରିବା ଆରମ୍ଭ କରିବା ତେବେ ସାପ ବଂଶ ଲୋପ ପାଇବାକୁ ଅଟକାଇ ହେବ ନାହିଁ।" ଏଥିସହ ସାପ କାମୁଡ଼ିବା କ୍ଷଣି କୌଣସି ପ୍ରକାର ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ତୁରନ୍ତ ହସ୍‌ପିଟାଲ୍‌ରେ ଭର୍ତ୍ତି ହେବାକୁ ସେ ପରାମର୍ଶ ଦେଇଛନ୍ତି।

ପରିବେଶ ଯୋଦ୍ଧା

ପ୍ରତିକୂଳ ପାଗ ବଢ଼ାଉଛି କଫି ଦର

ଗତ ୨୦୨୪ ମସିହାରେ ହାରାହାରି କଫି ଦର ପୂର୍ବ ବର୍ଷ ତୁଳନାରେ ୩୮.୮% ବୃଦ୍ଧି ପାଇଥିଲା ବୋଲି ଫୁଡ୍ ଆଣ୍ଡ୍ ଏଗ୍ରିକଲ୍‌ଚର୍ ଆସୋସିଏସନ୍ (ଏଫ୍‌ଏଓ)ର ଏକ ରିପୋର୍ଟରୁ ପ୍ରକାଶ ପାଇଛି। ୨୦୨୪ ମସିହାରେ କଫି ଦର ବହୁ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଯଦି କଫି ଉତ୍ପାଦନ ଓ ଯୋଗାଣରେ ବାଧା ଉପୁଜେ, ତେବେ ୨୦୨୫ରେ କଫି ମୂଲ୍ୟ ନୂଆ ରେକର୍ଡ କରିବ ବୋଲି ଏଫ୍‌ଏଓ ଦର୍ଶାଇଛି। ଗତ ଡିସେମ୍ବରରେ କଫି ବଜାରରେ ସର୍ବାଧିକ ପସନ୍ଦଯୋଗ୍ୟ 'ଆରବିକା' ନାମକ କଫିର ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୫୮% ବୃଦ୍ଧି ପାଇଥିଲା। ସେହିପରି 'ରୋବଷ୍ଟା' କଫିର ମୂଲ୍ୟରେ ୭୦% ବୃଦ୍ଧି ଘଟିଥିଲା। ପ୍ରମୁଖ କଫି ଉତ୍ପାଦନକାରୀ ଅଞ୍ଚଳ ମଧ୍ୟରେ ଇଥିଓପିଆରେ କଫି ମଞ୍ଜି ଉତ୍ପାଦନ ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ସର୍ବାଧିକ ୧୭.୮% ବୃଦ୍ଧି ପାଇଥିଲା। ସେହିପରି ଇଣ୍ଡୋନେସିଆରେ ୧୫.୯%, ବ୍ରାଜିଲରେ ୧୩.୬%, କେନିଆରେ ୧୨.୩%, କଲମ୍ବିଆରେ ୧୧.୭% ଓ ଭିଏତ୍‌ନାମରେ ୫.୮% ଦର ବୃଦ୍ଧି ପାଇଥିଲା। ବ୍ରାଜିଲ ଓ ଭିଏତ୍‌ନାମ ମିଳିତ ଭାବରେ ବିଶ୍ୱର ପ୍ରାୟ ୫୦% କଫି ଉତ୍ପାଦନ କରୁଥିବା ବେଳେ ସାମ୍ପ୍ରତିକ ମୂଲ୍ୟ ବୃଦ୍ଧି ପଛରେ ଭିଏତ୍‌ନାମରୁ ସୀମିତ ପରିମାଣ ରପ୍ତାନି, ଇଣ୍ଡୋନେସିଆରେ ଉତ୍ପାଦନ ହ୍ରାସ ଏବଂ ବ୍ରାଜିଲରେ କଫି ଉତ୍ପାଦନକୁ ପ୍ରଭାବିତ କରୁଥିବା ପ୍ରତିକୂଳ ପାଗ ଆଦିର ମୁଖ୍ୟ ଭୂମିକା ରହିଛି। ଭିଏତ୍‌ନାମରେ ଦୀର୍ଘକାଳୀନ ଶୁଷ୍କ ପାଗ ଯୋଗୁଁ ୨୦୨୩-୨୪ରେ କଫି ଉତ୍ପାଦନ ୨୦% କମିଥିଲା। ସେହିପରି ୨୦୨୩ ଏପ୍ରିଲ-ମେ'ରେ ପ୍ରବଳ ବର୍ଷା ଯୋଗୁଁ ଇଣ୍ଡୋନେସିଆରେ ବାର୍ଷିକ କଫି ଉତ୍ପାଦନ ୧୬.୫% କମିଥିଲା। ବ୍ରାଜିଲରେ ମଧ୍ୟ ବାର୍ଷିକ ଉତ୍ପାଦନରେ ୫.୫% ବୃଦ୍ଧିର ସରକାରୀ ଆକଳନ କରାଯାଇଥିବା ବେଳେ ଶୁଷ୍କ ଓ ଗରମ ପାଗ ଯୋଗୁଁ ଉତ୍ପାଦନ ୧.୬% କମିଥିଲା।

ଚକୋଲେଟ୍ ପାଇଁ ବିପଦରେ ବୃହତ୍ତମ କୀଟ

ଚକୋଲେଟ୍ ପ୍ରତି ଆମର ଆକର୍ଷଣ ପୃଥିବୀର ବୃହତ୍ତମ ପୋକମାନଙ୍କ ପାଇଁ ଏକ ନିରବ ସଂକଟ ସୃଷ୍ଟି କରିଛି। ନିଜର ଉଲ୍ଲେଖନୀୟ ଆକାର ଓ ଇନ୍ଦ୍ରଧନୁମୟୀ କୋଷ ପାଇଁ ପରିଚିତ 'ଗୋଲିଆଥ୍ ବିଟଲ୍' ଏକଦା ଘନ ବର୍ଷା ଅରଣ୍ୟରେ ବଢ଼ି ସମୃଦ୍ଧ ହୋଇଥିବା ବେଳେ ସମ୍ପ୍ରତି ପଶ୍ଚିମ ଆଫ୍ରିକାର ବିସ୍ତୃତ କୋକୋ ବଗିଚାକୁ ଏହାର ବାସସ୍ଥାନ ସଂକୁଚିତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ଉପକୂଳସ୍ଥ ଆଇଭରି କୋଷ୍ଟ ଅନ୍ତର୍ଗତ କୋଟ୍ ଡି'ଆଇଭୋରରେ ବାସସ୍ଥାନ ନଷ୍ଟ ଯୋଗୁଁ ଏହି ପ୍ରଜାତିର ଗୋଲିଆଥସ୍ କାସିଅସ୍ ସଂଖ୍ୟାରେ ୮୦ ପ୍ରତିଶତ ହ୍ରାସ ଦେଖାଯାଇଛି। ସେହିପରି ଗୋଲିଆଥ୍ ରେଜିଅସ୍ ଜାତିର ବାସସ୍ଥାନରେ ମଧ୍ୟ ୪୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ୧୧୦ ମିଲିମିଟର ବା ୪.୩ ଇଞ୍ଚ ଯାଏ ବଢୁଥିବା ଏହି କୀଟର ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ମୋଟ ପାଞ୍ଚଟି ଜାତି ଥିବା ବେଳେ ଅଣ୍ଡିରା କୀଟମାନଙ୍କର ଏକ 'Y' ଆକୃତିର ଶିଙ୍ଗ ଥାଏ। ସେମାନଙ୍କର ଲାର୍ଭାଗୁଡ଼ିକ ଗଛର ବର୍ଜ୍ୟ ଗଣ୍ଡିମାନଙ୍କରେ ବଢ଼ିଥା'ନ୍ତି, ବେଳେ ବେଳେ ପଚାଶଢ଼ା ମାଂସ ଉପରେ ନିର୍ଭର କରିଥା'ନ୍ତି। ଏହା ଦ୍ୱାରା ସେମାନେ ବର୍ଜ୍ୟ ପଦାର୍ଥକୁ ବିଘଟନ କରି ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥା'ନ୍ତି, ଯାହା ଅନ୍ୟ ସଜୀବମାନଙ୍କ ପାଇଁ ସହାୟକ ହୋଇଥାଏ। ବିଶାଳ ଗୋଲିଆଥ୍ ବିଟଲ୍ ପରିବେଶ ପାଇଁ ଶୁଭଙ୍କର ହୋଇଥିବା ବେଳେ ସେମାନଙ୍କ ସଂଖ୍ୟାରେ ହ୍ରାସ ପର୍ଯ୍ୟାବରଣ ପ୍ରଣାଳୀରେ ସଂକଟ ଆଣୁଥିବା ପରିବେଶବିଜ୍ଞାନୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଶ୍ଚିମ ଆଫ୍ରିକା ଦୀର୍ଘ ଦିନ ଧରି ବିଶ୍ୱ କୋକୋ ଶିଳ୍ପର କେନ୍ଦ୍ରସ୍ଥଳ ହୋଇ ରହି ଆସିଛି, ଯାହା ବିଶ୍ୱର ୭୦ ପ୍ରତିଶତରୁ ଅଧିକ ଚକୋଲେଟ୍ ଯୋଗାଣ କରିଥାଏ। କୋକୋର ବର୍ଦ୍ଧିତ ଚାଷ ଯୋଗୁଁ ବିସ୍ତୃତ ଜଙ୍ଗଲ ସଫା ହେବା ଦ୍ୱାରା ଗୋଲିଆଥ୍ ବିଟଲ୍‌ଙ୍କର ପ୍ରାକୃତିକ ବାସସ୍ଥାନ ନଷ୍ଟ ହେବା ସହ ସେମାନେ ଖାଦ୍ୟ, ପ୍ରଜନନ ଓ ବଞ୍ଚିବା ପ୍ରକ୍ରିୟା ସଂକଟାପନ୍ନ ହୋଇପଡ଼ିଛି। ଏପରି କୋକୋ ଚାଷ ବୃଦ୍ଧି ସଂପୃକ୍ତ କୀଟଗୁଡ଼ିକୁ ବିଲୁପ୍ତ ହେବାକୁ ବାଧ କରିଛି। ଏଥି ସହିତ ବିରଳ କୀଟପତଙ୍ଗ ସଂଗ୍ରହ ପ୍ରତି ମନୁଷ୍ୟର ଆକର୍ଷଣ ମଧ୍ୟ ସେମାନଙ୍କର ସଂଖ୍ୟା ହ୍ରାସ କରୁଛି। ଏହି ସୁନ୍ଦର ପୋକଟିର ବିରଳତା ତଥା ଆକର୍ଷଣୀୟ ସୌନ୍ଦର୍ଯ୍ୟ ଦ୍ୱାରା ଆକର୍ଷିତ ହୋଇ ସଂଗ୍ରାହକମାନେ ଆନ୍ତର୍ଜାତିକ ବଜାରରେ ବିକ୍ରି ପାଇଁ ତାହାକୁ ଧରିଥା'ନ୍ତି। ଏ ପରିପ୍ରେକ୍ଷୀରେ ଉକ୍ତ ଗୁରୁତ୍ୱପୂର୍ଣ୍ଣ କୀଟର ସଂରକ୍ଷଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ପ୍ରାୟ ସବୁ ଦେଶର ବାୟୁ ଗୁଣବତ୍ତା ନିକୃଷ୍ଟ

ଗତବର୍ଷ ବିଶ୍ୱର କେବଳ ସାତଟି ଦେଶରେ ହିଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବଲ୍ୟୁଏଚ୍‌ଓ) ଦ୍ୱାରା ନିର୍ଦ୍ଧାରିତ ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ ହୋଇଥିଲା। ଏଥି ସହିତ ଧୂଆଁ-କୁହୁଡ଼ି ମିଶ୍ରଣ (ସ୍ମଗ୍) ବିରୋଧୀ ଲଢ଼େଇରେ ଆମେରିକା ତାହାର ବିଶ୍ୱବ୍ୟାପୀ ତଦାରଖ ପ୍ରୟାସ ବନ୍ଦ କରିବା ପରେ ତାହା ଆହୁରି କଷ୍ଟକର ହେବ ବୋଲି ଗବେଷକମାନେ ଚେତାବନୀ ଦେଇଛନ୍ତି। ୨୦୨୪ ମସିହାରେ ଚାଦ୍ ଓ ବାଂଲାଦେଶ ସବୁଠୁ ପ୍ରଦୂଷିତ ଦେଶ ଥିଲେ। ସେଠାରେ ହାରାହାରି ସ୍ମଗ୍ ସ୍ତର ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଧାରିତ ପରିମାଣଠାରୁ ୧୫ ଗୁଣ ଅଧିକ ରହିଥିଲା ବୋଲି ସ୍ୱିଜରଲାଣ୍ଡର ବାୟୁ ଗୁଣବତ୍ତା ତଦାରଖ ସଂସ୍ଥା 'ଆଇକ୍ୟୁଏୟାର' ଦ୍ୱାରା ସଂକଳିତ ତଥ୍ୟରୁ ଜଣାଯାଇଛି। କେବଳ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ବାହାମାସ, ବାର୍ବାଡୋସ, ଗ୍ରେନେଡା, ଇଷ୍ଟୋନିଆ ଓ ଆଇସ୍‌ଲାଣ୍ଡରେ ସ୍ମଗ୍ ସ୍ତର ଡବ୍ଲ୍ୟୁଏଚ୍‌ଓ ମାନ ଅନୁଯାୟୀ ଠିକ୍ ରହିଥିଲା। ଚାଦ୍‌ରେ ଗତବର୍ଷ ପିଏମ୍୨.୫ କଣିକାର ହାରାହାରି ସାନ୍ଦ୍ରତା ଘନମିଟର ପିଛା ୯୧.୮ ମାଇକ୍ରୋଗ୍ରାମ ଛୁଇଁଥିଲା। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଘନମିଟର ପିଛା ୫ ମାଇକ୍ରୋଗ୍ରାମରୁ କମ୍ ପିଏମ୍୨.୫ କଣିକା ସୁପାରିସ କରାଯାଇଥିବା ବେଳେ ଗତବର୍ଷ କେବଳ ୧୭% ସହର ତାହା ହାସଲ କରିଥିଲେ। ସ୍ମଗ୍ ସ୍ତର ସୂଚକାଙ୍କରେ ଚାଦ୍, ବାଂଲାଦେଶ, ପାକିସ୍ତାନ ଓ କଙ୍ଗୋ ପଛକୁ ପଞ୍ଚମ ସ୍ଥାନରେ ରହିଥିବା ଭାରତରେ ଗତବର୍ଷ ହାରାହାରି କଣିକା ସ୍ତର ୭% ହ୍ରାସ ପାଇ ଘନମିଟର ପିଛା ୫୦.୬ ମାଇକ୍ରୋଗ୍ରାମ୍ ରହିଥିଲା। ମାତ୍ର ଦେଶର ୧୨ଟି ସହର ବିଶ୍ୱର ଶୀର୍ଷ ୨୦ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇଛନ୍ତି। ମେଘାଳୟର ବାଇର୍ନିହାଟ ସହର ପ୍ରଥମ ସ୍ଥାନ ନେଇଛି, ଯାହାର କଣିକା ସ୍ତର ଘନମିଟର ପିଛା ୧୨୮ ମାଇକ୍ରୋଗ୍ରାମ। ଦକ୍ଷିଣ-ପୂର୍ବ ଏସିଆ ଓ ଦକ୍ଷିଣ ଆମେରିକାର କିଛି ଅଂଶରେ ପ୍ରବଳ ତଥା ଦୀର୍ଘକା

ହୋଟେଲ ଓ ହୁକା ବାର୍ ଉପରେ ଚଢ଼ାଉ

- ୪୭ଟି ହୁକା ଷ୍ଟାଣ୍ଡ୍ ସହ ବହୁ ପରିମାଣର ନିକୋଟିନ୍ ମିଶ୍ରିତ ହୁକା ଜବତ
- ୭ ହୋଟେଲ ମାଲିକଙ୍କୁ ନୋଟିସ୍ କଲା ପୁଲିସ

ବ୍ରହ୍ମପୁର,୨୧।୩(ସଂଚାର ବ୍ୟୁରୋ): ଦୀର୍ଘ ଦିନ ପରେ ଆକ୍ସନ ମୁଡ୍ କୁ ଆସିଛି ବହ୍ମପୁର ପୋଲିସ। ରେଶମ ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ହୁକା ବାର୍ ଉପରେ ପୋଲିସ୍ ଟିମ୍ ଚଢ଼ାଉ କରି ହୁକା ସାମଗ୍ରୀ ଜବତ କରିଛି। ବ୍ରହ୍ମପୁର ସହରରେ ଖୁଲମ ଖୁଲା ଚାଲିଥିବା ଅନେକ ହୁକା ବାର୍ ଉପରେ ଶୁକ୍ରବାର ବ୍ରହ୍ମପୁର ଏସପିଙ୍କ ନେତୃତ୍ୱରେ ବିଭିନ୍ନ ଥାନା ଅଧିକାରୀଙ୍କୁ ନେଇ ଗଠିତ ୫ ଟିମ୍ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ୪୭ଟି ହୁକା ଷ୍ଟାଣ୍ଡ୍ ସହ ବହୁ ପରିମାଣର ନିକୋଟିନ୍ ମିଶ୍ରିତ ହୁକା ସରଞ୍ଜାମ ଜବତ ହୋଇଛି। ଏହା ସହ ହୁକା ବାର ଚଲାଉଥିବା ମାଲିକଙ୍କ ବିରୋଧରେ ୭ଟି ମାମଲା ରୁଜୁ ହୋଇଛି। ସୂଚନାଥାଉକି, ବିଭିନ୍ନ ସମୟରେ ହୁକା ବାରକୁ ଯାଇ ନାବାଳକ ମାନେ ହୁକା ସେବନ କରୁଥିବାର ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗକୁ ଆଧାର କରି ପୋଲିସ ଏହି ଚଢ଼ାଉ କରୁଥିବା ଜଣାପଡ଼ିଛି। ସେପଟେ ଚଢ଼ାଉକୁ ନେଇ ବ୍ରହ୍ମପୁର ଏସ୍ପି ଶରବଣୀ ବିବେକ. ଏମ କହିଛନ୍ତି, ଏହି ଘଟଣାରେ ଅଧିକ ତଦନ୍ତ ଚାଲିଛି।ସମ୍ପୃକ୍ତ ହୋଟେଲ ତଥା ବାର୍ ମାଲିକ ନିଶା ଦ୍ରବ୍ୟ ବିକ୍ରି କରିବାର କୌଣସି ଅନୁମତି ଦର୍ଶାଇ ପାରିନାହାନ୍ତି।ନାବାଳକମାନେ ଏଭଳି ନିଶା ଦ୍ରବ୍ୟ ସେବନ କରୁଥିଲେ। ଏହାର ମୂଲ୍ୟ ଭିନ୍ନ ଭିନ୍ନ ଥିବା ବେଳେ ଅଧା ଘଣ୍ଟାକୁ ୩୦୦ରୁ ୫୦୦ ଟଙ୍କା ରଖୁଥିଲେ ବୋଲି ବ୍ରହ୍ମପୁର ଏସପି କହିଛନ୍ତି।

ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଉପରେ ଭାରତୀୟ ନିର୍ବାଚନ କମିଶନଙ୍କ ଗୁରୁତ୍ୱାରୋପ

୩୦ ଏପ୍ରିଲ ସୁଦ୍ଧା ରାଜନୈତିକ ଦଳ ପଠାଇବେ ମତାମତ

ସୁବର୍ଣ୍ଣପୁର,୨୧।୩(ସଂଚାର ବ୍ୟୁରୋ): ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିଶନର (ସିଇଓ) ଭାବରେ ଜ୍ଞାନେଶ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମତଦାନ ପ୍ରକ୍ରିୟାକୁ ମୁକ୍ତ ଓ ଅବାଧ ତଥା ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ନିର୍ବାଚନ କମିଶନର ଡ.ସୁଖବୀର ସିଂହ ସାନ୍ଧୁ ଓ ଡ.ବିବେକ ଯୋଶୀ ପ୍ରମୁଖ ସହଯୋଗ କରିଛନ୍ତି। ନିର୍ବାଚନ କମିଶନ ସମସ୍ତ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛନ୍ତି। ମତଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ଏକ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ବ୍ୟବସ୍ଥା କରିଛନ୍ତି। ଏଥିରେ ରାଜନୈତିକ ଦଳ ଓ ପ୍ରମୁଖ ଅଂଶୀଦାର ତୃଣମୂଳସ୍ତରରେ ସାମିଲ ହେଉଥିବା ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସକାଶେ ପ୍ରାୟ ୧ କୋଟି ନିର୍ବାଚନ ଅଧିକାରୀଙ୍କ ନିରନ୍ତର କ୍ଷମତା ବୃଦ୍ଧି ପାଇଁ ଡିଜିଟାଲ୍ ତାଲିମ ବ୍ୟବସ୍ଥା କରାଯାଇଛି। ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀସ୍ତରରେ ପ୍ରାୟ ୫୦୦୦ଟି ସର୍ବଦଳୀୟ ବୈଠକ ମାଧ୍ୟମରେ ରାଜନୈତିକଦଳ ଅଂଶଗ୍ରହଣ କରିଥିଲେ। ବୈଠକରେ ଏ ପର୍ଯ୍ୟନ୍ତ କେବଳ ୮୯ଟି ପ୍ରଥମ ଅପିଲ୍ ଏବଂ କେବଳ ୧ଟି ଦ୍ୱିତୀୟ ଅପିଲ୍ ଦାଖଲ ହୋଇଛି। ୟୁଆଇଡିଏଆଇ ଏବଂ ଭାରତୀୟ ନିର୍ବାଚନ କମିଶନର ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁଯାଉଛି। କମିଶନ ଦେଶବ୍ୟାପୀ ଭୋଟର ତାଲିକାରେ ଡୁପ୍ଲିକେଟ ହଟାଇବେ। ୩ ମାସ ମଧ୍ୟରେ ଏକ ଦଶନ୍ଧି ଧରି ଚାଲିଥିବା ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଭୋଟର ତାଲିକା ନିୟମିତ ହେବ। ସମସ୍ତ ଯୋଗ୍ୟ ନାଗରିକଙ୍କ ଶତ ପ୍ରତିଶତ ପଞ୍ଜୀକରଣ ସୁନିଶ୍ଚିତ କରିବା, ସହଜ ମତଦାନ ଏବଂ ସୁଖଦ ମତଦାନ ଅଭିଜ୍ଞତା ସୁନିଶ୍ଚିତ କରିବା ହେଉଛି ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ଉଦ୍ଦେଶ୍ୟ। କୌଣସି ମତଦାନ କେନ୍ଦ୍ରରେ ୧୨୦୦ରୁ ଅଧିକ ମତଦାତା ରହିବେ ନାହିଁ। ମତଦାତାଙ୍କ ଠାରୁ ୨ କିଲୋମିଟର ଦୂର ମଧ୍ୟରେ ମତଦାନ କେନ୍ଦ୍ର ରହିବା ପାଇଁ ପଦକ୍ଷେପ ନିଆଯିବ। ଏପରିକି ଦୂରତମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ ବୋଲି କାର୍ଯ୍ୟାଳୟ ସୂଚନା ଦେଇଛି।ସହରାଞ୍ଚଳର ଭୋଟରଙ୍କୁ ନିର୍ବାଚନରେ ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ସକାଶେ ଆବଶ୍ୟକ ମତେ କଲୋନୀ ଅଥବା ବହୁତଳ ଅଟ୍ଟାଳିକା ପରିସରରେ ମତଦାନ କେନ୍ଦ୍ର କରା ଯାଇପାରିବ ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇ ଦିନିଆ ସମ୍ମିଳନୀ ମାର୍ଚ୍ଚ ୪ରେ ନୂଆଦିଲ୍ଲୀରେ ହୋଇଥିଲା। ଯେଉଁଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବୈଠକରେ ତୃଣମୂଳସ୍ତରରେ ରାଜନୈତିକ ଦଳ ଦ୍ୱାରା ଅଣାଯାଇଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରାଯିବ। ଏହି ପ୍ରକ୍ରିୟା ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଭାରତରେ ସମାପ୍ତ ହେବ। ଭାରତୀୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳଙ୍କଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଛନ୍ତି। ସେମାନେ ୩୦ ଏପ୍ରିଲ ୨୦୨୫ ସୁଦ୍ଧା ମତାମତ ପଠାଇ ପାରିବେ।

୧ କୋଟି ନିର୍ବାଚନ ଅଧୁକାରୀଙ୍କୁ ଡିଜିଟାଲ୍ ତାଲିମ

ମତଦାନ କେନ୍ଦ୍ରରେ ରହିବେନି ୧୨ଶହରୁ ଅଧିକ ଭୋଟର୍

ତରଭା ବ୍ଲକରେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ମହୋତ୍ସବ

ସୁବର୍ଣ୍ଣପୁର,୨୧।୩(ସଂଚାର ବ୍ୟୁରୋ): ଗତ କାଲି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ସୁବର୍ଣ୍ଣପୁର ପକ୍ଷରୁ ତରଭା ବ୍ଲକ୍ ର ବଘିଆ ଗ୍ରାମ ପଞ୍ଚାୟତ ର ସରଧା ପାଲି ଓ ଚାରଭଟା ପଞ୍ଚାୟତ ର କୁଲଥିଆ ପଦର ଗ୍ରାମ ରେ ଜଳ ବିଭାଜିକା ମହୋତ୍ସବ ୨୦୨୫ ପାଳନ କରଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦେବରାଜ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କଶ୍ୟ ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଶକୁନ୍ତଳା ପୃଷ୍ଟୀ, ବଲାଙ୍ଗିର ଲୋକ ସଭା ସାଂସଦ ପ୍ରତିନିଧି ନରେଶ ଷଷ୍ଣ୍ଡ, କମସରା ସରପଞ୍ଚ, ପ୍ରୟାସ ଅନୁଷ୍ଠାନ ର ସଂପାଦକ ତଥା ସ୍ୱେଚ୍ଛାସେବୀ ଭବାନୀ ପଣ୍ଡା ଯୋଗ ଦେଇଥିଲେ। ସାମ୍ବାଦିକ ମାନ ଭଞ୍ଜନ ମିଶ୍ର ପ୍ରଥମେ ସମସ୍ତ ଅତିଥି ଓ ଜଳ ବିଭାଜିକା ମୃତ୍ତିକା ସଂରକ୍ଷଣ ରେ ଭାଗ ନେଇଥିବା ଉପସ୍ଥିତ ଚାଷୀ ଙ୍କୁ ଶପଥ ପାଠ କରାଇଥିଲେ। ଜଳ ବିଭାଜିକା ଅଞ୍ଚଳ ରେ ଜନ ସାଧାରଣ ଙ୍କ ମାଧ୍ୟମ ରେ କିଭଳି ପ୍ରାକୃତିକ ସମ୍ପଦ ର ସଂରକ୍ଷଣ ହୋଇ ପାରିବ ସେ ବିଷୟ ରେ ବିସ୍ତାର ଭାବରେ ବୁଝାଇ ଥିଲେ। ସମସ୍ତ ଅତିଥି ଙ୍କ ଦ୍ୱାରା କ୍ଷେତ ପଖୋରୀ ଖନନ ପାଇଁ ଭୂମି ପୂଜନ, ନୂତନ ପ୍ରକଳ୍ପ ର ଲୋକାର୍ପଣ, ବୃକ୍ଷ ରୋପଣ କରାଯାଇଛି। ଭାରତ ସରକାର ଙ୍କ ସଚେତନତା ରଥ ରେ ସିନେମା ପ୍ରଦର୍ଶନ କରଯାଇଥିଲା। ଉଭୟ ଗ୍ରାମ ର ୧୮ ଜଣ ଜଳ ବିଭାଜିକା ମାର୍ଗ ଦର୍ଶକ ଙ୍କୁ ଓ ବିଭିନ୍ନ ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀ ଙ୍କୁ ଅତିଥି ଙ୍କ ଦ୍ୱାରା ସମୃଦ୍ଧିତ କରାଯାଇଛି। କାର୍ଯ୍ୟ କ୍ରମ ପରେ ଡୁଷୁରା ର ଘୁଡୁକା ନାଚ ଓ ତରଭା କଳାକାର ମାନଙ୍କ ଦ୍ୱାରା ଡାଲଖାଇ ନାଚ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଶେଷରେ ଏ ଇ ସି ପବିତ୍ର ମୋହନ ନେଗି ଧନ୍ୟବାଦ୍ ଅର୍ପଣ କରିଥିଲେ। ଦିଲ୍ଲୀପ କୁମାର ସାଆ, ବିନାୟକ ମିଶ୍ର, ସଞ୍ଜୀବ ପଣ୍ଡା, ଆଲବର୍ଟ ସୁରିଜ, ଓ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ମୌସୁମୀ ମହନ୍ତ କାର୍ଯ୍ୟ କ୍ରମ ଅୟୋଜନ ରେ ସହଯୋଗ କରିଥିଲେ। ଉଭୟ ଗ୍ରାମ ମହୋତ୍ସବ ରେ ହଜାର ହଜାର ଚାଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗ ଦେଇ ଜଳ ଓ ମୃତ୍ତିକା ସଂରକ୍ଷଣ ପାଇଁ ଶପଥ ପାଠ ରେ ଭାଗ ନେଇଥିଲେ ।

ବିଶ୍ୱ କବିତା ଦିବସରେ ବସନ୍ତ କବିତା ଆସର

ବେତନଟୀ,୨୧।୩(ସଂଚାର ବ୍ୟୁରୋ): ବେତନଟୀର ସର୍ବପୁରାତନ ମୟୁର ସାହିତ୍ୟ ସଂସଦ ଆନୁକୁଲ୍ୟରେ 'ବସନ୍ତ କବିତା ଆସର' ସ୍ଥାନୀୟ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି। ଏଥିରେ ସଭାପତିତ୍ୱ କରିଥିଲେ, ବର୍ଷିଆନ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଓ ସଂପାଦକ ଯତୀନ୍ଦ୍ରନାଥ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।ପ୍ରେମ ଓ ଫଲଗୁର ମିଳନସ୍ୱରରେ ବସନ୍ତକୁ ସ୍ୱାଗତ ଶୀର୍ଷକ କବିମାନଙ୍କ କଲମ ମୁନରେ କବିତାଞ୍ଜଳି ପରିପୁଷ୍ଟ ହୋଇଥିଲା। କବୟିତ୍ରୀ ସବିତା ମହାନ୍ତି, ସୌଦାମିନୀ ପଣ୍ଡା, ଡଃ ମନ୍ଦାକିନୀ ସାହୁ, କବି ଗୌତମଚନ୍ଦ୍ର ବେହେରା ବାସୁଦେବ ନାପିତ, ପ୍ରିୟ ନାଥ ପାଣି, ମୀନକେତନ ମହାନ୍ତି, ରତିକାନ୍ତ ବେହେରା, ସହଦେବ ଗିରି, ଦୁର୍ଯ୍ୟୋଧନସିଂ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ଆଗାମୀ ବାର୍ଷିକ ଉତ୍ସବ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର, ବିଜୟ କୁମାର ଦ୍ୱିବେଦୀ, ରବୀନ୍ଦ୍ରନାଥ ଖଟୁଆ, ପ୍ରଭାକର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ

ଜଗତସିଂହପୁର,୨୧।୩(ସଂଚାର ବ୍ୟୁର): ଜିଲ୍ଲା ପ୍ରସାଶନ ଓ ବୈଧମାପ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱଉପଭୋକ୍ତା ଅଧିକାର ଦିବସ ୨୦୨୫ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ରେ ଆଜି ପୂର୍ବାହ୍ନରେ ପାଳିତ ହୋଇ ଯାଇଅଛି। ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଉଟିସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ସମ୍ମାନନୀୟ ଅତିଥି ଭାବ ରେଜିଲ୍ଲାପାଳ ଜେ. ସୋନାଲ, ମୁଖ୍ୟବକ୍ତା ଭାବରେ ଜିଲ୍ଲାଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ପ୍ରଭାତ କୁମାର ପାଢ଼ୀ, ଅନ୍ୟ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରପାଳିକା ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଏବଂ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଗୌରାଙ୍ଗ ଚନ୍ଦ୍ର ଜେନା, ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେସନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଞ୍ଚିତ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ।

ଟାଟା ଷ୍ଟିଲ୍ ମେଲ୍ଟିଂ ସପରେ ଦୁର୍ଘଟଣା, ନଅ ଜଣ ଆହତ



କଳିଙ୍ଗନଗର,୨୧।୩(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଟାଟା କାରଖାନାର ଷ୍ଟିଲ ମେଲଟିଂ ସପ ରେ ଏକ ଭୟଙ୍କର ଦୁର୍ଘଟଣାରେ ୯ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଟାଟା ଷ୍ଟିଲ ମେଡିକା ହସ୍ପିଟାଲକୁ ନିଆଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଫେରିଥିବା ଜଣା ପଡ଼ିଛି। ଆହତ ମାନେ ହେଲେ ପାଟନାର ରାହୁଲ କୁମାର। ଜାମେସେଦପୁର ର ମନୋଜ କୁମାର। ରାଉରକେଲାର ଶ୍ରଦ୍ଧାଞ୍ଜଳି ଭୂୟାଁ। ଓ୍ୱେଷ୍ଟ ବେଙ୍ଗଲର ଜୟନ୍ତ ପାଲ। ଜାମେସେଦପୁର ର ପ୍ରଦୀପ କୁମାର ଓଝା। ଛତିଶଗଡ଼ର ରୋହିତ ଯାଦବ। ରାଞ୍ଚିର ଲୋକେଶ ରାୟ। ଓ୍ୱେଷ୍ଟ ବେଙ୍ଗଲର ସାଇମନ୍ତ ବାଗିଡି ବୋଲି ଜଣା ପଡ଼ିଛି। ଜଣେ ଅଳ୍ପ ଆହତ ବ୍ୟକ୍ତି ଚିକିତ୍ସା ପରେ ଘରକୁ ପଳାଇଛନ୍ତି। ଏମାନେ ସବୁ ଆଜି କାମ କରୁଥିବା ବେଳେ ଦିନ ୧୧ ଟା ବେଳେ ହଟାତ ଏକ ବିସ୍ଫୋରଣ ହୋଇଥିଲା। ସମସ୍ତେ ଏବେ ଟାଟା ମେଡିକାରେ ଚିକିତ୍ସିତ ହେଉଛନ୍ତି। କାରଖାନା ଭିତରେ ଏହି ସାଇଡରେ ଜଳିପୋଡି ବହୁତ ସାମଗ୍ରୀ। ବୈଦ୍ୟୁତିକ ଯନ୍ତ୍ରଂଶ ପୋଡି ଯାଇଛି।

ଚୋରା ଗୋ ମାଂସ ଧରିଲା ବଜରଙ୍ଗ ଦଳ

ଯାଜପୁର ରୋଡ଼, ୨୧।୩(ସଂଚାର ବ୍ୟୁରୋ): ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ବ୍ୟାସନଗର ସହରରୁ ଚୋରା ଗୋ ମାଂସ ନେଇ ଯାଉଥିବା ଦୁଇ ଯୁବକଙ୍କୁ କାବୁ କଲା ବଜରଙ୍ଗ ଦଳ। ଗୋ ମାଂସ ନେଇ ଯାଉଥିବା ବାଟରେ ସନ୍ତରା ଛକ ନିକଟସ୍ଥ ସୁଜୁକି ସୋ-ରୁମ ନିକଟରେ ଧରାପଡ଼ିଥିଲେ ଦୁଇ ଯୁବକ। ଘଟଣା ସ୍ଥଳରେ ଯାଜପୁର ରୋଡ଼ ପୋଲିସ୍ ପହଂଚି ଦୁଇ ଯୁବକଙ୍କୁ ଅଟକ ରଖିବା ସହ ବ୍ୟାସନଗର ସ୍ଥିତ ଅହମ୍ମଦ ନଗରରେ ଥିବା ଏକ ହୋଟେଲରୁ ଗୋ ମାଂସ ଚାଲାଣ ହେଉଥିବା ସୂଚନା ପାଇ ହୋଟେଲରେ ତାଲା ପକାଇଥିଲା ପୋଲିସ୍ ବୋଲି ଜଣାପଡ଼ିଛି।

ବ୍ଲକ୍‌ରେ ଫଳକ ରାଜନୀତି

- ଗୋଟିଏ ଦିନରେ ଦୁଇଥର ଉଦ୍‌ଘାଟନ
- ଏପଟେ ଚିକିତ୍ସା ନପାଇ ଫେରୁଛନ୍ତି ରୋଗୀ

ବାଲିଅନ୍ତା,୨୧।୩ (ସଂଚାର ବ୍ୟୁରୋ): ଜୟଦେବ ନିର୍ବାଚନମଣ୍ଡଳୀରେ ଶାସକଦଳ ଓ ବିରୋଧି ଦଳ ମଧ୍ୟରେ ଫଳକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ବାଲିଅନ୍ତା ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ଉଦଘାଟନ ବିରୋଧି ଦଳ କରିଥିବା ବେଳେ ଅପରାହ୍ନରେ ଭୁବନେଶ୍ୱରର ସାଂସଦ ଓ କର୍ମୀମାନେ ନେଇ ଉଦଘାଟନ କରିଥିଲେ। ଅଞ୍ଚଳରେ ରାଜନୈତିକ ବିବାଦ ବୃଦ୍ଧି ଯୋଗୁଁ ରୋଗୀମାନେ ଚିକିତ୍ସାଳୟରେ ସେବା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବାଲିଅନ୍ତା-ବେଣୁପୁର ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଅଧାପାକ୍ତରିଆ ଅବସ୍ଥାରେ ଉଦଘାଟନ ହୋଇଛି। ନୂତନ ଗୃହରେ ଏ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ, ପାନୀୟ ଜଳର ବ୍ୟବସ୍ଥା ଓ ରୋଗୀମାନଙ୍କ ଲାଗି ଠିକ ଭାବେ ଭିତ୍ତିଭୂମି ହୋଇନାହିଁ। ଉଦଘାଟନ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ରୋଗୀ ସେବାକୁ ଗୁରୁତ୍ୱ ଦେଉଥିବା ବେଳେ ଖୋଦ ରାଜଧାନୀ ଉପକଣ୍ଠରେ ଉଦଘାଟନ ଆଳରେ ନେତା ଓ କର୍ମୀଙ୍କ ମାନଙ୍କ ସହିତ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀ ମାନେ ବ୍ୟସ୍ତ ରହିଥିଲେ ।

ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ବୈଠକ

ସୁବର୍ଣ୍ଣପୁର,୨୧।୩(ସଂଚାର ବ୍ୟୁରୋ): ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକ ଅନୁଯାୟୀ ପ୍ରତ୍ୟେକ ରାଜନୈତିକ ଦଳ ଦ୍ୱାରା ପ୍ରତିବୁଥ୍‌ରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକିୟା ଆରମ୍ଭ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅନ୍ୟା ଦାସ ଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳମାନଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋକପାତ କରିଥିଲେ। ଜିଲ୍ଲାର ପ୍ରତି ବୁଥରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଜିଲ୍ଲାପାଳ ଶ୍ରୀମତୀ ଦାସ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏ ମାନେ